Vol.-I, Issue No. -9
1-15 July, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ

## Odisha Sanket


ବାଣୀଙ୍କ ଘୋଡ଼ାଚଢ଼ା ଶିକ୍ଷା

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118

# ବଂଶବାଦ ରାଜନୀତିକୁ ଆକ୍ରମଣ, ୪୦ ବର୍ଷ ଶାସନର ଦମ୍ଭୋକ୍ତି

## ଓଲଟା ଚଷମା

ଭୁବନେଶ୍ୱର : ନିକଟରେ ବିଜେପିର ଜାତୀୟ କାର୍ଯ୍ୟକାରିଣୀର ହାଇଦ୍ରାବାଦ ବୈଠକରେ ବଂଶବାଦ ରାଜନୀତି ଉପରେ ଆକ୍ରମଣ କରାଯାଇ ୪୦ବର୍ଷ କାଳ ଦେଶରେ ବିଜେପିର ଶାସନ ଚାଲିବ ବୋଲି ଦମ୍ଭୋକ୍ତି ପ୍ରକାଶ କରାଯାଇଛି। ଯେଉଁସବୁ ରାଜ୍ୟଗୁଡ଼ିକ ଅଣବିଜେପି ଦ୍ୱାରା ଶାସିତ ହେଉଛନ୍ତି ବା ଯେଉଁରାଜ୍ୟଗୁଡ଼ିକୁ ବିଜେପିର ପ୍ରବେଶ ସହଜ ହୋଇନାହିଁ ସେହିସବୁ ରାଜ୍ୟରେ ଖୁବଶୀଘ୍ର ବିଜେପି ଶାସନ କରିବ ବୋଲି କୁହାଯାଇଛି।

ବାସ୍ତବରେ ଦେଶରେ ଧାର୍ମିକବହୁଳ ଭାବଧାରାକୁ ନେଇ ବିଜେପି ଯେଉଁପରି ଭାବରେ ରାଜନୀତି କରୁଛି ଓ ସେହି ଭାବଧାରାକୁ ଦେଶର ଅନେକ ଗଣମାଧ୍ୟମ ସମର୍ଥନ ଯୋଗାଉଛନ୍ତି ସେଥିରେ ଯେଉଁସବୁ ରାଜ୍ୟମାନଙ୍କରେ ଏହି ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରାଯାଉଛି ସେହିସବୁ ରାଜ୍ୟମାନଙ୍କରେ କ୍ଷମତାସୀନ ଦଳଗୁଡ଼ିକ ଆଂଚଳିକ, ଭାଷାଗତ ବା ସାମାଜିକ ଆଧାରରେ ନିଜ ନିଜ ଦଳ ସପକ୍ଷରେ ଯେଉଁ ପରିଚୟ ସୃଷ୍ଟି କରିଛନ୍ତି ସେଗୁଡ଼ିକ ବଂଶଗତ ବା ବ୍ୟକ୍ତିଗତ ଲିଗାସି ଉପରେ ଆଧାରିତ, ଯେପରି ତାମିଲନାଡୁରେ ଡିଏମକେ ରାଜନୀତି। ସେହିପରି ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ, ତେଲେଙ୍ଗାନାରେ କେସିଆର, ଆନ୍ଧ୍ରରେ ୱାଇଏସଆରର ଜଗନମୋହନ ପ୍ରଭୃତି, ଏପରିକି ଉତରପ୍ରଦେଶରେ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟି ଓ ବିହାରରେ ରାଷ୍ଟ୍ରୀୟ ଜନତା ଦଳ ବଂଶଗତ ରାଜନୀତି ଦ୍ୱାରା ପ୍ରଭାବିତ ବୋଲି ବାରମ୍ବାର ଅଭିଯୋଗ କରାଯାଉଛି। ଏମାନଙ୍କ ରାଜନୀତି ବିଜେପିର ଧର୍ମଭିତିକ ରାଜନୀତିଠାରୁ ଭିନ୍ନ। ଏମାନେ ପ୍ରତି ରାଜ୍ୟରେ ବିଜେପିର ଧର୍ମ ବହୁଳତା ହିନ୍ଦୁତ୍ୱ ରାଜନୀତିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସେମାନଙ୍କୁ ଦୁର୍ବଳ କରିବା ପାଇଁ ବଂଶଗତ ରାଜନୀତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଫର୍ମୁଲାରେ ୧୩୦ବର୍ଷର କଂଗ୍ରେସ ଦଳ ଯାହାକି ଦେଶ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା ସେହି ଦଳକୁ ଦୁର୍ବଳ କରାଯାଇଛି। କଂଗ୍ରେସ ଦଳ ଏହି ଫର୍ମୁଲାକୁ ପ୍ରତିହତ ନକରି ମୂଲ୍ୟବୃଦ୍ଧି, ବେକାରୀ, ଧାର୍ମିକ ବିଭାଜନ ରାଜନୀତି ଓ ଜାତୀୟ ନିରାପତ୍ତା ନେଇ ବିଭିନ୍ନ ପ୍ରଶ୍ନ ଉଠାଉଛନ୍ତି। କିନ୍ତୁ ଆଂଚଳିକ ଦଳମାନଙ୍କ କ୍ଷେତ୍ରରେ ବଂଶଗତ ରାଜନୀତି ସହିତ ଗୋଟିଏ ଦଳର ସାମାଜିକ, ଭାଷାଗତ ଓ ପ୍ରଗତିର ଯେଉଁ ପରିଚୟ ରହିଛି ତାହାକୁ ବଂଶବାଦ ରାଜନୀତି ବ୍ୟତୀତ ବଂଚାଇ ରଖିବା ଅତ୍ୟନ୍ତ କଷ୍ଟକର। ସେଥିପାଇଁ ଅକାଳି ଦଳ ରାଜନୀତିରେ ପ୍ରକାଶ ସିଂ ବାଦଲ ପରିବାରର ପ୍ରଭାବ ବା କାଶ୍ମୀର ରାଜନୀତିରେ ଫାରୁକ ଅବଦୁଲ୍ଲା ପରିବାରର ପ୍ରଭାବକୁ ଆପଣ ଏଡ଼ାଇ ପାରିବେ ନାହିଁ।

ଦକ୍ଷିଣ ଭାରତରେ ବିଜେପି ଦୁର୍ବଳ ଅବସ୍ଥାରେ ଥିଲେ ମଧ୍ୟ ସେଗୁଡ଼ିକ ପରବର୍ତୀ ଅବସ୍ଥାରେ ବିଜେପି ଅଧୀନକୁ ଆସିବ ବୋଲି ଆଶାପ୍ରକାଶ କରାଯାଉଛି। ଦିଲ୍ଲୀରେ ଆଠବର୍ଷ ହେଲା କ୍ଷମତାରେ ଥିବା ଓ ଭାରତର ଅର୍ଦ୍ଧାଧିକ ରାଜ୍ୟ ବିଜେପି ଅଧୀନକୁ ଆସିଯାଇଥିବାର ସୁଯୋଗରେ କୌଣସି ରାଜନୈତିକ ଦଳ ଏପରି ଆଶା ଓ ଦମ୍ଭୋକ୍ତି ପ୍ରକାଶ କରିବାରେ ତ୍ରୁଟିନାହିଁ ବୋଲି କୁହାଯାଇପାରେ। ବିଶେଷ ଭାବରେ ମହାରାଷ୍ଟ୍ରରେ ଯେଉଁଭଳି ଭାବରେ ମହାବିକାଶ ଅଗାଡ଼ି ସରକାରକୁ ଶିବସେନାରେ ବିଦ୍ରୋହ ଯୋଗୁ ଗାଦିଚ୍ୟୁତ କରାଯାଇ ବିଜେପି ସାହାଯ୍ୟରେ ଶିବସେନାର ବିଦ୍ରୋହୀ ଗୋଷ୍ଠୀ କ୍ଷମତାସୀନ ହୋଇଛନ୍ତି ସେଥିରେ ଏ ଧରଣର ଦମ୍ଭୋକ୍ତି ପଛରେ ଯୁକ୍ତି ଅଛି ବୋଲି ଅନେକ ପର୍ଯ୍ୟବେକ୍ଷକ ମତଦେଇପାରନ୍ତି। ଆଶ୍ଚର୍ଯ୍ୟର କଥା ବିଜେପି ଏହି ସରକାର ପତନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ଓ ମହାରାଷ୍ଟ୍ର ବିଧାନସଭାରେ ସବୁଠାରୁ ବଡ଼ ଦଳ ହୋଇଥିଲେ ମଧ୍ୟ ବିଦ୍ରୋହୀ ଶିବସେନା ଗୋଷ୍ଠୀର ନେତା ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ବିଜେପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫର୍ଣ୍ଣାଡିଭିସଙ୍କୁ ଉପମୁଖ୍ୟମନ୍ତ୍ରୀ ଆସନରେ ବସାଇ ନୂଆ ସରକାର ଗଠନ କରିଛନ୍ତି। ଏଠାରେ ଅସଲ ଉଦ୍ଦେଶ୍ୟ ଯେ, ବାଲସାହେବ ଠାକରେଙ୍କର ଯେଉଁ ଲିଗାସିକୁ ନେଇ ଉଦ୍ଧବ ଠାକରେ ନେତୃତ୍ୱ ପାଇଛନ୍ତି ତାହାକୁ ସବୁଦିନ ପାଇଁ ଦୁର୍ବଳ କରିବା।



କାରଣ ଉଦ୍ଧବ ଠାକରେ ହେଉଛନ୍ତି ବାଲସାହେବ ଠାକରେଙ୍କର ପୁତ୍ର ଓ ତାଙ୍କ ଜୀବିତ ଅବସ୍ଥାରେ ପରବର୍ତୀ ନେତୃତ୍ୱ ଭାର ସେ ତାଙ୍କୁ ହସ୍ତାନ୍ତର କରିଥିଲେ। ଏକନାଥ ସିନ୍ଦେ ମଧ୍ୟ ବାଲସାହେବଙ୍କ ଦ୍ୱାରା ମନୋନୀତ ଜଣେ ଶିବସୈନିକ ଭାବରେ କାମ କରି ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଠାକରେଙ୍କ ଲିଗାସି ପାଇଁ ସେ ଦାବି କରିପାରିବେ। ଏହି ଦୁଇଗୋଷ୍ଠୀ ଭିତରେ ବିଭାଜନ ଯୋଗୁ ଠାକରେ ଲିଗାସୀ ଦୁର୍ବଳ ହୋଇଯିବ। ଫଳରେ ସଂପୂର୍ଣ୍ଣ ମହାରାଷ୍ଟ୍ରକୁ ନିଜ ଅଧୀନକୁ ଆଣିବା ପାଇଁ ବିଜେପି ଏକ ସୁଯୋଗ ହାସଲ କରିବ। ବଂଶବାଦ ରାଜନୀତି ବିରୋଧରେ ବିଜେପିର ଯେଉଁ ଆକ୍ରମଣ ଚାଲିଛି ସେଥିରେ ମହାରାଷ୍ଟ୍ର ବି ସାମିଲ ହୋଇଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆସାମ ଭାଷା ଓ ସଂସ୍କୃତିକୁ ନେଇ ଆସାମ ଛାତ୍ର ଆନ୍ଦୋଳନ ସମୟରେ ଯେଉଁ ରାଜନୈତିକ ପରିସ୍ଥିତି ସୃଷ୍ଟି ହୋଇଥିଲା ସେଥିରୁ ଆସାମ ଗଣପରିଷଦ ଜନ୍ମ ନେଇଥିଲା। ଛାତ୍ରମାନଙ୍କୁ ନେଇ ଗଠିତ ଏହି ଦଳ ଦୁଇଥର କ୍ଷମତା ପାଇଥିଲେ ମଧ୍ୟ ନେତୃତ୍ୱ ନେଇ କୌଣସି ବିଶେଷ ପରିଚୟ ସୃଷ୍ଟି ନକରିପାରିବା ଫଳରେ ଏହି ଭାବଧାରାର ଫାଇଦା ବିଜେପି ନେଇଥିଲା। ଆସାମ ଗଣପରିଷଦ ନେତାମାନଙ୍କୁ ବିଜେପିରେ ସାମିଲ କରାଯାଇଥିଲା। ଠିକ୍ ଏହିପରି ଏକ ସ୍ଥିତି ବାଲାସାହେବ ଠାକରେ ଲିଗାସି ଖତମ ହେଲା ପରେ ବିଜେପି ପାଇଁ ସୃଷ୍ଟିହେବ ବୋଲି ଆଶା କରାଯାଇ ଏକନାଥ ସିନ୍ଦେଙ୍କ ଅଧୀନରେ ଦେବେନ୍ଦ୍ର ଫର୍ଣ୍ଣାଡିଭିସ୍‌ଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି।

ବିଜେପି ଆସନ୍ତା ୪୦ବର୍ଷ ଶାସନ କଲେ ଭାରତ ପ୍ରକୃତରେ ବିଶ୍ୱଗୁରୁ ହୋଇପାରିବ ବୋଲି ଯେଉଁମାନେ କହୁଛନ୍ତି ଏବେ ଆଠ ବର୍ଷ ଭିତରେ ଭାରତର ଆନ୍ତର୍ଜାତିକ ମର୍ଯ୍ୟାଦା, ଗଣତନ୍ତ୍ରରେ ଏହାର ସ୍ଥାନ, ମାନବ ଅଧିକାର କ୍ଷେତ୍ରରେ ଏହାର ଅବସ୍ଥା, ଗଣମାଧ୍ୟମ ସ୍ୱାଧୀନତା ସୂଚାଙ୍କରେ ଭାରତର ସ୍ଥାନ ସହିତ ବିଶ୍ୱ ପରିବେଶ ସୂଚାଙ୍କରେ ଭାରତର ସ୍ଥାନକୁ ଅନୁଧ୍ୟାନ କରିବା ଉଚିତ। ଡବଲ୍ ଇଞ୍ଜିନର ସରକାର ପ୍ରଗତି ରାସ୍ତାକୁ ତ୍ୱରାନ୍ୱିତ କରିବ ବୋଲି କହିବା ପୂର୍ବରୁ ଡବଲ ଇଞ୍ଜିନ ଥିବା ରାଜ୍ୟଗୁଡ଼ିକର ବର୍ତମାନର ଅବସ୍ଥାନକୁ ଦେଖିବା ଉଚିତ। କେବଳ ଗୁଜୁରାଟ, ଯାହାକି ପ୍ରଥମରୁ ହିଁ ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ ଭାବରେ ରହିଛି ତାହାକୁ ଛାଡ଼ିଦେଲେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର ପ୍ରଭୃତି ବହୁ ଡବଲ୍ ଇଞ୍ଜିନ ଥିବା ରାଜ୍ୟ ଦେଶରେ ବହୁ ପଛରେ ଥିବା ସମୟରେ ଡବଲ ଇଂଜିନ ଶାସନ ଯାଇନଥିବା ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକ ଆର୍ଥିକ ଓ ସାମାଜିକ ବିକାଶରେ ସବୁଠାରୁ ଆଗରେ ଅଛନ୍ତି। ଅସଲକଥା ହେଉଛି ଦେଶର ସାମ୍ବିଧାନିକ ମୂଲ୍ୟବୋଧ ଭିତିରେ ଶାସନ ପାଇଁ ଅଙ୍ଗୀକାର ହେଉଥିବା ସରକାର କେବଳ ଦଳୀୟ ପ୍ରଭାବ ବୃଦ୍ଧି ପାଇଁ ଯଦି ସଂଖ୍ୟାବହୁଳ ଧାର୍ମିକ ଭାବନା ଉପରେ କାର୍ଯ୍ୟକରେ ଓ ସଂଖ୍ୟାଲଘୁମାନଙ୍କୁ ଘୃଣାକରେ ତେବେ ଦେଶର ପ୍ରଗତି କିପରି ସମ୍ଭବହେବ? ଏପରିକି ନିକଟରେ ସୁପ୍ରିମକୋର୍ଟ ଗୁଜୁରାଟ ଦଙ୍ଗା ସଂକ୍ରାନ୍ତୀୟ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳର (ଏସଆଇଟି) ଏକ କ୍ଲୋଜର ରିପୋର୍ଟ ଉପରେ ପ୍ରଧାନମନ୍ତ୍ରୀ, ଯିଏକି ସେତେବେଳେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ ତାଙ୍କୁ କ୍ଲିନଚିଟ୍ ଦେବା ପାଇଁ ଯେଉଁ ରାୟ ଦେଲେ ସେଥିରେ ନ୍ୟାୟ ପାଇଁ ଲଢୁଥିବା ସାମାଜିକ କର୍ମୀ ତିଷ୍ଟା ଶୀତଲବାଦ ଓ ପୂର୍ବତନ ପୋଲିସ ଅଫିସର ଆର.ବି. ଶ୍ରୀକୁମାରଙ୍କୁ ଗୁଜୁରାଟ ସନ୍ତ୍ରାସବାଦ ନିରୋଧୀ ପୋଲିସ ଗିରଫ କରି ଜେଲ୍‌କୁ ପଠାଇ ଦେଇଛନ୍ତି। ଯିଏ ନ୍ୟାୟ ପାଇଁ ଲଢ଼ିଲା ତାଙ୍କୁ ଜଣେ ଆଶାୟୀ ଭାବରେ ଅଭିଯୁକ୍ତ କରି ଜେଲ୍‌କୁ ପଠାଇଦେବା କଦାପି ଗ୍ରହଣୀୟ ନୁହେଁ। ୨୦୦୮ରେ ସୁପ୍ରିମକୋର୍ଟ ହିଁ ଏହି ଏସଆଇଟି ଗଠନ କରିଥିଲେ। ଏ ସଂକ୍ରାନ୍ତରେ ସଂପୃକ୍ତ କ୍ଷତିଗ୍ରସ୍ତ ବ୍ୟକ୍ତି ଓ ଶୀତଲବାଦ ଯଦି ବାରମ୍ବାର ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟକୁ ଆସିଲେ ତେବେ ଅଦାଲତ ଏହାକୁ ଖାରଜ କରିଦେଇପାରିଥାନ୍ତେ। କିନ୍ତୁ ତାହା ନକରି ଏମାନେ କାହିଁକି ବାରମ୍ବାର ନ୍ୟାୟ ପାଇଁ ଆସୁଛନ୍ତି ବୋଲି ଉଲ୍ଲେଖକରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖକରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ସୁପ୍ରିମକୋର୍ଟରେ ଅଧିକାଂଶ ପୂର୍ବତନ ବିଚାରପତି ଓ ଆଇନ ବିଶାରଦମାନେ ସୁପ୍ରିମକୋର୍ଟ ଏପରି ଲେଖିପାରନ୍ତି ବୋଲି ବିଶ୍ୱାସ କରିପାରୁନାହାନ୍ତି। ସୁପ୍ରିମକୋର୍ଟ ଯାହା ଲେଖିଲେ ମଧ୍ୟ ଯେହେତୁ ମାମଲାଟି ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରକରି ଉଦ୍ଦିଷ୍ଟ ସେହେତୁ ନିଜଆଡୁ ସେ ନ୍ୟାୟ ପାଇଁ ଲଢୁଥିବା ବ୍ୟକ୍ତିମାନଙ୍କୁ ସହାନୁଭୂତି ସହିତ ଦେଖିବା ପାଇଁ ପରାମର୍ଶ ଦେଇପାରିଥାନ୍ତେ। କିନ୍ତୁ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ରାୟ ବାହାରିବା କ୍ଷଣି ଏକ ସାକ୍ଷାତକାର ଯେପରି ଭାବରେ ସମୁଦାୟ ଘଟଣାକୁ ବର୍ଣ୍ଣନା କଲେ ଓ ନ୍ୟାୟ ପାଇଁ ଲଢୁଥିବା ଶୀତଲବାଦ ଓ ଶ୍ରୀକୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ସଂପର୍କରେ ଉଲ୍ଲେଖକଲେ ସେଥିରେ ଗୁଜୁରାଟ ପୋଲିସ ଆଦୌ ଅପେକ୍ଷା ନକରି ସେମାନଙ୍କୁ ଗିରଫ କରିଦେଲା। ପୋଲିସର ଏହି କାର୍ଯ୍ୟ ଉପରୁ ଦୃଷ୍ଟି ନଯାଉଣୁ ଅଲ୍ଟ ନ୍ୟୁଜ୍‌ର ଜଣେ ସହପ୍ରତିଷ୍ଠାତା ମହମ୍ମଦ ଜୁବିଲ, ଯିଏକି ଗତ କିଛିବର୍ଷ ଭିତରେ ଭାରତରେ ଘୃଣାଭାବ ପ୍ରଚାର କ୍ଷେତ୍ରରେ ହେଉଥିବା ସମସ୍ତ ମିଥ୍ୟା ସମ୍ବାଦଗୁଡ଼ିକ ଖଣ୍ଡନ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି ତାଙ୍କୁ ୨୦୧୮ର ଏକ ଟୁଇଟ୍ ଉପରେ ଦିଲ୍ଲୀ ପୋଲିସ ଗିରଫ କରାଗଲା। ଆଶ୍ଚର୍ଯ୍ୟର କଥା ମାଜିଷ୍ଟ୍ରେଟ୍ ଏହିଭଳି ଏକ ଗିରଫଦାରୀକୁ କୋର୍ଟରୁ ଖଲାସ ଆଦେଶ ଦେବା ପରିବର୍ତେ ପୋଲିସର ଅନୁରୋଧ କ୍ରମେ ପାଂଚଦିନ ରିମାଣ୍ଡରେ ପଠାଇଦେଲେ। ଜାମିନ ନାମଂଜୁର ହେବାରୁ ସେ ଜେଲରେ ଅଛନ୍ତି। କିନ୍ତୁ ସେ ଭାରତର ଏପରି ଜଣେ ସାମ୍ବାଦିକ ଯିଏକି ଅନେକ ମିଥ୍ୟା ଓ ଅସତ୍ୟ ପ୍ରଚାରର ତଥ୍ୟକୁ ପଦାକୁ ଆଣୁଥିଲେ। ସାମ୍ବାଦିକ ମହଲରେ ତାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଛି। କିନ୍ତୁ ଏହି ନ୍ୟୁଜ୍ ସଂସ୍ଥା ବା ମହମ୍ମଦ ଜୁବିଲ ବିଜେପି ପ୍ରବକ୍ତା ନୂପୁର ଶର୍ମା ଟେଲିଭିଜନ ବିତର୍କରେ ମୁସଲିମ ଧର୍ମଗୁରୁଙ୍କ ବିଷୟରେ ଯେଉଁ ଆପତିଜନକ ବା ଅଶାଳୀନ ମନ୍ତବ୍ୟ ଦେଇଥିଲେ ତାହାକୁ ସାରା ଦୁନିଆରେ ପହଁଚାଇବାରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ଟେଲିଭଜନର ଯେଉଁ ଆଙ୍କର ଏହି ବାର୍ତାଳାପରେ ଥିଲେ ସେ କୌଣସି ପ୍ରତିବାଦ କରିନଥିବା ଦର୍ଶାଇଥିଲେ। ବାସ୍ତବିକ ତାଙ୍କର ସାରା ବିଶ୍ୱକୁ ଏହି ଖବର ଜଣାଇବା ପରେ ମୁସଲମାନ ସଂପ୍ରଦାୟ ଦେଶମାନଙ୍କରୁ ଓ ବିଶେଷ ଭାବରେ ଆରବ ଦେଶମାନଙ୍କରୁ ଭାରତ ବିରୋଧରେ କଡ଼ା ପ୍ରତିକ୍ରିୟା ଆସିଥିଲା। ଭାରତ ସରକାର ନୂପୁରୁ ଶର୍ମାଙ୍କୁ ଫ୍ରିଞ୍ଜ ବୋଲି ଉଲ୍ଲେଖ କରିଥିଲେ ମଧ୍ୟ ବିଜେପି ତାଙ୍କୁ ଦଳରୁ ବହିଷ୍କାର କରିଦେଇଥିଲା। କିନ୍ତୁ ଏହା ଭିତରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ନୂପୁର ଶର୍ମା ଗିରଫ ହୋଇନଥିଲେ। ଭାରତରେ ମୁସଲିମମାନେ ଏହା ବିରୋଧରେ ପ୍ରତିବାଦ କରିବା ଓ କେତେକ ସ୍ଥାନରେ ହିଂସାକାଣ୍ଡ ଘଟାଇବା ପରେ ବିକ୍ଷୋଭକାରୀଙ୍କ ଘର ମଧ୍ୟ ବୁଲଡ୍ରୋଜରରେ ଉଡ଼ାଇ ଦିଆଗଲା। ସାରା ଦେଶରେ ନୂପୁରଙ୍କ ବିରୋଧରେ ଏତଲା ଦାୟର ପରେ ସେ ଆତ୍ମଗୋପନ କରି ସବୁ ମାମଲାଗୁଡ଼ିକ ଗୋଟିଏ ସ୍ଥାନକୁ ଆଣି ଏକାଠି ବିଚାର କରିବାକୁ ସୁପ୍ରିମକୋର୍ଟରେ ଆଶ୍ରୟ ନେଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏହି ଘଟଣାରେ ଅତ୍ୟନ୍ତ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ନୂପୁର ଶର୍ମା ହିଁ ଦେଶରେ ସବୁ ଅଶାନ୍ତିର ମୂଳ ମଞ୍ଜି ଓ ଦେଶର ନିରାପତା ପ୍ରତି ଏକ ବିପଦ ବୋଲି ମତଦେଇଥିଲେ। ବାସ୍ତବରେ ସୁପ୍ରିମକୋର୍ଟ ଏହି ମତଦାନରେ ନୂପୁର ଶର୍ମାଙ୍କ ଉପରେ ଯେପରି କଟୁମନ୍ତବ୍ୟ କଲେ ଓ ଏପରିକି ଉଦୟପୁରରେ ଜଣେ ଟେଲରର ମୁଣ୍ଡକାଟ ତାଙ୍କ ଯୋଗୁ ହେଲା ବୋଲି ଯାହାସବୁ କହିଲେ ସେଥିରେ ନୂପୁର ଶର୍ମା ସମର୍ଥକମାନେ ଉତକ୍ଷୀପ୍ତ ହୋଇଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟର ଏହି ମନ୍ତବ୍ୟ ବିରୋଧରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ଆସୁଛି। ଯାହାକୁ ନେଇ ସୁପ୍ରିମକୋର୍ଟର ସଂପୃକ୍ତ ଜଜ୍ ସାମାଜିକ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ପାଇଁ ଆହ୍ୱାନ ଦେଇଛନ୍ତି।

ଅସଲକଥା ହେଉଛି ଦେଶରେ ପରିବେଶକୁ କେବଳ ଖରାପ କରାଯାଉନାହିଁ ଓ କେବଳ ଗୋଟିଏ ଦଳ ଦେଶରେ ଶାସନ କରିବ ଏହି ମନୋବୃତି ନେଇ ତଥାକଥିତ କେନ୍ଦ୍ରୀୟ ଏଜେନ୍ସୀଗୁଡ଼ିକୁ ଯେପରି ବ୍ୟବହାର କରାଯାଉଛି ତାହା ଦେଶର ରାଜନୀତିକୁ ଅଧିକ କର୍ଦ୍ଦମାକ୍ତ କରୁଛି। ଆଠବର୍ଷ ପୂର୍ବରୁ ଇଡି ବିଷୟରେ ସାଧାରଣ ଲୋକମାନଙ୍କର କୌଣସି ଧାରଣା ନଥିଲା। ଏବେ କିନ୍ତୁ ପ୍ରତ୍ୟେକ ବିରୋଧୀ ଦଳର ନେତା, ଏନଜିଓ ଓ ଭିନ୍ନମତ ପ୍ରକାଶ କରୁଥିବା କର୍ପୋରେଟ ବା ବ୍ୟବସାୟୀମାନେ ଇଡି ଭୟରେ କାଳାତିପାତ କରୁଛନ୍ତି। ଏପରିକି ଇଡି ଜରିଆରେ ମହାରାଷ୍ଟ୍ରରେ ଦଳବଦଳ ନାଟକ ସମ୍ଭବ ହେଲା ବୋଲି କେତେକ ଅଭିଯୋଗ କରୁଛନ୍ତି। ନିକଟରେ ଦେଶର ମୁଖ୍ୟ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଇଡି ଦ୍ୱାରା ୫୦ ଘଂଟା କାଳ ଜେରାର ସମ୍ମୁଖୀନ ହେବା ପରେ ଅସୁସ୍ଥ ଥିବା ସୋନିଆ ଗାନ୍ଧୀଙ୍କୁ ମାସଶେଷ ବେଳକୁ ଡକାଯିବ ବୋଲି ସୂଚନା ମିଳିଛି। ଗୋଟିଏ ପକ୍ଷରେ ବଂଶଗତ ରାଜନୀତି ବିରୋଧରେ ସ୍ଲୋଗାନ ସହିତ ଭିନ୍ନମତାଲମ୍ବୀଙ୍କ ବିରୋଧରେ ଇଡିର ଭୟ ରାଜନୈତିକ ପରିବେଶକୁ ଏପରି ଅବସ୍ଥାକୁ ନେଇଛି ଯେଉଁଠାରେ ବିରୋଧୀ ବା ଭିନ୍ନମତ ରାଜନୀତିକୁ ସ୍ୱାଭାବିକ ଭାବେ କରିବା ଅସମ୍ଭବ ହୋଇଛି। ଏହା ଗଣତନ୍ତ୍ର ପାଇଁ କଦାପି ଶୁଭସଂକେତ ନୁହେଁ।

## ‘ପ୍ରିକସନ୍ ଡୋଜ୍ ମାଗଣା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ’



ଭୁବନେଶ୍ୱର : ପ୍ରିକସନ୍ ଡୋଜ୍‌କୁ ନେଇ ରାଜ୍ୟରେ ଲୋକଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାର କେବଳ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଓ ୬୦ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣାରେ ପ୍ରିକସନ୍ ଡୋଜ୍ ଦେଉଛନ୍ତି। ୧୮-୫୯ବର୍ଷର ଲୋକଙ୍କୁ ଘରୋଇ ହସ୍ପିଟାଲରେ ଟଙ୍କା ଦେଇ ଟିକା ନେବାକୁ ପଡୁଛି। ତେବେ ୧୫-୫୯ବର୍ଷର ଲୋକଙ୍କୁ ପ୍ରିକସନ୍ ଡୋଜ୍ ମାଗଣାରେ ଦିଆଯିବ କି ନାହିଁ କେନ୍ଦ୍ର ସରକାର ଏହାର ନିଷ୍ପତ୍ତି ନେବେ। ଆବଶ୍ୟକ ପଡିଲେ ପ୍ରିକସନ୍ ଡୋଜ୍ ମାଗଣା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ। ଶ୍ରୀ ଧଳ କହିଛନ୍ତି ଯେ ଚଳିତ ସପ୍ତାହରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ବୈଠକ ବସିବ। ବୈଠକରେ ପ୍ରିକସନ୍ ଡୋଜ୍ ସଂପର୍କରେ ଆଲୋଚନା କରାଯିବ। ଏବେ ଭୁବନେଶ୍ୱର, କଟକ, ରାଉରକେଲା ଓ ପୁରୀରେ କରୋନା ସଂକ୍ରମଣ ବଢୁଛି। ମାତ୍ର ସ୍ଥିତି ନିୟନ୍ତ୍ରଣରେ ରହିଛି। ରାଜ୍ୟରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୩ହଜାରରୁ ଅଧିକ ରହିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୯୯ ପ୍ରତିଶତ ଲୋକ ଘରେ ପୃଥକବାସରେ ଥିବା ବେଳେ ମାତ୍ର ୧ ପ୍ରତିଶତ ଲୋକ ହସ୍ପିଟାଲରେ ଭର୍ତି ହେଉଛନ୍ତି। ରାଜ୍ୟରେ ୧ମାସ ତଳେ ୧୦ ହଜାର କୋଭିଡ ନମୁନା ପରୀକ୍ଷା ହେଉଥିବା ବେଳେ ଏବେ ୧୫ହଜାର ଟେଷ୍ଟିଂ ହେଉଛି। ରବିବାର ଓ ଅନ୍ୟ ଛୁଟି ଦିନରେ ଟେଷ୍ଟିଂ କମ୍ ରହିବ। ତେବେ ଦିନକୁ ୨୫ହଜାର ଟେଷ୍ଟିଂ କରିବାର ଯୋଜନା କରାଯାଉଥିବା ଶ୍ରୀ ଧଳ ସୂଚନା ଦେଇଛନ୍ତି।

## ଗୋଆ ପରେ ଉତ୍ତରାଖଣ୍ଡ କଂଗ୍ରେସରେ ଫାଟ

ନୂଆଦିଲ୍ଲୀ: ଭୁଶୁଡୁଛି କଂଗ୍ରେସ । ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନରେ ପରାଜୟ ପରେ ଦଳରେ ଚାଲିଛି ଇସ୍ତଫା ପର୍ବ। ଗୋଆ ପରେ ଉତ୍ତରାଖଣ୍ଡ କଂଗ୍ରେସରେ ଫାଟ। ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳ ଛାଡୁଛନ୍ତି ଅନେକେ ନେତା। ଗୋଆ କଂଗ୍ରେସରେ ସମସ୍ୟାକୁ ନେଇ ଦଳ ଆକ୍ଟିଭ ହୋଇଥିବା ବେଳେ ଉତ୍ତରାଖଣ୍ଡ କଂଗ୍ରେସରେ ବିଦ୍ରୋହୀଙ୍କ ମେଳି । ଦଳ ଛାଡ଼ିଛନ୍ତି ଉତ୍ତରାଖଣ୍ଡରେ ଦୁଇ କଂଗ୍ରେସ ବିଧାୟକ । ସେପଟେ ବିଜେପିରୁ ତଡ଼ା ଖାଇ କଂଗ୍ରେସରେ ସାମିଲ ହୋଇଥିବା ହରକ ସିଂ ରାୱତଙ୍କ ଘରେ ତୁଙ୍ଗ ନେତାଙ୍କ ବୈଠକ ଦଳର ଟେନସନ ବଢ଼ାଇଛି। ୨୦୨୨ ବିଧାନସଭା ନିର୍ବାଚନରେ କଂଗ୍ରେସର ହାର ପରେ ଅନେକ ଦଳ ଛାଡ଼ିଛନ୍ତି । ସେପଟେ ଗୋଆ କଂଗ୍ରେସରେ ବି ଅଲ ଇଜ ନଟ ଓ୍ୱେଲ । ଦଳର ୫ ବିଧାୟକଙ୍କ ସହ ସମ୍ପର୍କ ହୋଇପାରୁ ନଥିବା ବେଳେ ସେମାନେ ବିଜେପିରେ ସାମିଲ ହେବା ଆଶଙ୍କା କରାଯାଉଛି ବୋଲି ଗୋଆ କଂଗ୍ରେସ ପ୍ରଭାରୀ ଦୀନେଶ ଗୁଣ୍ଡୁ ରାଓ । ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗମ୍ବର କାମତ ଓ ବିଧାୟକ ମାଇକେଲ ଲୋବୋ ଦଳ ବିରୋଧରେ ଷଡ଼ଯନ୍ତ୍ର ରଚୁଥିବା ଅଭିଯୋଗ ହୋଇଛି।

## ଛୋଟ ତ୍ରୁଟି ପାଇଁ ଦରଖାସ୍ତ ବାତିଲ୍ କଲା ଓପିଏସସି

# ଓସିଏସ୍ ପରୀକ୍ଷା ଦେଇପାରିବେନି ୭୦୩୯ ଆଶାୟୀ




କଟକ : ଓଡିଶା ଲୋକସେବା ଆୟୋଗ( ଓପିଏସ୍‌ସି) ପରିଚାଳନା କରୁଥିବା ପରୀକ୍ଷା ମଧ୍ୟରୁ ଅନ୍ୟତମ ତଥା ସବୁଠୁ ଉଚ୍ଚ ପଦବିର ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା (ଓସିଏସ୍) ପାଇଁ ଆଜି ଏକ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ନଂ ୬୨୭୬ ବଳରେ ଓପିଏସ୍‌ସି ଓଡିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷା ପାଇଁ ଆବେଦନ କରିଥିବା ଆବେଦନକାରୀ ମଧ୍ୟରୁ ୭୦୩୯ଟି ଆବେଦନକୁ ବାତିଲ ବା ନାକଚ୍ କରିଦେଇଛି। ଅର୍ଥାତ ଏହି ୭୦୩୯ଜଣ ଆଶାୟୀ ଓଡିଶା ସଭିଲ ସର୍ଭିସ ପରୀକ୍ଷାର ପ୍ରିଲିମ୍ ପରୀକ୍ଷା ଦେଇପାରିବେ ନାହିଁ। ଅନ୍‌ଲାଇନ୍‌ରେ ଆବେଦନ କରିଥିବା ଦରଖାସ୍ତକାରୀ ମାନେ କିଛି ଛୋଟ ତ୍ରୁଟି ଯୋଗୁଁ ଏହି ପରୀକ୍ଷା ଦେବାରୁ ବଂଚିତ ହୋଇଛନ୍ତି। ତେବେ ଓପିଏସ୍‌ସି ଏକକାଳୀନ ଏତେସଂଖ୍ୟକ ଆବେଦନକୁ ନାକଚ୍ କରିଦେବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଫର୍ମପୂରଣ ଜନିତ ତ୍ରୁଟି ଯୋଗୁଁ ଦରଖାସ୍ତ ସବୁକୁ ନାକଚ୍ କରି ଓପିଏସ୍ ?ସି ବୋଝ ହାଲୁକା କରିବା ପାଇଁ ଉଦ୍ୟମ କରୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୨୧-୨୨ ବର୍ଷର ଓସିଏସ୍ ପରୀକ୍ଷା ପାଇଁ ବିଜ୍ଞାପନ (ନଂ-୨୫) ପ୍ରକାଶ ପାଇଥିଲା। ଏଥିପାଇଁ ଗତ ଜାନୁଆରି ୧୦ ତାରିଖରୁ ଆବେଦନ ଆରମ୍ଭ ହୋଇଥିଲା। ଆବେଦନ କରିବାର ଶେଷ ତାରିଖ ଫେବ୍ରୁଆରି ୧୮ ତାରିଖ ରଖାଯାଇଥିଲା। ଓଡିଶା ସିଭିଲ ସର୍ଭିସ୍ (ଗ୍ରୁପ୍ ଏ ଓ ବି)ର ମୋଟ ୪୦୫ ପଦବି ପାଇଁ ଏହି ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଅନ୍‌ଲାଇନ୍‌ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆଶାୟୀମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିଥିଲେ। ତେବେ ଫର୍ମ ପୂରଣରେ ଅଭ୍ୟସ୍ତ ନ ଥିବାରୁ କିଛି ତ୍ରୁଟି ରହିଥିଲା। ଏହି କାରଣରୁ ଓପିଏସ୍‌ସି ଏତେସଂଖ୍ୟକ ଦରଖାସ୍ତ ବାତିଲ୍ କରିଛି। ଦରଖାସ୍ତ ବାତିଲର କାରଣ ମଧ୍ୟ ଓପିଏସ୍‌ସି ତାର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରିଛି। ବ୍ୟକ୍ତିଗତ ବିବରଣୀ, ଠିକଣା ବିବରଣୀ, ଫିଜିକାଲ୍ ମେଜରମେଣ୍ଟ୍, ଶିକ୍ଷାଗତ ଯୋଗ୍ୟତାର ବିବରଣୀ ନଥିବା ଓ କିଛି ତଥ୍ୟ ପ୍ରମାଣପତ୍ର ଅପଲୋଡ୍ ହୋଇ ନଥିବାରୁ ଅଧିକାଂଶଙ୍କ ଦରଖାସ୍ତ ବାତିଲ ହୋଇଥିବା ଦର୍ଶାଯାଇଛି। ଏତେସଂଖ୍ୟକ ଦରଖାସ୍ତ ବାତିଲ୍ କରାଯିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନଙ୍କୁ ଆବେଦନ ପାଇଁ ଆଉଥରେ ସୁଯୋଗ ଦେବାକୁ ଦାବି ହୋଇଛି। ପୂର୍ବରୁ କେବଳ ପରୀକ୍ଷା ଫି’ ଦେଉ ନଥିବା କାରଣରୁ କିଛି ଆଶାୟୀଙ୍କ ଆବେଦନ ବାତିଲ ହେଉଥିଲା। ମାତ୍ର ଏଥର ବହୁସଂଖ୍ୟାରେ ଆବେଦନ ବାତିଲ ହୋଇଛି। ତିନିସ୍ତରର ପରୀକ୍ଷା ହେଉଥିବାରୁ ଏମାନଙ୍କ ପାଇଁ ସମୟ ସୁଯୋଗ ରହିଲେ ଭଲ ହେବ। ସବୁ ଦିଗକୁ ବିଚାରକୁ ନେଇ ଏହାର ଆଉ ଥରେ ଯାଞ୍ଚ୍ କରାଗଲେ ଭଲ ହେବ ବୋଲି ଓପିଏସ୍‌ସିର ଜଣେ ପୂର୍ବତନ ସଭ୍ୟ ମତ ରଖିଛନ୍ତି। ଅନ୍‌ଲାଇନ୍‌ରେ ଆବେଦନ କରାଯାଉଥିବାରୁ ଏଭଳି ତ୍ରୁଟି ହୋଇଥିବା କଥା ଆଶାୟୀମାନେ କହିଛନ୍ତି।

ବର୍ଷବର୍ଷ ଧରି ଏହି ସମ୍ମାନଜନକ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିବା ଆଶାୟୀଙ୍କୁ ପରୀକ୍ଷାରୁ ବଂଚିତ କରା ନଯାଉ। ଏଥିପାଇଁ ତିନିସ୍ତରରେ ପରୀକ୍ଷା ହେଉଥିବା ବେଳେ ଛୋଟ ଛୋଟ ତ୍ରୁଟି ପାଇଁ ଏତେସଂଖ୍ୟକ ଆଶାୟୀଙ୍କୁ ପ୍ରିଲିମ୍ ପରୀକ୍ଷାରୁ ବଂଚିତ କରାଯାଉଥିବାରୁ ବୁଦ୍ଧିଜୀବୀ, ଅଭିଭାବକ ନାପସନ୍ଦ କରିଛନ୍ତି।



# ଆତ୍ମହତ୍ୟା କାହିଁକି ?

ପ୍ରଣତି ପାତ୍ର

ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନକୁ ବିଗାଡ଼ିବା ପାଇଁ ସାମାଜିକ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଗଣମାଧ୍ୟମରେ ଲୋଭନୀୟ ତଥ୍ୟ ଯୋଗୁ ବିଦ୍ୟା ଅପେକ୍ଷା ମନୋରଂଜନକୁ ବିଦ୍ୟାର୍ଥୀ ଅଧିକ ଗୁରୁତ୍ୱ ଦେଉଛନ୍ତି । ଖାଇବା ପାଇଁ ନୁଡୁଲ୍ସ ଓ ଗୋଟିଏ ମୋବାଇଲ ଫୋନ୍ ହାତରେ ଧରେଇ ଦେଲେ ପିଲା ହେଉ ବା ଯୁବକ ସବୁକିଛି ଭୁଲିଯାଇ ନିମଗ୍ନ ହୋଇଯାଉଛି । ମୁଖ୍ୟତ ୧୩-୧୯ ବର୍ଷ ବୟସର କିଶୋର କିଶୋରୀମାନଙ୍କ ଶରୀର ମଧ୍ୟରେ ହେଉଥିବା ପରିବର୍ତ୍ତନ ଯୋଗୁ ସେମାନେ ଅତ୍ୟଧିକ ମାନସିକ ଭାବାବେଗକୁ ଅନୁଭବ କରିଥାନ୍ତି । ଏହି ସମୟରେ ସେମାନଙ୍କ ମନୋସ୍ଥିତିକୁ ଉଚିତ ମାର୍ଗଦର୍ଶନ ଆବଶ୍ୟକ ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁସାରେ ଆମ ଦେଶରେ ପ୍ରତିଦିନ ୨୮ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି । ୨୦୨୦ ମସିହାରେ ଭାରତରେ ୧୨୫୨୬ ଜଣ ବିଦ୍ୟାର୍ଥୀ ଆତ୍ମହତ୍ୟା କରିଥିଲେ। ୧୯୯୫ରୁ ୨୦୨୦ ମଧ୍ୟରେ ପ୍ରାୟ ୧ଲକ୍ଷ ୮ ହଜାର ବିଦ୍ୟାର୍ଥୀ ନିଜ ଜୀବନ ହରାଇଥିଲେ, ଯାହା ମଧ୍ୟରେ କେବଳ ୨୦୨୦ରେ ସର୍ବାଧିକ ଆତ୍ମହତ୍ୟା ରେକର୍ଡ କରାଯାଇଛି । ଏହି ୧୨୫୨୬ ଆତ୍ମହତ୍ୟା ମଧ୍ୟରୁ ଶତକଡ଼ା ୫୩ ପ୍ରତିଶତ (୬୫୯୮) କେସ୍ ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ କର୍ଣ୍ଣାଟକର । ଏଥିମଧ୍ୟରୁ ୧୪୬୯ଜଣ ଓଡ଼ିଶାରୁ ଅଛନ୍ତି । ଏହି ମୃତ୍ୟୁଗୁଡ଼ିକ ମଧ୍ୟରେ ୧୯ରୁ ୨୯ବର୍ଷର ବିଦ୍ୟାର୍ଥୀ ସର୍ବାଧିକ ଅଛନ୍ତ।

ନିକଟରେ ଭୁବନେଶ୍ୱରରେ ଘଟିଯାଇଥିବା ବିଜେବି କଲେଜ ଛାତ୍ରୀ, ଏକ ଘରୋଇ କଲେଜ୍‌ରେ ପଢୁଥିବା ଏମସିଏ ଛାତ୍ରୀ ଏବଂ ୟୁନିଟ୍ ୧ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀର ଆଦିବାସୀ ଛାତ୍ରୀ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି । ବିଗତ ପାଂଚ ବର୍ଷ ମଧ୍ୟରେ ଓଡ଼ିଶାରେ ତିନି ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି ।

ପ୍ରତ୍ୟେକ ଆତ୍ମହତ୍ୟା କୌଣସି ବ୍ୟକ୍ତିଗତ ଦାରୁଣ ବେଦନାର ପରିଣତି ରୂପେ ପରିବାର, ଗୋଷ୍ଠୀ ତଥା ସମାଜ ଉପରେ କୁପ୍ରଭାବ ପକାଇଥାଏ । ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ପରି ଚରମ ନିଷ୍ପତି ନେବା ନିଶ୍ଚୟ ଏକ ଉଦବେଗଜନକ ବିଷୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥାଏ ଏବଂ ଭାରତ ବର୍ଷରେ ରୋଗ ବ୍ୟତୀତ ଆତ୍ମହତ୍ୟାଜନିତ ମୃତ୍ୟୁ ଦ୍ୱିତୀୟ ମୁଖ୍ୟ କାରଣ ରୂପେ ଉଭା ହୋଇଛି । ଏହି ସମସ୍ତ ଘଟଣା ଦ୍ୱାରା



ଯୁବଗୋଷ୍ଠୀ ବିଶେଷ ଭାବରେ ପ୍ରଭାବିତ ହେଉଛନ୍ତି ।

ବିଦ୍ୟାର୍ଥୀମାନଙ୍କ ଆତ୍ମହତ୍ୟାର କାରଣ ମଧ୍ୟରେ ରହିଛି ପରୀକ୍ଷାରେ ଅସଫଳ ହେବା, ପରୀକ୍ଷାରେ ଭଲ ନମ୍ବର ରଖିବା ନିମନ୍ତେ ପିତାମାତାଙ୍କ ତରଫରୁ ଅତ୍ୟଧିକ ଚାପ, ପ୍ରେମରେ ଅସଫଳତା, ସଂପର୍କରେ ଧୋକା, ପ୍ରିୟଜନଙ୍କ ମୃତ୍ୟୁ, ନିଶାସେବନ, ଦାରିଦ୍ର୍ୟତା, ଋଣବୋଝ, ବେକାରୀ ସମସ୍ୟା, ନିଃସଙ୍ଗତା ଓ ର୍‍ୟାଗିଂ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁସାରେ ଭାରତରେ ୧୩-୧୫ ବର୍ଷର ବିଦ୍ୟାର୍ଥୀ ମଧ୍ୟରେ ପ୍ରତି ୪ଜଣଙ୍କ ମଧ୍ୟରୁ ଜଣେ ବିଷାଦଗ୍ରସ୍ତ ଅଛନ୍ତି । ଏହି ପିଲାମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ । କୌଣସି ସମସ୍ୟାର ସମାଧାନ ନିମନ୍ତେ ମରିଯିବାକୁ ଏକ ସମାଧାନର ପନ୍ଥା ବୋଲି ଭାବିଥାନ୍ତି । ଏପରି ପିଲାମାନଙ୍କ ମଧ୍ୟରୁ ମାତ୍ର ଏକ ପ୍ରତିଶତ ବିଦ୍ୟାର୍ଥୀମାନଙ୍କୁ ମାନସିକ ଅବସାଦ ନିମନ୍ତେ ଡାକ୍ତରୀ ଚିକିତ୍ସା କିମ୍ବା ପରାମର୍ଶର ସୁବିଧା ମିଳିଥାଏ ।

ଭାରତରେ ମାନସିକ ଅବସାଦ ନିମନ୍ତେ ଡାକ୍ତରୀ ପରାମର୍ଶ ନେବାକୁ ନାପସନ୍ଦ କରାଯାଏ । ତେଣୁ ଦୀର୍ଘଦିନ ଧରି ଅବସାଦଗ୍ରସ୍ତ ଥିବା ପିଲାଟି ଶେଷରେ ମାନସିକ ଭାରସାମ୍ୟ ହରାଏ ଏବଂ ଚରମ ନିଷ୍ପତ୍ତି ନିଏ । ମାନସିକ ଅବସାଦ ଏକ କ୍ରମାଗତ ବିକଶିତ ହେଉଥିବା ସ୍ଥିତି । ବିଦ୍ୟାର୍ଥୀଟିର ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିମାନେ ଜଣେ ସୁସ୍ଥ ଓ ମାନସିକସ୍ତରରେ ଅସୁସ୍ଥ ଥିବା ଛାତ୍ରକୁ କେତୋଟି ଲକ୍ଷଣ ମାଧ୍ୟମରେ ଚିହ୍ନଟ କରିପାରିବେ । ଆଜିକାଲି ୫ବର୍ଷର ପିଲା କହୁଛି - ମୋତେ ଟେନସନ ହେଉଛି । ଚିନ୍ତା, ଅଶାନ୍ତି, ବିଷାଦ ପରି ଶବ୍ଦ ଛୋଟ ପିଲାଙ୍କ ଶବ୍ଦକୋଷରେ ନଥିଲା । ଆଜିକାଲି ଛୋଟ ଛୋଟ ପିଲାମାନେ ମଧ୍ୟ ଏକ ଶାନ୍ତ ମନ ଓ ଅଶାନ୍ତ ମନ ମଧ୍ୟରେ ପାର୍ଥକ୍ୟ ବାରିପାରୁଛନ୍ତି । ହେଲେ ଅବସାଦଗ୍ରସ୍ତ ଅବସ୍ଥାରୁ କେମିତି ମୁକୁଳିବେ, ଏହି ଜ୍ଞାନର ଅଭାବ ରହିଛି । ନିଜ ସମସ୍ୟା ବିଷୟରେ ପିତାମାତା କିମ୍ବା ବନ୍ଧୁମାନଙ୍କୁ କହିବା ପରିବର୍ତ୍ତେ ମୋବାଇଲ୍ ଫୋନ୍ କିମ୍ବା ସୋସିଆଲ ମିଡିଆରେ ନିଜ ସମସ୍ୟାର ସମାଧାନ ଖୋଜୁଛନ୍ତି । ପିଲାମାନଙ୍କ ନିଃସଙ୍ଗତାର ଏକ ପ୍ରମୁଖ କାରଣ ହେଉଛି ଏକକ ପରିବାର । ଯେଉଁ ଘରେ ପିତାମାତା ଉଭୟେ ଜୀବିକା ନିମନ୍ତେ ଅଧିକାଂଶ ସମୟ ବାହାରେ ରହନ୍ତି ପିଲାଟି ନିଜ ରୁମ୍‌ରେ ଏକୁଟିଆ କୌଣସି ମାର୍ଗଦର୍ଶନ ବିନା ନିଜ ଜୀବନକୁ ନିଜ ମନ ମୁତାବକ ପରିଚାଳିତ କରିଥାଏ । ପୂର୍ବକାଳରେ ଯୌଥ ପରିବାର ମଧ୍ୟରେ ଜେଜେବାପା, ଜେଜେମା, ଦାଦା ଖୁଡ଼ି, ଭାଇଭଉଣୀ, ସାହିପଡ଼ିଶା ଭିତରେ ସେ କେତେବେଳେ ଏକୁଟିଆ ଅନୁଭବ କରୁନଥିଲେ । ଏବେ ନିଃସଙ୍ଗତା ଯୋଗୁ ପିଲାମାନଙ୍କ ମନ ଭାରସାମ୍ୟ ହରାଉଛି । ସେମାନେ ମନର କଥା ଶୁଣାଇଲା ଭଳିଆ ମଣିଷଟିଏ ପାଉନାହାନ୍ତି । ସାଙ୍ଗସାଥୀ ନିଜ ନିଜ ପାଠପଢ଼ା, ପିତାମାତାଙ୍କ ଅଭିଳାଷ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଛନ୍ଦିହୋଇ ରହିଥିବା ବେଳେ ଚାପଗ୍ରସ୍ତ ପିଲାଟିଏ ନିଛକ ବନ୍ଧୁଟିଏ ପାଉନାହିଁ ।

ବିଗତ ତିନି ଦଶନ୍ଧି ମଧ୍ୟରେ ପାଠପଢ଼ାରେ ପ୍ରତିଦ୍ୱନ୍ଦ୍ୱିତା ଅନ୍ୟ ଏକ ଅନିୟନ୍ତ୍ରିତ ସ୍ତରରେ ପହଁଚିଲାଣି । ପୂର୍ବରୁ ଗୋଟିଏ କ୍ଲାସରେ ଥିବା ୩୦-୫୦ ପିଲାଙ୍କ ମଧ୍ୟରେ ପିଲାଟିକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଥିଲା । ପରବର୍ତ୍ତୀ ସମୟରେ ଏହା ଜିଲ୍ଲାସ୍ତରୀୟ ଓ ଜାତୀୟସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ପରୀକ୍ଷା ଅନୁଷ୍ଠିତ ହେଉଛି, ଯେଉଁଥିରେ ଲକ୍ଷାଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ନିଜ ସନ୍ତାନକୁ ସର୍ବଭାରତୀୟ ସ୍ତରରେ ସର୍ବାଧିକ ର୍‍ୟାଙ୍କରେ ଦେଖିବା ନିମନ୍ତେ ବାପା ମା ଲକ୍ଷ ଲକ୍ଷ ଟଙ୍କା କୋଚିଂ ସେଣ୍ଟରରେ ମଧ୍ୟ ଖର୍ଚ୍ଚ କରୁଛନ୍ତି । ଛାତ୍ରଟି ସକାଳେ ମହାବିଦ୍ୟାଳୟରେ ପାଠପଢ଼ାର ଚାପର ସମ୍ମୁଖୀନ ହୋଇଥିବ ଏବଂ ସନ୍ଧ୍ୟାରେ କୋଚିଂ ସେଣ୍ଟରରେ ପ୍ରତିଦ୍ୱନ୍ଦିତା ଦୌଡ଼ରେ ସାମିଲ ହେବ । ପିଲାଟି ନିଜ ମାନସିକ ଅବସ୍ଥା ବିଷୟରେ ଅଭିଯୋଗ କଲେ ପିତାମାତା କେବଳ ତା' ପାଇଁ ଦିନରାତି ପରିଶ୍ରମ କରି ରୋଜଗାର କରୁଛନ୍ତି ଏବଂ ଅପର୍ଯ୍ୟାପ୍ତ ଟଙ୍କା ତା ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି ବୋଲି କୁହନ୍ତି ।

ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନକୁ ବିଗାଡ଼ିବା ପାଇଁ ସାମାଜିକ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଗଣମାଧ୍ୟମରେ ଲୋଭନୀୟ ତଥ୍ୟ ଯୋଗୁ ବିଦ୍ୟା ଅପେକ୍ଷା ମନୋରଂଜନକୁ ବିଦ୍ୟାର୍ଥୀ ଅଧିକ ଗୁରୁତ୍ୱ ଦେଉଛନ୍ତି । ଖାଇବା ପାଇଁ ନୁଡୁଲ୍ସ ଓ ଗୋଟିଏ ମୋବାଇଲ ଫୋନ୍ ହାତରେ ଧରେଇ ଦେଲେ ପିଲା ହେଉ ବା ଯୁବକ ସବୁକିଛି ଭୁଲିଯାଇ ନିମଗ୍ନ ହୋଇଯାଉଛି । କରୋନା ସମୟରେ ଯେଉଁ ବିଦ୍ୟାର୍ଥୀ ଅନଲାଇନ୍ କ୍ଲାସ ନିମନ୍ତେ ମୋବାଇଲ ବ୍ୟବହାର କରୁଥିଲେ ସେମାନେ ଆଜି ମୋବାଇଲ ନିଶାଗ୍ରସ୍ତ । ହ୍ୱାଟସଆପ୍, ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବ ବିନା ଆଉ ଦଣ୍ଡେ ରହିହେଉନାହିଁ । ମୁଖ୍ୟତଃ ୧୩-୧୯ ବର୍ଷ ବୟସର କିଶୋର କିଶୋରୀମାନଙ୍କ ଶରୀର ମଧ୍ୟରେ ହେଉଥିବା ପରିବର୍ତ୍ତନ ଯୋଗୁ ସେମାନେ ଅତ୍ୟଧିକ ମାନସିକ ଭାବାବେଗକୁ ଅନୁଭବ କରିଥାନ୍ତି । ଏହି ସମୟରେ ସେମାନଙ୍କ ମନୋସ୍ଥିତିକୁ ଉଚିତ ମାର୍ଗଦର୍ଶନ ଆବଶ୍ୟକ ।

ଆଜିକାଲି ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଆବାସିକ ବିଦ୍ୟାଳୟରେ ଦେଖିବାକୁ ମିଳୁଛି । ଆଶ୍ଚର୍ଯ୍ୟର କଥା, ହଷ୍ଟେଲରେ ଶହ ଶହ ପିଲାଙ୍କ ମଧ୍ୟରେ ରହୁଥିବା ବିଦ୍ୟାର୍ଥୀର ମାନସିକ ସ୍ଥିତି ବିଷୟରେ ତା ରୁମ୍‌ରେ ରହୁଥିବା ସହପାଠୀ କିମ୍ବା ହଷ୍ଟେଲ କର୍ତ୍ତୃପକ୍ଷ ଆଭାସ ମଧ୍ୟ ପାଇପାରୁନାହାନ୍ତି । ଆତ୍ମହତ୍ୟା କରିବାକୁ ଯାଉଥିବା ବିଦ୍ୟାର୍ଥୀଟିଏ କେମିତି ଚତୁରତାର ସହ ନିଜ ମାନସିକ ସ୍ଥିତିକୁ ଲୁଚେଇ ପାରୁଛି ନା ଆମେ ସେମାନଙ୍କ ବ୍ୟବହାର, ଚାଲିଚଳଣୀର ପରିବର୍ତ୍ତନ ଲକ୍ଷ୍ୟ କରିବାର କଳା ହରେଇ ବସିଛୁ ? ଏତେବଡ଼ ପୃଥିବୀରେ ବିଦ୍ୟାର୍ଥୀଟିଏ କାହିଁକି କାହାକୁ ନିଜ ମନକଥା ଖୋଲି କହିପାରେ ନାହିଁ ? ଘଟଣା ଘଟିଗଲା ପରେ ପିତାମାତା, ସାଙ୍ଗସାଥୀ କ୍ଷୋଭପ୍ରକାଶ କରନ୍ତି ଯେ, ବ୍ୟକ୍ତିଟି କାହିଁକି ଥରୁଟିଏ ଆତ୍ମହତ୍ୟା କରିବାକୁ ଯାଉଛୁ ବୋଲି କହିଲା ନାହିଁ । ହୁଏତ ସେ କାହାକୁ ନିଜର ଆପଣାର ବୋଲି ଭାବିପାରିଲା ନାହିଁ ।

ସେ ଯାହାହେଉ, ନିକଟରେ ଘଟିଯାଇଥିବା ଘଟଣା ଓ ରିପୋର୍ଟରେ ଦର୍ଶାଯାଇଥିବା ଆତ୍ମହତ୍ୟାର ସଂଖ୍ୟା ଦେଶ ପାଇଁ ଏକ ସତର୍କଘଣ୍ଟି । ଗୁଣାତ୍ମକ ଶିକ୍ଷା ସହିତ ପିଲାମାନଙ୍କୁ ଏକ ସୁସ୍ଥ ଶୈକ୍ଷିକ ପରିବେଶ ଯୋଗାଇଦେବା ହେଉଛି ଶିକ୍ଷାନୁଷ୍ଠାନମାନଙ୍କ ମୌଳିକ କର୍ତ୍ତବ୍ୟ । ଛୋଟଛୋଟ ଅପମାନ ବା ଅସଫଳତା ସହିପାରୁନଥିବା ଯୁବଗୋଷ୍ଠୀ ଏକ ଦୁର୍ବଳ ଅସୁସ୍ଥ ସମାଜକୁ ଜନ୍ମଦିଅନ୍ତି । ମାନବସଭ୍ୟତାର ଇତିହାସରେ ଏମିତି କିଏ ମଣିଷ ଅଛି, ଯିଏ ଜୀବନରେ ଘାତ ପ୍ରତିଘାତର ସମ୍ମୁଖୀନ ନହୋଇଛି ? ଜୀବନର ବିପତ୍ତି ଓ ଘାତି ପ୍ରତିଘାତକୁ ସାହସର ସହିତ ସମ୍ମୁଖୀନ କରିନଥିଲେ ଆଜି ଇତିହାସରେ ମହାତ୍ମାଗାନ୍ଧୀ, ଗୌତମ ବୁଦ୍ଧ, ଆବ୍ରାହମ ଲିଙ୍କନ, ସକ୍ରେଟସ୍ ପରି ମହାମାନବମାନଙ୍କୁ ଦେଖିନଥାଆନ୍ତେ ।

ଯୁବ ସମାଜ ହେଉଛି ଦେଶର ଶକ୍ତି । ଆଜି ଦେଶ ଲୋଡୁଛି ଏକ ସୁସ୍ଥ, ଦୃଢ, ଆତ୍ମବିଶ୍ୱାସୀ, ସାହାସୀ ଓ ଉଦ୍ୟମୀ ଯୁବଗୋଷ୍ଠୀ, ଯିଏ ଯେକୌଣସି ପରିସ୍ଥିତିକୁ ସାମନା କରିବ ।

ମୋ- ୯୪୩୭୧୩୪୮୮୮



# ମାଉସୀ ମା' ପୋଡ଼ ପିଠା

ଡ଼. ଦୁଃଖୀଶ୍ୟାମ ମିଶ୍ର

ପୋଡ଼ପିଠା ପ୍ରସ୍ତୁତି ଖୁବ୍ ନିଆରା ଏବଂ ଏହା ପୁରୁଣା କାଳର ଏକ ଆମୋଦପୂର୍ଣ୍ଣ ଖାଦ୍ୟ । ହୁଏତ, ଏବେର ପିଲାମାନେ ମାଟିଚୁଲି ପୋଡ଼ପିଠା ପାଇବେନି କି ପାଇଲେ ପସନ୍ଦ ନକରିପାରନ୍ତି । ଯେମିତି ଏବେର ପିଜ୍ଜା ଓ ବର୍ଗର୍ ଆମ ସଂସ୍କୃତିର ସେହି ପାରମ୍ପରିକ ପୋଡ଼ପିଠାକୁ ନିଜେ ଗିଳିଦେଇଛି । ଆହୁରି ମଧ୍ୟ ଏବେର ସହରୀ ଚୂଳଣି ଓ ଗ୍ୟାସ୍ ଚୁଲିରେ ସେ ପୋଡପିଠାର ସର୍ଜନା ବା କିଏ କରିପାରିବ ? ଅତିବେଶୀରେ ମାଇକ୍ରୋୱେଭ୍ ଦ୍ୱାରା କେବେ କେକ୍ ପାଉଡର୍ ଓ ଅନ୍ୟାନ୍ୟ ମସଲା ଏବଂ ଅଣ୍ଡାଗୋଳେଇ ରଖିଦେଲେ ତାହା ପୋଡ଼ପିଠାର ଅନୁରୂପ ବୋଲି ଧରି ନିଆଯାଏ । ହେଲେ ତାହାପୋଡ଼ପିଠା ପ୍ରତି ତାଚ୍ଛଲ୍ୟ ମାତ୍ର ।

ଓଡ଼ିଶା ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ପ୍ରଥା ଓ ପରମ୍ପରା ଅନନ୍ୟ । ଓଡିଶାରେ ବାରମାସରେ ଯେଉଁ ତେର ପର୍ବ ହୁଏ, ତହିଁ ଭିତରେ ଆମ ଶ୍ରୀମନ୍ଦିର, ବିଭିନ୍ନ ଢଙ୍ଗରଙ୍ଗର ଯାବତୀୟ ରୀତିନୀତି, ବେଶଭୂଷା, ବିଭୂଷଣ ଓ ସୁଆଦିଆ ଖାଦ୍ୟ ପେୟ ଦ୍ୱାରା ପରାଙ୍ଗପୁଷ୍ଟ ।

ଜଗନ୍ନାଥ ସଂସ୍କୃତିରେ ଜଡିତ ବିଭିନ୍ନ ପରମ୍ପରା ସଂଲଗ୍ନ ଭୋଗରାଗ ନୈବେଦ୍ୟ ପ୍ରଭୃତି ବ୍ୟଞ୍ଜନ ବା ମଣୋହି କରିବା ଅତ୍ୟନ୍ତ ମନୋରମ । କଥାରେ ଏହା ବର୍ଣ୍ଣନା କରାଯାଏ ଯେ ବାଉନ ଭଣ୍ଡାର ମା' ମହାଲକ୍ଷ୍ମୀ ଚଞ୍ଚଳା ମା' ମହାପ୍ରଭୁଙ୍କୁ ଭୋଜନ ପରିବେଷଣ ଉତ୍ତାରୁ ନିଜ ହାତରୁ ଶ୍ରୀମୁଖକୁ ଖଣ୍ଡେ ପୋଡପିଠା ବଢାଇ ଦିଅନ୍ତି । ଖାଦ୍ୟପେୟ ସମାପନ ଅନ୍ତେ ଯେଉଁ ରସାମୋଦର ଖୋରାକଟିଏ ଲୋଡା ପଡେ, ତାହା ଏହି ପୋଡ଼ ପିଠାର ସୁଆଗ ଦ୍ୱାରା ମହାପ୍ରଭୁଙ୍କୁ ନିତାନ୍ତ ତୃପ୍ତିରେ ଭରିଦିଏ ।

ସେହିପରି ସନ୍ଧ୍ୟା ନବମୀରେ ମହାପ୍ରଭୁ ନିଜ ଭକ୍ତମାନଙ୍କୁ ଗୁଣ୍ଡିଚ଼ା ବାଡିରେ ଶେଷ ଦର୍ଶନ ଦେଲା ପରେଆଷାଢ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ମହାପ୍ରଭୁ ଭ୍ରାତା ଓ ଭଗିନୀଙ୍କ ସହିତ ପୁଣି ଗୁଣ୍ଡିଚ଼ା ମନ୍ଦିରରୁବାହୁଡା ଯାତ୍ରା କରିଥାଆନ୍ତି । ଖଣ୍ଡୁଆ ଓ ବୋଇରାଣୀ ପାଟରେ ଶରଧା ରଖି କାକରା ଓ ମାଣ୍ଡୁଅରେସୁଆଗ ରଖୁଥିବା ମହାପ୍ରଭୁ ବଡ଼ଦାଣ୍ଡର ମଝିରେ ଠିଆ ଥିବା ମାଉସୀ ମା' - ଅର୍ଦ୍ଧଶୋଷିଣୀଙ୍କ ମନ୍ଦିରପାଖେ ରହି ତାଙ୍କ ହାତରନ୍ଧା ପୋଡ଼ ପିଠା ଗ୍ରହଣ କରି ବଡ଼ଦେଉଳ ପ୍ରତ୍ୟାବର୍ତ୍ତନ କରନ୍ତି ।



ପ୍ରବାସରେ ରହି ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥାରୂଢ ଦୃଶ୍ୟରେ ପୋଡ ପିଠା ଅର୍ପଣ ସମୟରେ ସେଭାବ ଉଦ୍ରେକ କରୁଥିବା ହାତ ଟେକିଦେଲା ଭଳି ଆଖିଲଗା ଚ଼ାହାଣି ଦେଖି ମନ ଅତି ଭାବବିହ୍ୱଳ ହୋଇଉଠିଲା ।

ହଠାତ୍, ମନ କେଉଁ ଏକ ଅକୁହା ଗହ୍ୱରକୁ ଚ଼ାଲିଗଲା । ବୋଉଙ୍କ ହାତ ତିଆରି ପୋଡ଼ପିଠାର ମାଦକତା ମନେପଡି ମନକୁ ଅବଶ କରିଦେଲା । ବର୍ଷାଦିନର ସମୟ । ଯେଉଁ ଦିନ ସକାଳୁ ଚୁଲି ଉପରେପାଉଁଶଘେରା କଢେଇ ଥାଏ, ସେଦିନ ପୋଡପିଠା ଲୋଭରେ ସବୁ ଭାଇ ଭଉଣୀ ଦାନ୍ତ ମଞ୍ଜନ କରିଚୁଲିପାଖ ଘେରି ବସିଥାଉ । ବୋଉ ଆସିବେ ସକାଳୁ ସକାଳୁ ବାସିକାମ ଓ ଗାଧୋଇ ସାରିପୋଡ଼ପିଠାକୁ ପରିଷ୍କାର କରି ପ୍ରଥମେ ଠାକୁରଙ୍କୁ ଓ ମା ଦୁର୍ଗା ମଙ୍ଗଳାଙ୍କୁ ପାଣି ଛଡାଇ ସମସ୍ତଙ୍କ ପାଇଁଭାଗବଣ୍ଟା କରନ୍ତି । ତାକୁ ଚ଼ାହିଁ ବସିଥାଉ ଜଳଖିଆ ପାଇଁ । ବେଳେ ବେଳେ ରାତିରେ ନିଦ ଭାଙ୍ଗିଯାଏ ଓ ପୋଡପିଠା ଖାଇବା ଲାଳସାରେ ଜଣାପଡେ ନାହିଁ - ରାତି ଅଛି କି ସକାଳ ହୋଇଗଲା । ବୋଉମାନଙ୍କ ପକ୍ଷରେ ଏତେ ଧୈର୍ଯ୍ୟ ଓ ବଳ କେମିତି ଆସେ ? ରାତି ଖାଇବା ସମସ୍ତଙ୍କୁ ଦେଲା ପରେ ଚ଼ାଉଳଚୂନା, ଗୁଡ, ନଡିଆ ଖଣ୍ଡ, ଗୁଜରାତି ଓ ଅନ୍ୟାନ୍ୟ ମସଲା ଏବଂ ଲୁଣକୁ ମିଶାଇ ପିଠଉକୁ ଗୋଟିଏ ଲୁହାକଡାଇରେ କଦଳୀପତ୍ର ଦେଇ ଖଞ୍ଜି ଦିଅନ୍ତି । ତା ଉପରେ କାଠ ରଡ଼ନିଆଁ ଦେଇ ଚୁଲି ତଳୁ ଓ ଉପରୁଗରମ ବାମ୍ଫ ଦ୍ୱାରା ସିଝାଯାଏ । ଆମେ ସମସ୍ତେ ଶୋଇ ପଡିଥାଉ । ବୋଉଙ୍କର କେତେ ରାତିକୁ କାମସରେ ଜଣାପଡେ ନାହିଁ, କିନ୍ତୁ ସକାଳୁ ଉଠି ଆମେ ପ୍ରସ୍ତୁତି ବେଳକୁ ବୋଉଙ୍କ ସକାଳ ବାସିକାମ ସାରି ସେ ବି ପ୍ରସ୍ତୁତ ଯେ ଆମେମାନେ ସମୟ ଥାଇ ପୋଡ଼ପିଠା ଜଳଖିଆ କରିବୁ ।

ପୋଡ଼ପିଠା ପ୍ରସ୍ତୁତି ଖୁବ୍ ନିଆରା ଏବଂ ଏହା ପୁରୁଣା କାଳର ଏକ ଆମୋଦପୂର୍ଣ୍ଣ ଖାଦ୍ୟ । ହୁଏତ, ଏବେର ପିଲାମାନେ ମାଟିଚୁଲି ପୋଡ଼ପିଠା ପାଇବେନି କି ପାଇଲେ ପସନ୍ଦ ନକରିପାରନ୍ତି । ଯେମିତି ଏବେର ପିଜ୍ଜା ଓ ବର୍ଗର୍ ଆମ ସଂସ୍କୃତିର ସେହି ପାରମ୍ପରିକ ପୋଡ଼ପିଠାକୁ ନିଜେ ଗିଳିଦେଇଛି । ଆହୁରି ମଧ୍ୟ ଏବେର ସହରୀ ଚ଼ୂଳଣି ଓ ଗ୍ୟାସ୍ ଚୁଲିରେ ସେ ପୋଡପିଠାର ସର୍ଜନା ବା କିଏ କରିପାରିବ ? ଅତିବେଶୀରେ ମାଇକ୍ରୋୱେଭ୍ ଦ୍ୱାରା କେବେ କେକ୍ ପାଉଡର୍ ଓ ଅନ୍ୟାନ୍ୟ ମସଲା ଏବଂ ଅଣ୍ଡାଗୋଳେଇ ରଖିଦେଲେ ତାହା ପୋଡ଼ପିଠାର ଅନୁରୂପ ବୋଲି ଧରି ନିଆଯାଏ । ହେଲେ ତାହାପୋଡ଼ପିଠା ପ୍ରତି ତାଚ୍ଛଲ୍ୟ ମାତ୍ର ।

ବର୍ଷାଦିନର ସକାଳୁ ସକାଳୁ ବିଲ ହିଡ଼ ତାଳଗଛରୁ କଳାହାଣ୍ଡିଆ ତାଳ ଖସିଥାଏ । ପିଲାମାନେ ପ୍ରତିଯୋଗିତା କଲା ଭଳି ରାତିରୁ ଉଠି ତାଳ ଖୋଜି ଆଣନ୍ତି ଘରକୁ । ଆମେ ଆଣିଥିବା ତାଳକୁ ରାଙ୍କି ତାଦୋରୁଅ ପୋଡ଼ପିଠାର ପିଠଉରେ ଗୋଳେଇ ବୋଉଙ୍କର ଯୋଉ ପୋଡ଼ପିଠା , ତାକୁ ଏବେବି ମନେପକାଇଲେ କଳ ଜକେଇ ଆସେ ସିନା, ତାକୁ ପାଇବା ଏବେ ସ୍ୱପ୍ନ । ଆଉ ମଧ୍ୟ ତାଳ ଗଜା ଖୁଙ୍କୁ ଆଉଚ଼ାଉଳକୁ ଶିଳପୁଆ ଦ୍ୱାରା ବାଟି ଯେଉଁ ସରୁଚ଼କୁଳି କରନ୍ତି, ତାହା ଏବେବି ଜିହ୍ୱା କୁ ଲାଳେଇ ଦିଏ ।ବୋଉଙ୍କ ବୟସ ଏବେ କାମ ଉପଯୋଗୀ ନୁହେଁ ବା ଆମ ଏବ ସମୟ ସହରରେ, ଗାଁ ଓ ତାର ମାଦକତାଠାରୁ ବହୁଦୂରରେ ।

ଏହି ପ୍ରସଙ୍ଗରେ ମନେ ପଡେ ତଳ ଉପରର ଦୁଇଭାଇ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପାଠ ପଢୁଥାଆନ୍ତି ।ମା' ତାଙ୍କର ନିଜ ପୁରୁଣା ଶାଢୀ କାନିରେ ଗୋଟିଏ ଛୋଟ ଡେକ୍‌ଚ଼ି ଓ ଟିଫିନ ବାନ୍ଧିଥାଆନ୍ତି ପିଲାଙ୍କ ହାତରେ । ଖେଳଛୁଟି ସମୟରେ ସମସ୍ତ ପିଲାମାନେ ଖେଳରେ ନିମଗ୍ନ ହୋଇ ମାତିଥିଲା ବେଳେଦୁଇଭାଇ ସ୍କୁଲ ପାଖ ପୋଖରୀ କୂଳରେ ମା' ଶାଢୀ କାନି ବନ୍ଧା ଡେକ୍‌ଚ଼ିର ଘୁଗୁନି ଓ ପୋଡ଼ପିଠା ଟିଫିନ୍ ରୁକାଡି ବିକିବା ପାଇଁ ବସିଥାନ୍ତି । ବରପତ୍ରର ଦନାରେ ୨୫ ପଇସାର ଘୁଗୁନି ଓ ଖଣ୍ଡେ ୨୫ ପଇସାର ପୋଡ଼ପିଠା । କେତେଥର କିଣି ଖାଇଛୁ, ସେ ପୋଡ଼ପିଠା ଏବେ ବି ମନରୁ ଭୁଲି ହେଉନାହିଁ ।

ଘର ପରିସ୍ଥିତି ସ୍ୱଚ୍ଛଳ ନଥିବାରୁ ଭାଇ ଦୁଇଟି ପଢିବା ସଙ୍ଗେ ସଙ୍ଗେ କିଛି ପଇସା ରୋଜଗାର କରିବାପାଇଁ ସଙ୍କଳ୍ପ କରିଥା'ନ୍ତି । ମା' ଆମେ ପଢିବୁ ଓ ତମପାଇଁ ଓ କିଛି ଘରଖର୍ଚ୍ଚ ପାଇଁ ବି ରୋଜଗାର କରିବୁ । ମା' ତାଙ୍କ ପୂରା ମନସ୍କାମନା ପୁଅଙ୍କ ଦୁଇ ଅକ୍ଷର ପଢି ବଡ଼ ହେବାରେ ଯେପରି ପଣ କରିଥା'ନ୍ତି, ନିଜଆଖିରୁ ଲୁହକୁ ଓଠରେ ପିଇ ପିଲା ଦୁହିଁଙ୍କୁ ବାରଣ ସତ୍ତ୍ୱେ ବି ସକାଳୁ ସକାଳୁ ନିଜ ପୁରୁଣା ପଣତକାନିରେ ବାନ୍ଧି ଦିଅନ୍ତି, ତାଙ୍କ ଦୁହିଁଙ୍କର ଭବିଷ୍ୟତର ସ୍ୱପ୍ନସାକାର କରିବାର ମାଧ୍ୟମକୁ । କି ନିଷ୍ଠା, ପିଲା ଦୁଇଜଣଙ୍କର ! ଏକକୁ ଆରେକ, ବାର୍ଷିକ ପରୀକ୍ଷାରେ ପୁଣି ଅତ୍ୟନ୍ତ କୁଶଳତାର ସହିତ ପ୍ରଥମ ସ୍ଥାନ ଅଧିକାର କରନ୍ତି ।

ତା' ଠାରୁ ଆହୁରି ନିଷ୍ଠା ସେ ମହୀୟସୀ ମା'ଙ୍କର, ଯେତେ ବାଧାବିଘ୍ନ ହେଲେ ମଧ୍ୟ ପିଲାଙ୍କ ସ୍ୱପ୍ନ ସାକାର କରିବାର ପଣ । ନିଜ ଶାଢୀ ପଣତ କାନିରେ ସେ ନୈତିକତାରେ ନିର୍ମାଣ କରିଛନ୍ତି କୁଶଳୀ ପୁତ୍ରଙ୍କର ଚ଼ରିତ୍ର ଓ ପରାକାଷ୍ଠା । ସ୍ୱାଭିମାନପୂର୍ଣ୍ଣ ମମତାର ନିଦର୍ଶନରେ ନିଜର ଦିନରାତି ପରିଶ୍ରମ ଓ ସହଯୋଗରେ ଗଢିଛନ୍ତି ପୋଡ଼ପିଠା ପରି ତାଙ୍କ ଦାୟାଦମାନଙ୍କର ଭବିଷ୍ୟତ, ଚ଼ରିତ୍ର ଓ ପରାକାଷ୍ଠା - ସତରେ, ମା'ଙ୍କ ହାତର ପୋଡ଼ପିଠା କେତେ ଉତ୍କୃଷ୍ଟ । ସେ ମମତାମୟୀ ମା'ଙ୍କ କାନିର ଅଭୟ ଓପ୍ରଚେଷ୍ଟା ଆଜି ଆମ ସମସ୍ତଙ୍କ ବର୍ତ୍ତମାନ ସୁପରିସ୍ଥିତିର ଆଧାର ।

ଆସନ୍ତୁ ଆମ ଓଡିଆ ସଂସ୍କୃତିର ସମସ୍ତ ପାଠକେ, ଜଗତର ନାଥ ଜଗନ୍ନାଥ ପ୍ରତିବର୍ଷ ଗୁଣ୍ଡିଚା ମନ୍ଦିର, ୭ଦିନ ପାଇଁ, ଯେପରି ମା'ଙ୍କ କୋଳ ଆଡପ ମଣ୍ଡପକୁ ଯାଆନ୍ତି, ମାଉସୀଙ୍କ ହାତ ରନ୍ଧା ପୋଡପିଠାଖାଆନ୍ତି, ସେହିପରି, ଆମେ ମା'ଙ୍କ କୋଳକୁ ଫେରିବା, ତାଙ୍କ ହାତ ରନ୍ଧା ପୋଡପିଠା ଖାଇବା ପାଇଁଚେଷ୍ଟା କରିବା ଓ ତାଙ୍କ ପଣତ କାନିର ଅଭୟ ପାଇ ତାଙ୍କୁ ସ୍ନେହ ମଣ୍ଡିତ କରିବା ।

## ନବୀନ ନିବାସରେ ଆପ୍ୟାୟିତ



ଭୁବନେଶ୍ୱର: ଦିଲ୍ଲୀ ଫେରିଯିବା ପୂର୍ବରୁ ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନ ନବୀନ ନିବାସକୁ ନିମନ୍ତ୍ରିତ ହୋଇ ଯାଇଥିଲେ । ସେଠାରେ ନବୀନଙ୍କ ସହ କିଛି ସମୟ ଆଲୋଚ୍ନା କରିଥିଲେ। ଏହାପରେ ଭଉଣୀ ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ଭାଇ ନବୀନ। ମଧ୍ୟାହ୍ନ ଭୋଜନରେ ତାଙ୍କୁ ପରଷା ଯାଇଥିଲା ନିରାମିଷ ଭୋଜନ। ଏଥିରେ ସ୍ୱାଦିଷ୍ଟ ଓଡିଆ ଖାଦ୍ୟ ଥିଲା। ଏହି ସମୟରେ ନବୀନ ନିବାସରେ ପାରିବାରିକ ପରିବେଶ ସୃଷ୍ଟି ହୋଇଥିଲା। ଦ୍ରୌପଦୀ ମୁର୍ମୁଙ୍କ ସହ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ସାଂସଦ ପିନାକୀ ମିଶ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା।

## ଦ୍ରୌପଦୀଙ୍କୁ ସମର୍ଥନ କରିବାକୁ ଅପିଲ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମାଟିର ଝିଅକୁ ଜିତାଇବାକୁ ଅଣ୍ଟାଭିଡିଲା ବିଜେଡି । ଦଳମତ ନିର୍ବିଶେଷରେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପୁଣି ଅପିଲ୍ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଭେଟିଲେ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ। ଏହି ସମୟରେ ମୁଖ୍ୟମନ୍ତ୍ରୀ ନିଜେ ନରସିଂହଙ୍କ ସହିତ ଫୋନରେ କଥା ହୋଇଛନ୍ତି । କଂଗ୍ରେସ ବିଧାୟକ ଓ ସାଂସଦଙ୍କୁ ଦ୍ରୌପଦୀଙ୍କୁ ଭୋଟ୍ ଦେବାକୁ ନିବେଦନ କରିଛନ୍ତି। ଏଥିପାଇଁ ନବୀନଙ୍କ ନିର୍ଦ୍ଦେଶରେ ଆଲୋଚ୍ନା କରିଛନ୍ତି ପ୍ରଣବ ପ୍ରକାଶ ଦାସ। ଏହାସହ କଂଗ୍ରେସ ବିଧାୟକ, ବଣାଇ ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ବୁଝାଇବାକୁ ନବୀନ ବିଜେଡିର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି । ପିସିସି ସଭାପତିଙ୍କୁ ବି ବୁଝାଇବା ପାଇଁ ନବୀନ ଦଳୀୟ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି। ଓଡିଶା କଂଗ୍ରେସର ୯ ବିଧାୟକ ଦ୍ରୌପଦୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି । ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ମଧ ମୁଖ୍ୟମନ୍ତ୍ରୀଙ୍କ ଅପିଲ । ଏହା ପୂର୍ବରୁ ରାୟଗଡାର ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ ମୁର୍ମୁଙ୍କୁ ରାଷ୍ଟ୍ରପତି ନିର୍ବାଚ୍ନରେ ସମର୍ଥନ ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି ମକରନ୍ଦ ମୁଦୁଲି।

## ପିସିସି ସଭାପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



ଭୁବନେଶ୍ୱର : ଓଡିଶା ଝିଅ ତଥା ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ଅଣ୍ଟା ଭିଡିଛି ବିଜୁ ଜନତା ଦଳ। ବିରୋଧୀ ଦଳ ଏବଂ ସ୍ୱାଧୀନ ବିଧାୟକମାନଙ୍କୁ ସମର୍ଥନ ଦେବାକୁ ନିବେଦନ କରୁଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟିଲେ ବିଜେଡିର ପ୍ରତିନିଧି ଦଳ । ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବା ପାଇଁ ବୁଝାଇଛନ୍ତି । ଦ୍ରୌପଦୀ ମୁର୍ମୁ ଓଡ଼ିଆ ଝିଅ ହୋଇଥିବାରୁ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀ ଅପିଲ କରିଥିଲେ। ଏହି କ୍ରମରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟିଥିଲେ । ଏନେଇ ପିସିସି ସଭାପତି ମଧ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବିଜେଡି ତାଙ୍କ ଦାୟିତ୍ୱ ତୁଲାଉଛନ୍ତି । ଆମେ ଆମ ଦାୟିତ୍ୱ ତୁଲାଇବୁ। କଂଗ୍ରେସ କାହାକୁ ସମର୍ଥନ କରିବ ସେନେଇ ହାଇକମାଣ୍ଡ ନିଷ୍ପତ୍ତି ନେବେ ।

## ଜିତାଇବାକୁ ଅଣ୍ଟାଭିଡ଼ିଲା ବିଜେଡି

ଭୁବନେଶ୍ୱର : ରାଷ୍ଟ୍ରପତି ନିର୍ବାଚ୍ନରେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଯୋଗାଡ଼ ଲାଗି କଂଗ୍ରେସ ବିଧାୟକ ରାଜନ ଏକ୍କାଙ୍କୁ ଭେଟିଲେ ବିଜେଡି ଟିମ୍ । କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ପ୍ରମୁଖ ରାଜନ ଏକ୍କାଙ୍କୁ ଭେଟି ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ କହିଛନ୍ତି। ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ଓ ରାଜକିଶୋର ଦାସ ମଧ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ବାର୍ତ୍ତା ଦେଇଛନ୍ତି ବିଜେଡି ଟିମ୍ । ବିପୁଳ ଭୋଟ ଦେଇ ମାଟିର ଝିଅଙ୍କୁ ରାଷ୍ଟ୍ରପତି କରିବାକୁ ସେମାନେ ଏକ୍କାଙ୍କୁ ନିବେଦନ କରିଛନ୍ତି । ଏକ୍କା ନିଜେ ଜଣେ ଆଦିବାସୀ ହୋଇଥିବାରୁ ଆଦିବାସୀ ଅଧିକାର ପାଇଁ ଭୋଟ ଦେବାକୁ ସେମାନେ ଅନୁରୋଧ କରିଛନ୍ତି । କଂଗ୍ରେସର ନୀତି ଆଦର୍ଶ ବିଜେପିଠାରୁ ଅଲଗା । କଂଗ୍ରେସ ଗାନ୍ଧୀ ଆଦର୍ଶରେ ଚ୍ାଲିଛି । ଯଶୱନ୍ତ ସିହ୍ନାଙ୍କୁ ଦଳ ବହୁ ଆଗରୁ ପ୍ରାର୍ଥୀ କରିଛି । ତେଣୁ ଦ୍ରୌବୀଙ୍କୁ ସମର୍ଥନର ପ୍ରଶ୍ନ ଉଠୁନାହିଁ ବୋଲି କହିଲେ ଏକ୍କା ।

# ନିଜ ରାଜ୍ୟରେ ପ୍ରଚାର କଲେ ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର : ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁ ନିଜ ରାଜ୍ୟରେ ପ୍ରଚ୍ାର କରିଛନ୍ତି। ନିଜ ମାଟିରେ ଉଭୟ ଶାସକ ଓ ବିରୋଧୀଙ୍କ ଠାରୁ ଉଚ୍ଛସିତ ସମ୍ବର୍ଦ୍ଧନା ପାଇଛନ୍ତି ଶ୍ରୀମତୀ ମୁର୍ମୁ। ଭୁବନେଶ୍ୱରରେ ତାଙ୍କର ମାତ୍ର ୪ ଘଣ୍ଟାର ରହଣୀ ବେଶ୍ ଘଟଣାବହୁଳ ଓ ଚ୍ର୍ଚ୍ଚିତ ରହିଥିଲା। ବିମାନବନ୍ଦର ଠାରୁ ଆରମ୍ଭ କରି ରାଜ୍ୟ ଅତିଥି ଭବନ, ବିଧାନସଭା ସମ୍ମିଳନୀ କକ୍ଷ ଓ ନବୀନ ନିବାସରେ ଦ୍ରୌପଦୀ ଭିନ୍ନ ଅନୁଭୂତି ସାଉଁଟି ଫେରିଯାଇଛନ୍ତି। ତାଙ୍କର ବିଜୟ ସୁନିଶ୍ଚିତ ଥିବାରୁ ସମ୍ଭବତଃ ତାଙ୍କର ପରବର୍ତ୍ତୀ ଓଡିଶା ଗସ୍ତ 'ଭାରତର ରାଷ୍ଟ୍ରପତି' ଭାବେ ହିଁ ହେବ।



ଶ୍ରୀମତୀ ମୁର୍ମୁ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ବିଜେପି ପକ୍ଷରୁ ଭବ୍ୟ ଆୟୋଜନ କରାଯାଇଥିଲା। ବିଭିନ୍ନ ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ, ବାଦ୍ୟରେ ବିମାନବନ୍ଦର ପରିସର କମ୍ପି ଉଠିଥିଲା। କେବଳ ରାଜନୈତିକ ଦଳର ନେତା, କର୍ମୀ ନୁହନ୍ତି, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ମଧ ବହୁ ସଂଖ୍ୟାରେ ଯୋଗ ଦେଇ ରାଷ୍ଟ୍ରପତି ପ୍ରାର୍ଥିନୀଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିଲେ। ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ବିଜେପିର ସମସ୍ତ ଆଗଧାଡିର ନେତୃତ୍ୱ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ବି ସ୍ୱାଗତ ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା। ବିମାନବନ୍ଦରରେ ପାଞ୍ଚ ଜଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ଟୁକୁନି ସାହୁ ଓ ବାସନ୍ତୀ ହେମ୍ବ୍ରମ୍, ସାଂସଦ ସସ୍ମିତ ପାତ୍ର, ବିଧାୟକ ଶଶୀଭୂଷଣ ବେହେରା ଓ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ମୁର୍ମୁଙ୍କୁ ସ୍ୱାଗତ କରିଥିଲେ। ବିମାନବନ୍ଦରରୁ କଡା ସୁରକ୍ଷା ବଳୟରେ ଶ୍ରୀମତୀ ମୁର୍ମୁଙ୍କୁ ରାଜ୍ୟ ଅତିଥି ଭବନ ଅଣାଯାଇଥିଲା। ସେଠାରେ ବିଜେପି ସାଂସଦ ଓ ବିଧାୟକମାନେ ତାଙ୍କୁ ସ୍ୱାଗତ କରିଥିଲେ। କିଛି ସମୟ ବିଶ୍ରାମ ପରେ ସେ ସିଧାସଳଖ ବିଧାନସଭା ସମ୍ମିଳନୀ କକ୍ଷକୁ ଯାଇଥିଲେ। ବିଧାନସଭାର ସମ୍ମିଳନୀ କକ୍ଷରେ ଶ୍ରୀମତୀ ମୁର୍ମୁ ପହଞ୍ଚିବା ଆଗରୁ ମୁଖ୍ୟମନ୍ତ୍ରୀ, ସବୁ ମନ୍ତ୍ରୀ, ସାଂସଦ ଓ ବିଧାୟକ ପହଞ୍ଚିଯାଇଥିଲେ। ଶ୍ରୀମତୀ ମୁର୍ମୁ ସମ୍ମିଳନୀ କକ୍ଷ ଭିତରକୁ ଗଲା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଜେଡିର ସ୍ୱାଗତ ସମ୍ବର୍ଦ୍ଧନାରେ ଭାବବିହ୍ୱଳ ହୋଇପଡିଥିଲେ ଶ୍ରୀମତୀ ମୁର୍ମୁ। ସେ କହିଥିଲେ, 'ଓଡିଶା ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ କରେ। ମୁଁ ସୁଭଦ୍ରାଙ୍କ ଭଳି ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲି। ରାକ୍ଷୀର ପାଉଣା ମାଗିବା ପୂର୍ବରୁ ସେ ତାଙ୍କୁ ଦେଇସାରିଛନ୍ତି। ଭଉଣୀଙ୍କ ମନ କଥା ଜାଣି ଭାଇ ତାଙ୍କୁ ସମର୍ଥନ ଦେଇଛନ୍ତି। ଏ ମାଟିର ନାଁକୁ ସ୍ୱର୍ଣ୍ଣାକ୍ଷରରେ ଲେଖିବାକୁ ସେ ଚେଷ୍ଟା କରିଛନ୍ତି। ଏଥିପାଇଁ ସେ ଚ୍ିର ନମସ୍ୟ। ପ୍ରାର୍ଥୀ ଘୋଷଣା ବେଳେ ବିଦେଶରୁ ଥାଇ ମୋ ସହ ମୁଖ୍ୟମନ୍ତ୍ରୀ ଫୋନ୍‌ରେ କଥା ହୋଇଥିଲେ। ମନ୍ତ୍ରୀ ଥିଲି ବହୁ କାମ କରିଛି। ରାଷ୍ଟ୍ରପତି ହେଲେ ଓଡିଶା ସୁନ୍ଦର ଭାବେ ବଢ଼ିବ।' ଦଳର ସବୁ ସାଂସଦ ଓ ବିଧାୟକ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ମତଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ମତଦାନ ନିର୍ଭୁଲ୍ ଭାବେ ଦେବେ ଓ ଯେମିତି ଗୋଟିଏ ଭୋଟ୍ ନାକଚ୍ ନ ହୁଏ, ସେଥି ପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହା ପରେ ଶ୍ରୀମତୀ ମୁର୍ମୁ ଓ ମୁଖ୍ୟମନ୍ତ୍ରୀ ମିଶିକି ସମ୍ମିଳନୀ କକ୍ଷ ବାହାରକୁ ଆସିଥିଲେ। ପାଖାପାଖି ୪୫ ମିନିଟ୍ ଏହି ବୈଠକ ହୋଇଥିଲା। ଏହା ପରେ ଶ୍ରୀମତୀ ମୁର୍ମୁ ପୁନର୍ବାର ରାଜ୍ୟ ଅତିଥି ଭବନ ଯାଇଥିଲେ। ସେଠାରେ ବିଜେପି ସାଂସଦ, ବିଧାୟକ ଓ ରାଜ୍ୟ ନେତୃମଣ୍ଡଳୀଙ୍କ ସହ ବୈଠକ କରିଥିଲେ। ଏହା ପରେ ମଧ୍ୟାହ୍ନ ଭୋଜନ ପାଇଁ ନବୀନ ନିବାସ ଯାଇଥିଲେ। ଶ୍ରୀମତୀ ମୁର୍ମୁଙ୍କ ସହ କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଗଜେନ୍ଦ୍ର ସିଂ ଶେଖାୱତ ମଧ ନବୀନ ନିବାସରେ ପହଞ୍ଚିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରି ଭିତରକୁ ନେଇଥିଲେ। ନବୀନ ନିବାସରେ ମୁଖ୍ୟମନ୍ତ୍ରୀ, ଶ୍ରୀମତୀ ମୁର୍ମୁ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶେଖାୱତ ଓ ସାଂସଦ ପିନାକୀ ମିଶ୍ର ଏକାଠି ମଧ୍ୟାହ୍ନ ଭୋଜନ କରିଥିଲେ। ଏହା ପରେ ଶ୍ରୀମତୀ ମୁର୍ମୁ ସିଧାସଳଖ ବିମାନବନ୍ଦର ଯାଇ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିଥିଲେ।



# ଆଜି ମୁଁ ଯାହା ହୋଇଛି, ବିଜେପି ପାଇଁ ହୋଇଛି: ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର : ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସିଥିବା ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଜ୍ୟ ଅତିଥି ଭବନରେ ବିଜେପି ସାଂସଦ ଓ ବିଧାୟକମାନଙ୍କୁ ସମ୍ବୋଧିତ କଲା ବେଳେ ଭାବବିହ୍ୱଳ ହୋଇଛନ୍ତି। ଭାଷଣ ଆରମ୍ଭରୁ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ 'ମୁଁ ଆପଣ ମାନଙ୍କ ଭିତରୁ ଜଣେ' କହି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।




ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଆଜି ମୁଁ ଯାହା ବି ହୋଇଛି, ଏଭାରତୀୟ ଜନତା ପାର୍ଟି ପାଇଁ ହୋଇଛି। ମୋର ପରିଚୟ ବିଜେପି। ମୋ ପରି ଜଣେ ଉପାନ୍ତ ଅଂଚଳର ସାଧାରଣ ମହିଳାଙ୍କୁ କାଉନସିଲରରୁ ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ ଭାବେ ମନୋନୟନ ମୋ ପାଇଁ ଅବର୍ଣ୍ଣନୀୟ। ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ମୋ ଭଳି ସାଧାରଣ ଲୋକଙ୍କୁ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ପାର୍ଟିର କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରୁଛି। ଘରକୁ ଝିଅ ଆସିଲେ ଘର ଯେଉଁଭଳି ଉତ୍ସବ ମୁଖର ହୁଏ ସେହିଭଳି ଆଜି ଉତ୍ସବମୁଖର ବାତାବରଣ ଥିଲା, ଏଥିପାଇଁ ମୁଁ ଓଡ଼ିଶା ନିକଟରେ କୃତଜ୍ଞ। ଦେଶର ବିଭିନ୍ନ ରାଜ୍ୟ ବୁଲିବା ବେଳେ ଆଶାରୁ ଅଧିକ ଜନସମର୍ଥନ ଓ ଭଲ ପାଇବା ଦେଖି ଅନୁଭବ ହେଉଛି, ଆମ ପାର୍ଟି ପ୍ରତି ଲୋକଙ୍କର ଅନେକ ଅପେକ୍ଷା ଅଛି, ସେଥିପାଇଁ ଆମକୁ ଅଧିକରୁ ଅଧିକ ପରିଶ୍ରମ କରି ଲୋକଙ୍କ ସେବାରେ ନିୟୋଜିତ ହେବାକୁ ପଡ଼ିବ। ସେହିପରି ରାଜ୍ୟ ଅତିଥି ଭବନରେ ସାଂସଦ ଓ ବିଧାୟକ ଦଳ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଦେଶର ପ୍ରଧାନ ସେବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆ ଲୋକ ମୁଖ୍ୟ ଭୂମିକା ନେଇଛନ୍ତି। ରାଜ୍ୟପାଳଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ପଦବୀରେ ଆଜି ଓଡ଼ିଆ ସମ୍ମାନିତ। ମୋଦି ସରକାରରେ ପଦ୍ମ ପୁରସ୍କାର ସମେତ ଓଡ଼ିଶାର ମାଣବସା ଗୁରୁବାର, ରାବଣ ଛାୟା, ଛଉ ନୃତ୍ୟ ଆଜି ଜାତୀୟ ସ୍ତରରେ ପରିଚୟ ପାଇଛି। ଆଜି ଓଡ଼ିଶାର ଏକ ସାଧାରଣ ଆଦିବାସୀ ପରିବାରରୁ ଦ୍ରୌପଦୀ ମୁର୍ମୁ ଗରିମାମୟ ରାଷ୍ଟ୍ରପତି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶାକୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥିବାରୁ ଶ୍ରୀ ମହାନ୍ତି ଓଡ଼ିଶା ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଲ୍ଲେଖନୀୟ ଯେ, ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର କରିବାକୁ ଆସିଥିବା ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପାରମ୍ପରିକ କଳା, ବାଦ୍ୟ, ଯନ୍ତ୍ର, ନୃତ୍ୟ ସହ ହଜାର ହଜାର ଶୁଭେଚ୍ଛୁଙ୍କ ଜନସମାଗମରେ ଭୁବନେଶ୍ୱର ବିମାନବନ୍ଦର କମ୍ପିଥିଲା।

# ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀ ଓଡ଼ିଆଙ୍କୁ ସମ୍ମାନିତ କରିଛନ୍ତି: ଧର୍ମେନ୍ଦ୍ର

ବ୍ରହ୍ମପୁର : ମୋଦୀ ସରକାରରେ ଓଡ଼ିଶା ଜନକଲ୍ୟାଣର ପ୍ରୟୋଗଶାଳା ହୋଇଛି । ପ୍ରଧାନମନ୍ତ୍ରୀ ଭାବରେ ନୁହେଁ ବରଂ ପ୍ରଧାନସେବକ ଭାବରେ ନରେନ୍ଦ୍ର ମୋଦୀ ଦେଶର ସେବା କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଦେଇଥିବା କଥାକୁ ଘରେ ଘରେ ପହଞ୍ଚାଇବା ପାଇଁ ପଡ଼ିବ। ଓଡ଼ିଶାକୁ ଭବ୍ୟ, ସମୃଦ୍ଧ ସହ ଯୁବକଙ୍କୁ ରୋଜଗାର ସହ ଯୋଡ଼ିବାକୁ ହେଲେ ରାଜ୍ୟକୁ ମୋଦିମୟ କରିବାକୁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ, ସେବା, ଗରିବ କଲ୍ୟାଣର ୮ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିଶାଳ କାର୍ଯ୍ୟକର୍ତ୍ତା ସମାବେଶ'କୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ମୋଦୀ ସରକାରରେ ଓଡ଼ିଆ ସମ୍ମାନିତ । ଓଡ଼ିଶାର ସାଧାରଣ ପରିବାରର ଜନଜାତି ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି ପାଇଁ ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀ ସାଢେ ୪ କୋଟି ଓଡ଼ିଆ ଲୋକଙ୍କୁ ସମ୍ମାନ କରିଛନ୍ତି । ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପାର୍ଥୀ ହେବା ଏକ ନିର୍ବାଚ୍ନ ବିଷୟ ନୁହେଁ ବରଂ ଓଡିଶାର ସ୍ୱାଭିମାନର ପ୍ରସଙ୍ଗ। ପ୍ରଧାନମନ୍ତ୍ରୀ ପଦ୍ମ ପୁରସ୍କାର ସମେତ, ଓଡ଼ିଆଙ୍କୁ ଅନ୍ୟାନ୍ୟ ବଡ ଦାୟିତ୍ୱ ଦେବା ଓ ଗରିବ କଲ୍ୟାଣରେ ଓଡ଼ିଶାକୁ ପ୍ରାଧାନ୍ୟ ଦେଇଛନ୍ତି । ମୋଦି ଯେଉଁ କାମ ଓଡ଼ିଶା ପାଇଁ କରିଛନ୍ତି, ସେଥିପାଇଁ ଆଗାମୀ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଲୋକମାନେ ତାଙ୍କୁ ଭୁଲିପାରିବେ ନାହିଁ । ଏଥିପାଇଁ ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁରରେ ଏୟାରପୋର୍ଟ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ଦାବି ରହିଛି । ରାଜ୍ୟ ସରକାର ଏଥିପାଇଁ ଜମି ଉପଲବ୍ଧ କରାଇଲେ ବ୍ରହ୍ମପୁରରେ ଏୟାରପୋର୍ଟ ନିର୍ମାଣ କରିବାର ଦାୟିତ୍ୱ ମୋଦି ସରକାର ନେବେ । ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ। ସେ କହିଛନ୍ତି ପୂର୍ବ ସରକାର କେବଳ ଘୋଷଣାନାମାରେ ସୀମିତ ଥିଲା ମାତ୍ର ମୋଦି ସରକାରରେ ବିକାଶର କାମ ବାସ୍ତବର ରୂପ ନେଇଛି । ମୋଦୀ ହୈ ତ ମୁମକିନ୍ ହୈ ଅର୍ଥାତ୍ ମୋଦୀ ଅଛନ୍ତି ତ ସବୁ ସମ୍ଭବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚ୍ାଳୟ, ସୌଭାଗ୍ୟ ଯୋଜନାରେ ବିଜୁଳି, ଜଳ ଜୀବନ ମିଶନରେ ପାଇପ ଯୋଗେ ଘରକୁ ପାଣି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ଗରିବ କଲ୍ୟାଣ ଯୋଜନାରେ ମାଗଣା ଚ୍ାଉଳ, କରୋନା ସମୟରେ ଜନଧନରେ ଟଙ୍କା, ମୁଦ୍ରା ଯୋଜନାରେ ଋଣ, ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଚ୍ାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଜାତୀୟ ରାଜପଥ, ରେଳ, ବିମାନବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମୋଦି ସରକାର ଓଡ଼ିଶାକୁ ବିପୁଳ ଅନୁଦାନ ଦେଉଛନ୍ତି । ମାଗଣା କୋଭିଡ୍ ଟିକାକରଣର ବ୍ୟବସ୍ଥା ହୋଇଛି । କରୋନା ସମୟରେ ସୁରତ ସମେତ ବାହାରେ କାମ କରୁଥିବା ଗଞ୍ଜାମର ଲୋକଙ୍କୁ ଫେରାଇ ଆଣିବା ତଥା ବିଦେଶରେ ଫସି ରହିଥିବା ପ୍ରବାସୀ ମାନଙ୍କୁ ଉଦ୍ଧାର କରିବାରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିଲେ । ଦେଶର ସ୍ୱାଧୀନତାର ୭୫ ବର୍ଷ ପୂରଣ କରିଥିବା ବେଳେ ଆଗାମୀ ୨୫ ବର୍ଷର ଯାତ୍ରାର ଅମୃତ କାଳ ଭାରତର ହେବ । ଭାରତର ଗରିବ, ଯୁବକ ମାନଙ୍କର ହେବ । ଭାରତ ବିଶ୍ୱଗୁରୁ ହେବ ଏବଂ ବିଶ୍ୱର ନେତୃତ୍ୱ ନେବ ବୋଲି ପ୍ରଧାନମନ୍ତ୍ରୀ କହିଥିବା କଥାକୁ ଶ୍ରୀ ପ୍ରଧାନ ଦୋହରାଇଥିଲେ । ଉଲ୍ଲେନୀୟ ଯେ, ଏହି କାର୍ଯ୍ୟକ୍ରମ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠ ଦର୍ଶନ କରିଥିଲେ । ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ସ୍ଥିତ ଈଶାନେଶ୍ୱର ମନ୍ଦିରରେ ମଧ ଦର୍ଶନ କରିଥିଲେ। ଏହି ଗଞ୍ଜାମ ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କୁ ଟକୁମରଡ଼ା, ଲୌଡ଼ିଗାଁ, କନିଷି, ଗୋଳନ୍ଥରା ସମେତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଜନସାଧାରଣ ଓ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।



## ସମ୍ପାଦକୀୟ...

ମାନବ ସମ୍ବଳର ବିକାଶ ହିଁ ପ୍ରକୃତରେ ରାଜ୍ୟ ବା ଦେଶର ବିକାଶ। ବର୍ତ୍ତମାନର ସ୍ଥିତିକୁ ଲକ୍ଷ୍ୟକଲେ ଏହା ନିଶ୍ଚିତ ଭାବରେ ଏକ ଉଦବେଗପୂର୍ଣ୍ଣ ବିଷୟବସ୍ତୁ ଭଳି ଉପଲବ୍ଧି ହେଉଛି। ଭୁବନେଶ୍ୱରରେ ସଦ୍ୟ ଘଟିଯାଇଥିବା ଛାତ୍ରୀ ଆତ୍ମହତ୍ୟା ଯେକୌଣସି ବାପା ମା' ବା ଅନ୍ୟାନ୍ୟ ଅଭିଭାବକଙ୍କୁ ବିଚଳିତ କରୁଛି। ଏଭଳି ଘଟଣାକୁ ସହଜରେ ଗ୍ରହଣ କରାଯିବା ଉଚିତ ନୁହେଁ। କାରଣ ସେମାନେ ହିଁ ଆମର ଭବିଷ୍ୟତ ଦାୟଦ। ଆତ୍ମହତ୍ୟା କରୁଥିବା ଛାତ୍ରଛାତ୍ରୀ ବା ଯୁବକ ଯୁବତୀମାନେ ନିଶ୍ଚିତ ଭାବରେ ଭୁଲ ପଦକ୍ଷେପ ବା ରାସ୍ତାରେ ଯାଇଛନ୍ତି ତାହା ସ୍ପଷ୍ଟ। ଗୋଟିଏ ଆତ୍ମପ୍ରବଣତା ପରିପୂର୍ଣ୍ଣ ଚିଠି ବା ଭିଡିଓଟିଏ ଛାଡ଼ିଦେଇ ଆତ୍ମହତ୍ୟା କରୁଥିବା ପିଲାଟି ଭୁଲ କରୁଛି। କିନ୍ତୁ ଏଥିପାଇଁ ଆମେ ସମସ୍ତେ ଆତ୍ମ ଅନୁଶୀଳନ କରିବାର ଆବଶ୍ୟକତା ଅଛି। କାରଣ ଆମେ କେଉଁଠି ନା କେଉଁଠି ଏଥିପାଇଁ ଦାୟୀ ନୁହନ୍ତି ତ ?

ଏହି ଘଟଣା ମୋତେ ବା ଅନେକ ଲୋକଙ୍କୁ ହତବାକ କରିଛି। ଏହାର କାରଣ ଅନୁସନ୍ଧାନ ଯୋଗ୍ୟ। ମୋତେ ଜଳଜଳ ଦିଶୁଥିବା କାରଣ ସଂପର୍କରେ ସାମାନ୍ୟ ଆଲୋଚନା କରୁଛି। ପ୍ରଥମେ ପିଲାଟି ପରିବାରରୁ ଶିଖିବା ଆରମ୍ଭ କରୁଛି। ଏଠି ବଡ଼ ହିସାବରେ ପିଲାଟିକୁ ତା'ର ମାନସିକତା ଅନୁଯାୟୀ ଆମେ ତାକୁ ସଠିକ ମାର୍ଗରେ ନେବାକୁ ସାହାଯ୍ୟ କରିବା ଦରକାର। ଅନେକ ପରିସ୍ଥିତିରେ ପରିବାର ପିଲାର ମନରେ ଜାଣତରେ ବା ଅଜାଣତରେ ସୁନେଲୀ ଭବିଷ୍ୟତକୁ ନେଇ ଭୟ ସୃଷ୍ଟି କରୁଛନ୍ତି ଯାହା ତା'ର ମନରେ ସବୁବେଳେ ପାଇଁ ଉଦଜୀବିତ ହୋଇରହୁଛି । କାରଣ ତା'ର ମାନସିକ ଉନ୍ନତିର ଅଧିକାଂଶ ସମୟ ସେ ଆମ ସହିତ ରହୁଛି। ପରିବାର ମଧ୍ୟରୁ ପିଲାଟି ମନରେ ଆତ୍ମପ୍ରତ୍ୟୟ ସୃଷ୍ଟିହେବା ଦରକାର ଯେ, କୌଣସି ପରିସ୍ଥିତିରେ ପରିବାର ତା' ସହିତ ରହିବ ଏବଂ ଯେକୌଣସି ଅସୁବିଧାରେ ସମସ୍ତେ ତାକୁ ସାହାଯ୍ୟ କରିବେ।

ଏବେ ସବୁ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଯାଇଛି। ପିଲାଟିଏ ତା'ର ଉପଯୁକ୍ତ ପ୍ରତିନିଧିଟିଏ ପାଉନାହିଁ ନିଜର ସୁବିଧା ଅସୁବିଧାକୁ ପରିପ୍ରକାଶ କରିବାକୁ। ପାଠପଢ଼ା ନାଁରେ ନେତୃତ୍ୱର ବିକାଶ ବା ପାରିପାର୍ଶ୍ୱିକ ବିକାଶକୁ ଅନେକ ଦିନରୁ ବନ୍ଦ କରିଦିଆଯାଇଛି ଆମର ଏଠି। ଛାତ୍ର ସଂସଦ ନିର୍ବାଚନ ଅନେକ ଶିକ୍ଷାଦିଏ ବିଦ୍ୟାର୍ଥୀମାନଙ୍କୁ, ଯାହା କେବଳ ଅନୁଭବୀ ହିଁ ଜାଣିପାରିବ। ଛାତ୍ର ସଂସଦ ନିର୍ବାଚନରେ ଭାଗ ନେଉଥିବା ଯେକୌଣସି ପିଲାଟିଏ ନିଶ୍ଚିତ ଭାବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଦୁଃଖରେ ବା ସୁଖରେ ନିଜକୁ ସାମିଲ କରାଏ ନିଜର ସମର୍ଥନ ପାଇଁ ଏବଂ ସମସ୍ତଙ୍କୁ ଦଳ ବାନ୍ଧିବା ପାଇଁ ମଧ୍ୟ ଚେଷ୍ଟାରତ ଥାଏ, ଯାହା ଅଜାଣତରେ ଦୁର୍ବଳ ମାନସିକତାର ପିଲାଟି ମନକୁ ମଜଭୁତ କରିବାରେ ଅନେକ ସାହାଯ୍ୟ କରେ। ଏମିତିକି ଛାତ୍ରବାସରେ ରହୁଥିବା ଦୁର୍ବଳ ପିଲାଟି ସ୍ଥାନୀୟ ସବଳ ବା ଗୁଣ୍ଡାଶ୍ରେଣୀୟ ଯୁବକମାନଙ୍କ ସହ ଲଢ଼େଇ କରିବାକୁ ଡରେନାହିଁ। ତେଣୁ ଅନେକ ସମୟରେ ବହିପାଠ ଅପେକ୍ଷା ପାରିପାର୍ଶ୍ୱିକ ଶାଠ ଛାତ୍ରଛାତ୍ରୀଙ୍କୁ ଅନେକ କଥା ଶିକ୍ଷାଦିଏ। ଏଭଳି ସ୍ଥିତିରେ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଅନେକ ଭୂମିକା ଅଛି। ସେମାନେ ପିଲାମାନଙ୍କ ସହ ମିଶି ତାଙ୍କର ନିଜର ହେବାକୁ ଚେଷ୍ଟା କରନ୍ତି, ଯାହା ପରିପୂରକ। ଏବେ କିନ୍ତୁ ସେମାନେ ଛାତ୍ରବତ୍ସଳତା ଭୁଲି କେବଳ ଚାକିରିରେ ବ୍ୟସ୍ତ। ଘଂଟାଦେଖି ସମୟ କାଟିବାରେ କିଛି ମୁଷ୍ଟିମେୟ ଏବଂ କ୍ଷମତାଶାଳୀ ଚାକିରିଆମାନେ ଅଛନ୍ତି। ସେମାନେ ପିଲାଙ୍କ ସହ ମିଶି ତାଙ୍କର ଭବିଷ୍ୟତ ଗଠନ ପରିବର୍ତ୍ତେ ସମୟ ନିର୍ଘଣ୍ଟ ଅନୁସାରେ ଚାବିଦିଆ ଖେଳନା ଭଳି ବ୍ୟବହାର କରୁଛନ୍ତି, ଯାହା ସେମାନଙ୍କ ଅଗୋଚରରେ ଦୁର୍ବଳ ମାନସିକତା ଥିବା ପିଲାମାନଙ୍କ ମନରେ ସାହସ ଦେଇପାରୁନି। ଦାୟିତ୍ୱରେ ଥିବା କର୍ମଚାରୀ ନିଜକୁ ପିଲାମାନଙ୍କର ଦୁଃଖସୁଖରେ ଭାଗିଦାର ହେଲେ ଏଭଳି ଦୁର୍ଘଟଣାକୁ ଅନେକାଂଶରେ ଏଡ଼େଇ ଦେଇହୁଅନ୍ତା।

ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତେ ଯଦି ସକରାତ୍ମକ ମନୋଭାବ ନେଇ ସହୃଦୟତାର ସହ ଆଗାମୀ ପିଢ଼ିକୁ ତିଆରି କରିବାକୁ ଚେଷ୍ଟାକରନ୍ତେ ତେବେ ହୁଏତ ଏଭଳି ଘଟଣା କମ୍ ଘଟନ୍ତା ଏବଂ ପିଲାମାନେ ସାହସିକତାର ସହ ଯେକୌଣସି ସ୍ଥିତିରେ ଲଢ଼େଇ କରି ବଂଚିବାର କୌଶଳ ଶିଖିପାରନ୍ତା।



# ରାଜ୍ୟ ପାଇଁ ପ୍ରକୃତ ଆହ୍ୱାନ୍

**ରବି ଦାସ**

ରାଜ୍ୟର ପ୍ରତିବର୍ଷ ବଜେଟ୍ ବ୍ୟୟବରାଦ ବଢୁଛି। ଯଦି ଦେଖାଯାଏ ୨୦୦୦-୨୦୦୧ରେ ରାଜ୍ୟର ବଜେଟ୍ ଆକାର ଯାହାଥିଲା ଏବେ ତାହା ପ୍ରାୟ ଦଶଗୁଣ ବୃଦ୍ଧିପାଇଲାଣି। ଚଳିତବର୍ଷ ରାଜ୍ୟର ବଜେଟ୍ ବ୍ୟୟବରାଦ ୨ଲକ୍ଷ କୋଟି ଟଙ୍କାରେ ପହଁଚିଛି। ଋଣ ଭାର ବୃଦ୍ଧି ସହିତ ରାଜ୍ୟର ରାଜସ୍ୱ ମଧ୍ୟ ବଢ଼ିଛି। ୨୦୦୪-୦୫ ମସିହାରୁ ରାଜ୍ୟରେ ରାଜସ୍ୱ ନିଅଂଟ ନାହିଁ। ଏବେ ରାଜସ୍ୱ ଆଦାୟର ମୁଖ୍ୟ ସ୍ରୋତ ହୋଇଛି ଖଣି ରାଜସ୍ୱ। ଏ ବାବଦରୁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୪୫ ହଜାର କୋଟି ଟଙ୍କା ପାଇଯାଉଛନ୍ତି। ଏହାଛଡ଼ା ଖଣିଜ ସଂପଦ ଥିବା ଅଂଚଳରୁ ଖଣି ଲିଜ୍ ନେଉଥିବା କମ୍ପାନୀମାନେ ଆଇନ ଅନୁସାରେ ଜିଲ୍ଲା ଖଣିଜ ପାଣ୍ଠିକୁ ଅର୍ଥ ପ୍ରଦାନ କରୁଛନ୍ତି। ୨୦୧୫ରେ ଖଣିଜ ପାଣ୍ଠି ଗଠନ ଦିନଠାରୁ ବିଭିନ୍ନ ଖଣି ଥିବା ଜିଲ୍ଲାମାନଙ୍କରେ ବିଶେଷ ଭାବରେ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ପ୍ରଭୃତି ଜିଲ୍ଲା ଖଣିଜ ପାଣ୍ଠି ବାବଦକୁ ବିଭିନ୍ନ ଜିଲ୍ଲାର ପ୍ରାୟ ୧୧ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଛନ୍ତି। ଗୋଟିଏ ପକ୍ଷରେ ଖଣି ରାଜସ୍ୱ ଦ୍ୱାରା ଆଦାୟ ହେଉଥିବା ବିପୁଳ ଅର୍ଥ ସହିତ ଯଦି ଜିଲ୍ଲା ଖଣି ପାଣ୍ଠିକୁ ମିଶାଇ ଦିଆଯାଏ ତେବେ ଖଣିଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଅଂଚଳଗୁଡ଼ିକର ଏବଂ ସେହି ଲୋକମାନଙ୍କର ସଂପୂର୍ଣ୍ଣ ବିକାଶ ୧୦ବର୍ଷ ଭିତରେ ଅତି ସହଜରେ ହୋଇପାରିବ। ଖଣି ଅଂଚଳରେ ମୁଖ୍ୟତଃ ଆଦିବାସୀମାନେ ରହୁଛନ୍ତି। ଖଣି ପ୍ରକଳ୍ପ ଦ୍ୱାରା ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଖଣିଜ ସଂପଦରୁ ବିପୁଳ ରାଜସ୍ୱ ଓ ଜିଲ୍ଲା ଖଣିଜ ପାଣ୍ଠିରୁ ସଗୃହୀତ ଅର୍ଥ ମୁଖ୍ୟତଃ ପ୍ରଥମେ ସେହିମାନଙ୍କ ପାଇଁ ବିନିଯୋଗ ହେବାକଥା। ଜିଲ୍ଲା ଖଣିଜ ପାଣ୍ଠି ସଂପୂର୍ଣ୍ଣ ଭାବରେ ସେହି ଉଦ୍ଦେଶ୍ୟରେ କରାଯାଇଛି। ଖଣିଥିବା ଅଂଚଳଗୁଡ଼ିକରେ ଅର୍ଦ୍ଧାଧିକ ଆଦିବାସୀ ଓ ବାକି ଲୋକମାନଙ୍କ ଭିତରୁ ଶତକଡ଼ା ୩୦ଭାଗରୁ ଊର୍ଦ୍ଧ୍ୱେ ଅତ୍ୟନ୍ତ ଦୁର୍ବଳ ଶ୍ରେଣୀର ଜନସାଧାରଣ। ଖଣି କମ୍ପାନୀ ଦ୍ୱାରା ରାଜ୍ୟ ଲାଭବାନ ହେଉଛି। ଖଣି କମ୍ପାନୀଗୁଡ଼ିକର ମାଲିକମାନେ ହଜାର ହଜାର କୋଟି ଟଙ୍କା ଲାଭ ପାଉଛନ୍ତି। କିନ୍ତୁ ସେହି ଖଣି ଅଂଚଳରେ ଶହ ଶହ ବର୍ଷ ଧରି ବସବାସ କରିଆସୁଥିବା ଖଣି ଦ୍ୱାରା ବାସଚ୍ୟୁତ ହେଉଛନ୍ତି। ସେମାନଙ୍କର ଜୀବିକା ଧ୍ୱଂସ ପାଇଯାଉଛି। ଚାଷ ବାସ ଚାଲିଯାଉଛି। ଜଙ୍ଗଲ ଧ୍ୱଂସ ଯୋଗୁ ସେମାନଙ୍କ ଜୀବନ ବିପର୍ଣ୍ଣ ହେଉଛି। ସେମାନେ ନିର୍ଭର କରୁଥିବା ଜଳସ୍ରୋତଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ପରିବେଶ ଅତ୍ୟନ୍ତ ଖରାପ ହେଉଛି। କିନ୍ତୁ ଖଣି ରାଜସ୍ୱରେ ରାଜ୍ୟ ସରକାର, ରାଜ୍ୟ ପଦାଧିକାରୀ, ଖଣି କମ୍ପାନୀ ମାଲିକ, ରାଜନେତା ମାଲେମାଲ ହେଉଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ଖଣି ପାଣ୍ଠିରୁ ଏକ ବଡ଼ ଅଂଶ ସିଧାସଳଖ ଭାବରେ ଆନ୍ତର୍ଜାତିକ ହକି ଟୁର୍ଣ୍ଣାମେଂଟ ନିମନ୍ତେ ରାଉରକେଲା ଷ୍ଟାଡିୟମରେ ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାର ଚାହିଁଥିଲେ ଏହି ପାଣ୍ଠିରୁ ଅର୍ଥ ଷ୍ଟାଡିୟମ ପାଇଁ ଖର୍ଚ୍ଚ ନକରି ରାଜ୍ୟ ବଜେଟ୍‌ରୁ ଖର୍ଚ୍ଚ କରିପାରିଥାନ୍ତେ। ଯେଉଁଥିରେ ଖଣି ରାଜସ୍ୱର ଏକ ବଡ଼ ଅଂଶ ରହିଛି। ତେବେ ଜିଲ୍ଲା ଖଣି ପାଣ୍ଠି ଖଣି ଦ୍ୱାରା କ୍ଷତିଗ୍ରସ୍ତ ଆଦିବାସୀ ଓ ଦଳିତ ଲୋକମାନଙ୍କ ପାଇଁ ଆଇନ ଅନୁସାରେ ଖର୍ଚ୍ଚ ହୋଇପାରିଥାନ୍ତା। କିନ୍ତୁ ଏହି ପ୍ରଶ୍ନ କିଏ କାହାକୁ କେଉଁଠାରେ ପଚାରିବ ? ପଚାରିଲେ ବି କିଏ ଏହାର ଉତ୍ତର ଦେବ ? ଠିକ୍ ସେହିପରି ଝାରସୁଗୁଡ଼ା ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠିରୁ ଏକ ବଡ଼ ଅଂଶ ଝାରସୁଗୁଡ଼ା ବିମାନବନ୍ଦର ପାଇଁ ଓ ଝାରସୁଗୁଡ଼ା ହସପିଟାଲ ପାଇଁ ଖର୍ଚ୍ଚ କରିଦିଆଗଲା। ଏହି ବିମାନ ବନ୍ଦରରେ ଖଣି ଦ୍ୱାରା କ୍ଷତିଗ୍ରସ୍ତ କେଉଁ ଆଦିବାସୀ ଓ ସାଧାରଣ ଲୋକ ଯିବାଆସିବା କରନ୍ତି ? ରାଜ୍ୟ ସରକାର ସାଧାରଣ ବଜେଟ୍‌ରୁ ଏହି ଅର୍ଥ ଦେଇଥିଲେ କିଛି କ୍ଷତି ହୋଇନଥାନ୍ତା। କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ଆଦିବାସୀ ଓ ସାଧାରଣ ଲୋକ ବିସ୍ଥାପିତ ହୋଇ ପ୍ରକୃତ ଥଇଥାନ କରାଯିବା ପୂର୍ବରୁ ଖଣି ଖନନ କାର୍ଯ୍ୟ ଜୋରଦାର କରାଯାଉଛି। କ୍ଷତିଗ୍ରସ୍ତ ଲୋକମାନେ ପରପିଣ୍ଡାରେ ପଡ଼ି ସହାୟତା ପାଇଁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି। କେନ୍ଦୁଝର ଜିଲ୍ଲା, ଯେଉଁଠାରେ ସର୍ବାଧିକ ଖଣିଜ କାରବାର ହେଉଛି ଓ ରାଜ୍ୟ ସବୁଦୃଷ୍ଟିରୁ ଲାଭବାନ ହେଉଛି ସେଠାରେ ମଧ୍ୟ ଅବସ୍ଥା ଆହୁରି ସାଂଘାତିକ। ସେଠାକାର ଆଦିବାସୀମାନେ ସଂଗଠିତ ନୁହନ୍ତି। ବିସ୍ଥାପନ ନେଇ ସେମାନେ ପ୍ରଶ୍ନ ଉଠାଇଲେ ତାହାକୁ ପୋଲିସ ଲଗାଇ ଜବତ କରାଯାଉଛି। ଅସଲକଥା ହେଉଛି ଯଦି ଖଣିଜ ସଂପଦର ବିପୁଳ ରାଜସ୍ୱ ଓ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା କ୍ଷତିଗ୍ରସ୍ତ ଆଦିବାସୀମାନଙ୍କର ଅବସ୍ଥା ନବଦଳିଲା ଓ ସେମାନେ ଶୋଷିତ ହୋଇ ରହିଲେ ତେବେ ଖଣି ସେମାନଙ୍କ ପାଇଁ ଏକ ଅଭିଶାପ ବୋଲି ସେମାନେ ଭାବିବା ସ୍ୱାଭାବିକ। ରାଜ୍ୟ ବଜେଟ୍ ଉପରେ ଆଲୋଚନା ସମୟରେ ଖଣିଜ ଭିତ୍ତିକ ଅଂଚଳଗୁଡ଼ିକର ପ୍ରତିନିଧିମାନେ ଖଣି ରାଜସ୍ୱ ଦ୍ୱାରା ସେମାନଙ୍କ ଅଂଚଳର ସର୍ବାଙ୍ଗୀନ ବିକାଶ ନହେବା ପର୍ଯ୍ୟନ୍ତ ଅନ୍ୟ ଅଂଚଳକୁ ଏହି ଅର୍ଥ ଦିଆଯିବା ସେମାନଙ୍କ ପ୍ରତି ଶୋଷଣର ଆଉଏକ ଅଧ୍ୟାୟ ଭାବରେ ବିବେଚିତ ହେବ ବୋଲି ସ୍ପଷ୍ଟ ଭାବରେ କହିବା ଉଚିତ। ସେହିପରି ଜିଲ୍ଲା ଖଣି ପାଣ୍ଠିର ଅର୍ଥ ସହରାଂଚଳରେ ଓ ବାବୁମାନଙ୍କର ସୌଖିନ ପାଇଁ ଖର୍ଚ୍ଚ ହେବାକୁ ତୀବ୍ର ବିରୋଧ କରାଯିବା ଦରକାର, ଯେପରିକି ଗୋଟିଏ ଜିଲ୍ଲାରେ ଖଣି ପାଣ୍ଠିରେ ପୋଲିସ ପ୍ରଶାସନ ପାଇଁ ୨୦ଟି ଗାଡ଼ି କିଣାଯାଇଛି, ସର୍କିଟ୍ ହାଉସର ପାଚେରୀ କରାଯାଉଛି, ଜିଲ୍ଲାପାଳଙ୍କ ବାସଭବନକୁ ନବୀକରଣ କରାଯାଉଛି। ଏହିପ୍ରକାର କାରବାରକୁ ଯଦି ଜିଲ୍ଲାର ଲୋକ ପ୍ରତିନିଧିମାନେ ବଜେଟ୍ ଆଲୋଚନା ସମୟରେ ସ୍ପଷ୍ଟଭାବରେ ନକୁହନ୍ତି ତେବେ ସେମାନେ ଲୋକମାନଙ୍କ ପ୍ରତି ବିଶ୍ୱାସ ଘାତକତା କରୁଛନ୍ତି ବୋଲି ବିଚାର କରାଯିବ।

ଖଣି କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକରେ ଖଣି ରାଜସ୍ୱରୁ ମାତ୍ର କିଛି ଅଂଶ ଖର୍ଚ୍ଚ କଲେ ସମସ୍ତଙ୍କ ପାଇଁ ଗୋଟିଏ ବର୍ଷ ଭିତରେ ପକ୍କା ଘର ହୋଇଯାଇପାରିବ। ସେହିପରି ଏହି ରାଜସ୍ୱରୁ ସାମାନ୍ୟ ଖର୍ଚ୍ଚ କଲେ ପ୍ରତ୍ୟେକ ପରିବାର ପାଇଁ ପାନୀୟ ଜଳ, ଭଲ ଶିକ୍ଷକ ଥିବା ବିଦ୍ୟାଳୟ ଓ ଡାକ୍ତର ଥିବା ହସପିଟାଲ ସହିତ ସେହି ଅଂଚଳର ପ୍ରତ୍ୟେକ ରାସ୍ତାଘାଟର ଉନ୍ନତିକରଣ ଅତି ସହଜରେ ସମ୍ଭବହେବ। ସେହି ଲୋକମାନଙ୍କୁ ବିକଳ୍ପ ନିଯୁକ୍ତି ପନ୍ଥା ସାହାଯ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ଯାହାବି ଅର୍ଥ ବିନିଯୋଗ ହେଲେ କରାଯିବା ସମ୍ଭବ ହେବ। ସେହିସବୁ ଅଂଚଳରେ ଖଣି ଖନନ ଦ୍ୱାରା ଜଙ୍ଗଲର ଯେଉଁ ଧ୍ୱଂସ ହେଉଛି ଓ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନେ ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ତାହାର ମୁକାବିଲା ପାଇଁ ବିକଳ୍ପ ଜଙ୍ଗଲ ସୃଷ୍ଟି ସେହି ଅଂଚଳରେ କରାଯିବା ଉଚିତ। ତାହା ନକରାଯାଇ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି ଓ ନୂଆ ଜଙ୍ଗଲ ପାଇଁ କମ୍ପାନୀମାନେ ଦେଉଥିବା କ୍ଷତିପୂରଣ ରାଶି ଅନ୍ୟ କେଉଁଆଡ଼େ ଯାଇ ଜଙ୍ଗଲ ବିଭାଗ କର୍ମକର୍ତ୍ତାଙ୍କ ସଉକ ମେଂଟାଉଛି। ବଜେଟ୍ ଆଲୋଚନା ସମୟରେ ଏ ପ୍ରସଙ୍ଗ ବି ଭଲଭାବରେ ଆସିବା ଉଚିତ।

ଓଡ଼ିଶାରେ ଗତ ୧୦ବର୍ଷ ହେଲା ସ୍ୱତନ୍ତ୍ର କୃଷି ବଜେଟ୍ କରାଯାଉଛି। ୧୦ବର୍ଷ ଭିତରେ ଏଥିରେ ପ୍ରାୟ ଦେଢ଼ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହେଲାଣି। ତଥାପି ଓଡ଼ିଶାରେ ଚାଷୀମାନଙ୍କ ଆୟ ଦେଶରେ ସବୁଠାରୁ ତଳେ ରହିଛି। ଓଡ଼ିଶା ପଛକୁ ମାତ୍ର ଗୋଟିଏ ରାଜ୍ୟ ଅଛି। ଅବଶ୍ୟ ୨୦୧୮-୧୯ ପରେ ଚାଷୀଙ୍କ ଆୟ ହିସାବ ଆସିନାହିଁ। କିନ୍ତୁ କେନ୍ଦ୍ର ସରକାର ବା ପ୍ରଧାନମନ୍ତ୍ରୀ ମୋଦୀ ଚାଷୀମାନଙ୍କ ଆୟ ୨୦୨୨ ସୁଦ୍ଧା ଦୁଇଗୁଣ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରି ଯେଉଁ ସ୍କିମ୍ ଗୁଡ଼ିକ ଆରମ୍ଭକଲେ ସେଥିରେ ରାଜ୍ୟ ସରକାର ମଧ୍ୟ ୪୦ଭାଗ ଅର୍ଥ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ଚାଷୀର ଆୟ ବଢ଼ିପାରୁନାହିଁ। ରାଜ୍ୟ ସରକାର ଗର୍ବିତ ଯେ ଧାନ ଉତ୍ପାଦନରେ ସେମାନେ ପୁରସ୍କୃତ ହୋଇଛନ୍ତି। କିନ୍ତୁ କେଉଁ ବର୍ଗରେ ଓ କିପରି ପୁରସ୍କୃତ ହୋଇଛନ୍ତି ତାହା କୁହାଯାଉନାହିଁ। ଓଡ଼ିଶାରେ ଧାନ କ୍ଷେତ୍ରରେ ମଧ୍ୟ ହେକ୍ଟର ପିଛା ଉତ୍ପାଦନ ଜାତୀୟ ହାରଠାରୁ ପ୍ରାୟ ୩୦ଭାଗ କମ୍। ଧାନର ଉତ୍ପାଦିକା ଶକ୍ତି ବୃଦ୍ଧି ନିମନ୍ତେ କ'ଣ କରାଯାଇଛି କୁହାଯାଉନାହିଁ। ଏବେ ନିକଟରେ ମାଣ୍ଡିଆ ମିଶନ ନେଇ ପ୍ରଚାର କରାଯାଉଛି। କିନ୍ତୁ ଗତ ୧୦ବର୍ଷ ଭିତରେ ଓଡ଼ିଶାରେ ଡାଲି, ତୈଳବୀଜ, ଆଖୁ ଉତ୍ପାଦନ ବଢ଼ିବା ପରିବର୍ତ୍ତେ ବରଂ କମିଯାଇଛି। ଅନେକ ଲୋକ କହନ୍ତି ଯେ, ରାଜ୍ୟରେ କେବଳ ଧାନ ଉତ୍ପାଦନ କରାଯାଉଛି। ଅନ୍ୟ ଚାଷ ପ୍ରତି ଦୃଷ୍ଟିନାହିଁ। କିନ୍ତୁ ଏହା ଠିକ୍‌ନୁହେଁ। ଆମ ରାଜ୍ୟରେ ପ୍ରାୟ ୭୫ଭାଗ ଜମିରେ ଧାନ ଚାଷ ହୁଏ। ଯେଉଁମାନଙ୍କର ମନେଥିବ ଯେ, ଏକଦା ଓଡ଼ିଶାରୁ ଚୋରାରେ ପଶ୍ଚିମବଙ୍ଗକୁ ଚାଉଳ ଯାଉଥିଲା। ଦେଶ ସ୍ୱାଧୀନତା ସମୟରେ ମୋଟ ଚାଷ ଉତ୍ପାଦନର ରାଜ୍ୟରେ ଭାଗଥିଲା ଶତକଡ଼ା ୧୧ଭାଗ। ଏବେ ସେହି ଭାଗ କମି ଶତକଡ଼ା ୭କୁ ଆସିଛି। ଅପରପକ୍ଷରେ ରାଜ୍ୟରେ ଯେଉଁ ପରିମାଣରେ ଡାଲି ଓ ତୈଳବୀଜ ଉତ୍ପାଦନ ହେଉଥିଲା ଏବେ ଦେଶର ହାରାହାରି ଉତ୍ପାଦନରେ ରାଜ୍ୟର ସେହି ଅଂଶ ଆଦୌ ନାହିଁ। ଏଣୁ ସ୍ୱତନ୍ତ୍ର କୃଷି ବଜେଟ୍ ଜରିଆରେ ଯଦି କୃଷକର ଆୟ ନବଢ଼ିଲା ଓ କୃଷି ସହିତ ମତ୍ସ୍ୟଚାଷ ଓ ପଶୁପାଳନ କରି ଚାଷୀର ଆୟ ନବଢ଼ିଲା ତେବେ କୃଷି ବଜେଟ୍‌ର କୌଣସି ଅର୍ଥ ନାହିଁ। ରାଜ୍ୟରେ ପ୍ରକୃତ ଜମିମାଲିକ ଯିଏ ସେମାନଙ୍କ ଭିତରୁ ୬୦ଭାଗ ଚାଷ କରୁନାହାନ୍ତି। ଅଧିକାଂଶ ଜମି ଭାଗଚାଷ ଦ୍ୱାରା ନିୟୋଜିତ। କିନ୍ତୁ ଏହି ଭାଗଚାଷୀମାନଙ୍କର କୌଣସି ଅଧିକାର ନାହିଁ। ସରକାରଙ୍କର ଯୋଜନାରେ ସେମାନେ ଲାଭବାନ ହେଉନାହାନ୍ତି। ସେମାନଙ୍କର ଆର୍ଥିକ ଅବସ୍ଥା ଖରାପ ହେଉଛି। ଏପରିକି କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସେମାନେ ଲାଭବାନ ହେବାର ସମ୍ଭାବନା ଅତ୍ୟନ୍ତ କ୍ଷିଣ। ଏହି ଦୃଷ୍ଟିରୁ ରାଜ୍ୟରେ କେବଳ ଚାଷ ଉପରେ ନିର୍ଭର କରୁଥିବା ଲୋକମାନଙ୍କ ଅବସ୍ଥା ଶୋଚନୀୟ। ମୋଟ୍ ରାଜ୍ୟ ଉତ୍ପାଦନକୁ କୃଷି ଉଦ୍ୟୋଗର ଅଂଶ ଶତକଡ଼ା ୧୫ରେ ପହଁଚିଲାଣି। କିନ୍ତୁ ଏହା ଉପରେ ଏବେବି ପ୍ରାୟ ୬୦ଭାଗ ଲୋକ ନିର୍ଭର କରିଅଛନ୍ତି। ଏହି ଶ୍ରେଣୀର ଲୋକମାନେ ଯେତିକି ଦାରିଦ୍ର୍ୟ ଭିତରେ ରହୁଛନ୍ତି ଠିକ୍ ସେହିପରି ଖଣି ଦ୍ୱାରା ରାଜ୍ୟ ବିପୁଳ ରାଜସ୍ୱ ପାଉଥିଲେ ମଧ୍ୟ ସେହି ଅଂଚଳରେ ହେଉଥିବା ଆଦିବାସୀ ଓ ପଛୁଆ ଲୋକମାନଙ୍କର ଅବସ୍ଥା ସଂକଟାପନ୍ନ ହେବାରେ ଲାଗିଛି। ତଥାପି ଓଡ଼ିଶାରୁ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ରାଜ୍ୟବାସୀ ଖୁସିଅଛନ୍ତି।

ମୋ- ୮୦୧୮୦୯୪୪୫୫

# ଜନସାଧାରଣ ଠକ ମନୋବୃତ୍ତିକୁ ପରିତ୍ୟାଗ କରନ୍ତୁ

**● ଶୀତଳ ତରଙ୍ଗ ବେଉରିଆ**

**ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରାଯିବା ଉଚିତ୍ ବୋଲି ଭାବୁଥିବା ଭଦ୍ରବ୍ୟକ୍ତି ଜଣଙ୍କ ରୋଷେୟାକୁ ପୁଣି ଦୁଇ ହଜାର ଟଙ୍କା ଦେଲେ। ମାସକ ପରେ ସେ (ଭଦ୍ରବ୍ୟକ୍ତି ଜଣଙ୍କ) ଧାର୍ ଟଙ୍କା କଥା ଉଠାଇବାରୁ ରୋଷେୟା ଆଜି ଦେବି, କାଲି ଦେବି କହି କିଛିଦିନ ଗଡ଼ାଇଲା। ତାପରେ ଅଚାନକ ଦିନେ ସେ କୁଆଡ଼େ ଗାଏବ୍ ହୋଇଗଲା। କାମକୁ ଆଦୌ ଆସିଲା ନାହିଁ। ବିଚରା ଭଦ୍ରବ୍ୟକ୍ତିଙ୍କ ନିକଟରେ ତାକୁ ଖୋଜିବା ପାଇଁ ସମୟ ମଧ୍ୟ ନଥିଲା। ତେଣୁ କାନମୁଣ୍ଡା ଆଉଁସି ଚୁପ୍ ରହିବା ବ୍ୟତୀତ ତାଙ୍କ ପାଖରେ ଆଉ ଅନ୍ୟଗତି ନଥିଲା। ଯେଉଁ ଦେଶରେ ଦୟାଳୁ ଓ ସାହାଯ୍ୟକାରୀ ବ୍ୟକ୍ତିବିଶେଷମାନଙ୍କୁ ବୋକା ବୋଲି ବାଖ୍ୟା କରାଯାଏ ସେ ଦେଶର ଭବିଷ୍ୟତ କଣ ତାହା ସହଜରେ ଅନୁମେୟ।**

ଏ କଥା ସମସ୍ତଙ୍କୁ ଜଣାଅଛି ଯେ, ଭାରତବର୍ଷରେ ଠକ ମନୋବୃତ୍ତି ରଖୁଥିବା ଜନସାଧାରଣଙ୍କ ସଂଖ୍ୟା ଢେର୍ ଅଧିକ। ଦେଶର ଅଧିକାଂଶ ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ତଥା ଫାଇଦା ପାଇଁ ଅନ୍ୟଜଣଙ୍କୁ ଠକିବା ନିମନ୍ତେ ତିଳେମାତ୍ର କୁଣ୍ଠାବୋଧ କରନ୍ତି ନାହିଁ। ମଉକା ମିଳିଛି ତ ଦେ ଚାଲ ତାକୁ ଠକିଦେବା ଓ ତା'ଠାରୁ କିଛି ପଇସା ଖେପିଦେବା। ଏହାହିଁ ହେଉଛି ଦେଶର ଅଧିକାଂଶ ଲୋକଙ୍କ ମନୋବୃତ୍ତି। ଯେଉଁ ଦେଶର ଅଧିକାଂଶ ଜନସାଧାରଣଙ୍କ ମନୋଭାବ ଏଭଳି ସେ ଦେଶର ସର୍ବାଙ୍ଗୀନ ଉନ୍ନତି ଅସମ୍ଭବ। ହଁ ଦେଶ ଚାଲିବ, ପାକିସ୍ତାନ ବି ଚାଲିଛି, ଆଫଗାନିସ୍ଥାନ ବି ଚାଲିଛି, ୟେମେନ୍ ବି ଚାଲିଛି। ବହୁ ଅନୁନ୍ନତ ଆଫ୍ରିକୀୟ ଦେଶ ମଧ୍ୟ ଚାଲିଛନ୍ତି। ଭାରତ ମଧ୍ୟ ବଞ୍ଚିରହିବ ଓ ଚାଲିବ। କିନ୍ତୁ ଦେଶ ଯେଉଁଭଳି ଭାବେ ଉନ୍ନତି କରିବା କଥା ତାହା କରିପାରିବ ନାହିଁ। ଦେଶର ଅଧିକାଂଶ ଲୋକ ଯେମିତି ଗରୀବ ଥିଲେ ବା ଅଛନ୍ତି ସେମିତି ରହିବେ। ଦେଶକୁ ଉନ୍ନତିପଥରେ ଆଗେଇ ନେବାକୁ ହେଲେ ଏବଂ ଦେଶକୁ ଅଧିକ ସମୃଦ୍ଧ କରିବାକୁ ହେଲେ ସବୁ ବର୍ଗର ଜନସାଧାରଣ ନିଜ ମଧ୍ୟରେ ପୋକ ଭଳି ଯାକି ରହିଥିବା ଠକ ମନୋବୃତ୍ତିକୁ ପରିତ୍ୟାଗ କରିବାକୁ ପଡ଼ିବ। ଦେଶକୁ ଶକ୍ତିଶାଳୀ ଓ ଧନୀ କରିବାର ଏହା ହିଁ ଏକମାତ୍ର ଉପାୟ। ମାତ୍ର ତାହା ଏବେ ଆକାଶ କଇଁଆ ଚିଲିକା ମାଛ ସଦୃଶ ହୋଇଯାଇଛି। ଅର୍ଥାତ୍ ଦେଶର ଜନସାଧାରଣ ଜଣେ ଅନ୍ୟ ଜଣଙ୍କୁ ଠକିବେ ନାହିଁ ତାହା ଆଶା କରିବା ବୃଥା।

ନିକଟରେ ରଜଣେ ଭଦ୍ରବ୍ୟକ୍ତି ନିଜର ଗାଡ଼ିକୁ ସର୍ଭିସିଂ କରିବାକୁ ଚାହିଁଲେ। ଗାଡ଼ି ତାଙ୍କର ପୁରା ଠିକ୍‌ଠାକ୍ ଚାଲିଥିଲା। ତଥାପି ଭାବିଲେ ବହୁଦିନ ହେଲା ଗାଡ଼ିଟା ସର୍ଭିସିଂ ହୋଇନାହିଁ। ଟିକେ କରାଇନେବା, ତାପରେ ଗାଡ଼ିଟିକୁ ସର୍ଭିସିଂ ପାଇଁ ଡ଼ିଲରଙ୍କ ୱାର୍କସପ୍‌କୁ ପଠାଇ ଦେଲେ। କେବଳ ସାଧାରଣ ସର୍ଭିସିଂ ହେବ। ତେଣୁ ଆଶା କରୁଥିଲେ ଯେ, ଗାଡ଼ିଟି ସନ୍ଧ୍ୟା ସୁଦ୍ଧା ଘରକୁ ଫେରିଆସିବ। କିନ୍ତୁ ଗାଡ଼ି ପଠାଇବାର କିଛି ସମୟ ପରେ ୱାର୍କସପ୍‌ରୁ ଯେଉଁ ଫୋନ୍ କଲ ଆସିଲା। ସେଥିରେ ଭଦ୍ରବ୍ୟକ୍ତିଙ୍କର ଅକଲ ଗୁଡୁମ୍ ହୋଇଗଲା। ୱାର୍କସପ୍ ପକ୍ଷରୁ କୁହାଗଲା ଆଜ୍ଞା ଆପଣଙ୍କ ଗାଡ଼ି ଭିତରେ ଅମକ ପାର୍ଟସରେ ଗୋଟିଏ ଗାର ପଡ଼ିଯାଇଛି। ତାକୁ ନ ବଦଳାଇଲେ ଇଞ୍ଜିନ୍ ସିଜ୍ ହୋଇଯିବ। ତାଛଡ଼ା ଅମକ ପାର୍ଟସରୁ ଢମକ ତେଲ ବାହାରିକି ଆଉ ଏକ ତେଲ ସାଙ୍ଗରେ ମିଶିକି ଅମକ ପାର୍ଟସ୍ ଭିତରକୁ ଚାଲିଯାଇଛି। ଇଞ୍ଜିନକୁ ପୁରା ଖୋଲିକି ଦେଖିବାକୁ ପଡ଼ିବ ଓ ସଫା କରିବାକୁ ପଡ଼ିବ। ଟଙ୍କା ଷାଠିଏରୁ ସତୁରୀ ହଜାର ପଡ଼ିବ। ଭଦ୍ରବ୍ୟକ୍ତି ଜଣଙ୍କ ଗାଡ଼ି ଚଲାନ୍ତି କିନ୍ତୁ ଗାଡ଼ି ଇଞ୍ଜିନ୍ ବିଷୟରେ ତାଙ୍କୁ କଣ ବା ଜଣା ? ଗାଡ଼ିକୁ ବାଗେଇବାକୁ ପଡ଼ିବ। ତେଣୁ କାନମୁଣ୍ଡା ଆଉଁସି ୱାର୍କସପ୍‌ବାଲା ଯାହା କହିଲେ ସେଥିରେ ରାଜି ହେଲେ। କଠିନ ପରିଶ୍ରମ କରି ସାଇତି ରଖିଥିବା ଅର୍ଥରୁ ମେଞ୍ଚେ ଖର୍ଚ୍ଚ କଲେ। ଗାଡ଼ିଟି ଘରକୁ ଫେରିବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗିଥିଲା।

ଏହି ଗାଡ଼ି ଝାମେଲା ଚାଲିଥିଲା ବେଳେ ଭଦ୍ରଲୋକ ଜଣଙ୍କୁ କିଛିଦିନ ପୂର୍ବେ ତାଙ୍କର ଜଣେ ବନ୍ଧୁ ଦେଇଥିବା ଉପଦେଶ କଥା ମନେ ପଡ଼ିଲା। ବନ୍ଧୁଜଣଙ୍କ କହିଥିଲେ ଯେ ଦେଖ ବାବୁ ବର୍ତ୍ତମାନ ଗାଡ଼ି ସର୍ଭିସିଂ ପାଇଁ ଡ଼ିଲରଙ୍କ ୱାର୍କସପକୁ ଆଦୌ ପଠାଇବୁ ନାହିଁ। କୋଭିଡ଼୍ ପାଇଁ ଡ଼ିଲରମାନଙ୍କର ଦୋକାନ ସବୁ ବହୁଦିନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏଥିଯୋଗୁଁ ସେମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହି କ୍ଷତିକୁ ଭରଣା କରିବା ନିମନ୍ତେ ଠକଦଳ ନିଜର ୱାର୍କସପକୁ ସର୍ଭିସିଂ ପାଇଁ ଆସୁଥିବା ଗାଡ଼ିମାଲିକ ମାନଙ୍କ ଠାରୁ ଟିଙ୍କ ଭଳି ପଇସା ଚୁସିବା ନିମନ୍ତେ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରି ରଖିଥିବେ। ତେଣୁ ଯଦି ଗାଡ଼ି ସର୍ଭିସିଂ କରାଇବାର ଅଛି, ତେବେ ରୋଡ଼ ସାଇଡ଼ରେ ଥିବା କୌଣସି ଛୋଟ ସର୍ଭିସିଂ ସେଣ୍ଟରରେ ଅଳ୍ପ ଅର୍ଥ ଦେଇ ତାହା କରାଇ ନେ। ଭଦ୍ରଲୋକ ଜଣଙ୍କ ବନ୍ଧୁଙ୍କ କଥାକୁ କର୍ଣ୍ଣପାତ କଲେ ନାହିଁ। ଟଙ୍କା ପାଞ୍ଚ ହଜାର ସ୍ଥାନରେ ଷାଠିଏ ସତୁରୀ ହଜାର ଗଣିଲେ। ମାତ୍ର ଏ କଥାଟିକୁ ସେ ସହଜରେ ହଜମ କରିପାରୁ ନଥିଲେ ଯେ, ଗାଡ଼ିତ ଠିକ୍‌ଠାକ୍ ଚାଲିଥିଲା, ଖରାପ ହେବାର କୌଣସି ସଙ୍କେତ ନଥିଲା। ମାତ୍ର ୱାର୍କସପରେ ପହଞ୍ଚୁ ପହଞ୍ଚୁ ସେଥିରେ (ଗାଡ଼ିରେ) କଣ ଏମିତି ତ୍ରୁଟି ଦେଖାଦେଲା ଯେ ତାଙ୍କୁ ଏତେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଲା।

ଏବେ ଆସନ୍ତୁ ଆଉ ଏକ ଠକ କାହାଣୀ ସମ୍ପର୍କରେ ଜାଣିବା, ଜଣେ ଭଦ୍ରବ୍ୟକ୍ତିଙ୍କର ଗୋଟିଏ କୁକ୍ ବା ରୋଷେୟାର ଆବଶ୍ୟକତା ପଡ଼ିଲା। ଉଭୟ ସ୍ୱାମୀ ସ୍ତ୍ରୀ କର୍ମଜୀବୀ। ଆଗୁ ଚଳାଇ ନେଉଥିଲେ। କିନ୍ତୁ ଆଉ ହେଲା ନାହିଁ। ତେଣୁ ଗୋଟିଏ ରୋଷେୟା ରଖିବା ପାଇଁ ମନସ୍ଥ କଲେ। ଜଣଙ୍କ ସହିତ କଥା ଛିଣ୍ଡିଲା ଓ ସେ ଆସି ରୋଷେଇ କରିବା ଆରମ୍ଭ କଲା। କାମ କରିବାର ପନ୍ଦର କୋଡ଼ିଏ ଦିନ ନ ଯାଉଣୁ ରୋଷେୟା ଜଣଙ୍କ ଆସି ଭଦ୍ରବ୍ୟକ୍ତିଙ୍କ ନିକଟରେ ଗୁହାରି ହୋଇ କହିଲା, ସାର୍ ମୋ ଛୁଆର ଦେହ ଭୀଷଣ ଖରାପ। ଡ଼ାକ୍ତରଙ୍କୁ ଦେଖାଇବାକୁ ନେବି। ଟଙ୍କା ପାଞ୍ଚହଜାର ଦରକାର। ଆପଣ ଦେଇଥାଆନ୍ତୁ, ମୁଁ ପନ୍ଦର ଦିନ ମଧ୍ୟରେ ଧାର୍ ଟଙ୍କା ଶୁଝିଦେବି। ଦୟାଳୁ ଭଦ୍ରବ୍ୟକ୍ତି ଜଣଙ୍କ ଅନୁରୋଧକୁ ଗ୍ରହଣ କଲେ ଓ ଟଙ୍କା ଦେଲେ। ଠିକ୍ ଦଶଦିନ ପରେ ରୋଷେୟା ଜଣଙ୍କ ଭଦ୍ରବ୍ୟକ୍ତିଙ୍କୁ ପୁଣିଥରେ କାକୁତି ମିନତି ହୋଇ କହିଲା ଯେ କାଲି ରାତିରେ ମୋ ବାପା ଘର ମଧ୍ୟରେ ପଡ଼ିଗଲେ, ତାଙ୍କ ଗୋଡ଼ଟା ପ୍ରବଳ ବିନ୍ଧୁଛି। ବୋଧହୁଏ ଗୋଡ଼ଟା ଭାଙ୍ଗି ଯାଇଛି। ଆଜି ତାଙ୍କୁ ଡ଼ାକ୍ତରଙ୍କ ପାଖକୁ ଦେଖାଇବାକୁ ନେବି। ମତେ ଆଉ ଦୁଇ ହଜାର ଟଙ୍କା ଦେଇଥାଆନ୍ତୁ। ମୁଁ ଆଗ ପାଞ୍ଚ ହଜାର ଟଙ୍କା ଓ ଏବେର ଦୁଇହଜାରକୁ ମିଶାଇ ସମୁଦାୟ ସାତ ହଜାର ଟଙ୍କା ମାସକ ମଧ୍ୟରେ ନିଶ୍ଚିତ ଭାବେ ଫେରାଇ ଦେବି। ଆପଣଙ୍କୁ ମାଗିବାକୁ ପଡ଼ିବ ନାହିଁ। ମୁଁ ନିଜେ ଆସି ଆପଣଙ୍କ ହାତରେ ଟଙ୍କା ଦେବି। ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରାଯିବା ଉଚିତ୍ ବୋଲି ଭାବୁଥିବା ଭଦ୍ରବ୍ୟକ୍ତି ଜଣଙ୍କ ରୋଷେୟାକୁ ପୁଣି ଦୁଇ ହଜାର ଟଙ୍କା ଦେଲେ। ମାସକ ପରେ ସେ (ଭଦ୍ରବ୍ୟକ୍ତି ଜଣଙ୍କ) ଧାର୍ ଟଙ୍କା କଥା ଉଠାଇବାରୁ ରୋଷେୟା ଆଜି ଦେବି, କାଲି ଦେବି କହି କିଛିଦିନ ଗଡ଼ାଇଲା। ତାପରେ ଅଚାନକ ଦିନେ ସେ କୁଆଡ଼େ ଗାଏବ୍ ହୋଇଗଲା। କାମକୁ ଆଦୌ ଆସିଲା ନାହିଁ। ବିଚରା ଭଦ୍ରବ୍ୟକ୍ତିଙ୍କ ନିକଟରେ ତାକୁ ଖୋଜିବା ପାଇଁ ସମୟ ମଧ୍ୟ ନଥିଲା। ତେଣୁ କାନମୁଣ୍ଡା ଆଉଁସି ଚୁପ୍ ରହିବା ବ୍ୟତୀତ ତାଙ୍କ ପାଖରେ ଆଉ ଅନ୍ୟଗତି ନଥିଲା। ଏହି ଘଟଣାଟିକୁ ସେ ଯେତେବେଳେ ନିଜର ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ନିକଟରେ ବଖାଣିଲେ ସମସ୍ତେ ତାଙ୍କୁ ପରିହାସ କଲେ ଓ କହିଲେ ତୁ କଣ ବୋକାଟେ କିରେ। ଏ ଦେଶରେ କାହାକୁ ସାହାଯ୍ୟ କରାଯାଏ। ବୋକାମାନେ ଏମିତି ସାହାଯ୍ୟ କରନ୍ତି ଓ ଫସନ୍ତି। ଉକ୍ତ ଭଦ୍ରବ୍ୟକ୍ତି ଜଣଙ୍କ ଦୟାର ବଶବର୍ତ୍ତୀ ହୋଇ ସାହାଯ୍ୟର ହାତ ବଢାଇ ବୋକା ବୋଲି ପରିଗଣିତ ହେଲେ। ଯେଉଁ ଦେଶରେ ଦୟାଳୁ ଓ ସାହାଯ୍ୟକାରୀ ବ୍ୟକ୍ତିବିଶେଷମାନଙ୍କୁ ବୋକା ବୋଲି ବାଖ୍ୟା କରାଯାଏ ସେ ଦେଶର ଭବିଷ୍ୟତ କଣ ତାହା ସହଜରେ ଅନୁମେୟ।

ଏଭଳି ଠକ ଓ ଠକାମୀର କାହାଣୀ ଆପଣ ଦେଶର ପ୍ରତ୍ୟେକ ସହର ଓ ପ୍ରତ୍ୟେକ ଗଳିକନ୍ଦିରେ ଦେଖିବାକୁ ପାଇବେ। ଭାରତୀୟ ଠକ ମାନେ କିନ୍ତୁ ଗୋଟିଏ କଥା ଭୁଲି ଯାଆନ୍ତି, ତାହା ହେଲା ଆପଣ ଯେତେ ଠକିଥିବେ ତାହାର ତିନିଡ଼ବଲ ଠକାମୀର ଶିକାର ଆପଣ ନିଶ୍ଚିତ ଭାବେ ହେବେ। ସେ ଶୀଘ୍ର ହେଉ ବା ଡେ଼ରିରେ ହେଉ। ତେଣୁ ସମସ୍ତେ ଠକ ମନୋବୃତ୍ତିରୁ ନିଜକୁ ଦୂରେଇ ରଖନ୍ତୁ।

ବରିଷ୍ଠ ସାମ୍ବାଦିକ

ମୋ :୯୮୬୧୦୪୫୬୨୫

# ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ଠାକରେ ରାଜି



ମୁମ୍ବାଇ: ନିଜ ଦଳର ସାଂସଦମାନଙ୍କ ଦାବି ଆଗରେ ଶେଷରେ ମୁଣ୍ଡ ନୁଆଁଇଲେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ। ସାଂସଦମାନଙ୍କ ଦାବି ପରେ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବାକୁ ଠାକ୍‌ରେ ରାଜି ହୋଇଛନ୍ତି। ଠାକ୍‌ରେଙ୍କ ବାସଭବନରେ ସାଂସଦମାନେ ତାଙ୍କୁ ଭେଟି ଆଲୋଚନା କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଠାକ୍‌ରେଙ୍କ ଏହି ନିଷ୍ପତ୍ତି ଜୁଲାଇ ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳୀୟ ପ୍ରାର୍ଥୀ ଜଶଓ୍ୱନ୍ତ ସିହ୍ନାଙ୍କ ପାଇଁ ଏକ ବିରାଟ ପ୍ରତିବନ୍ଧକ ହେବ।ମହାରାଷ୍ଟ୍ରର ଶିବଶେନାର ୧୮ ଜଣ ସାଂସଦଙ୍କ ମଧ୍ୟରୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ହେବାକୁ ଥିବା ଏକ ପ୍ରମୁଖ ବୈଠକରେ ୧୨ ଜଣ ସାଂସଦ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଂସଦ ରାଷ୍ଟ୍ରପତି ପଦବୀ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ନିଜର ସମର୍ଥନ ଜଣାଇଥିଲେ। ତେବେ ବୈଠକରେ ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କିନ୍ତୁ ତାଙ୍କର ସମର୍ଥନ ଜଶଓ୍ୱନ୍ତ ସିହ୍ନାଙ୍କୁ ଦେଇଥିଲେ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ନିଜ ବାସଭବନ ମାତୋଶ୍ରୀରେ ଶିବସେନା ସାଂସଦଙ୍କ ବୈଠକରେ ୧୨ ଜଣ ସାଂସଦ ପହଞ୍ଚିଥିବା ବେଳେ ଆଉ ୭ ଜଣ ସାଂସଦ ପହଞ୍ଚିନଥିଲେ। ଶିବସେନାରେ ଲୋକସଭାରେ ମୋଟ ୧୯ ସାଂସଦ ଅଛନ୍ତି। ଏମଧ୍ୟରେ ୭ ଜଣ ବୈଠକରେ ନପହଞ୍ଚିବାରୁ ସେମାନେ ଉଦ୍ଧବଙ୍କ ସାଥି ଛାଡିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏହାପୂର୍ବରୁ ମଧ୍ୟ କିଛି ସାଂସଦ ଉଦ୍ଧବ ଠାକରେଙ୍କୁ ଏକନାଥ ସିନ୍ଦେଙ୍କ ସହ ମେଣ୍ଟ କରିବାକୁ ପରାମର୍ଶ ଦେଇଥିଲେ।

# ହଜ୍ ପାଇଁ ୬,୫୦୦ କିଲୋମିଟର ଚାଲିଲେ



ନୂଆଦିଲ୍ଲୀ : ଚଳିତ ବର୍ଷ ହଜ୍ କରିବା ପାଇଁ ଇରାକ-କୁର୍‌ଦ୍ଧ ମୂଳ ବାସିନ୍ଦା ଜଣେ ବ୍ରିଟିଶ ବ୍ୟକ୍ତି ଇଂଲଣ୍ଡର ଓ୍ୱେଲଭରହମ୍ପଟନ୍ ଠାରୁ ୬,୫୦୦ କିଲୋମିଟର ଚାଲି ଚାଲି ମକ୍କାରେ ପହଞ୍ଚିଥିଲେ। ଆଦାମ ମହମ୍ମଦ (୫୨) ନାମକ ଏହି ବ୍ୟକ୍ତି ଜଣକ ନେଦରଲ୍ୟାଣ୍ଡ, ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ, ସର୍ବିଆ, ବୁଲଗେରିଆ, ତୁର୍କୀ, ଲେବାନନ୍ ଏବଂ ଜୋର୍ଡାନ ଦେଇ ସାଉଦି ଆରବରେ ପହଞ୍ଚିବାକୁ ୧୦ ମାସ ୨୫ ଦିନରେ ପ୍ରାୟ ୬,୫୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ। ସେ ୨୦୨୧ ଅଗଷ୍ଟ ୧ରେ ବ୍ରିଟେନରୁ ଯାତ୍ରାରମ୍ଭ କରି ଗତ ମାସରେ ସାଉଦି ଆରବରେ ପହଞ୍ଚିଥିଲେ। ଅଲ ଜଜିରାର ଏକ ରିପୋର୍ଟ ଅନୁଯାୟୀ, ଆଦାମ ପ୍ରତିଦିନ ହାରାହାରି ୧୭.୮ କିଲୋମିଟର ଅତିକ୍ରମ କରୁଥିଲେ। ସାଙ୍ଗରେ ଥିଲା ୩୦୦ କିଲୋଗ୍ରାମ ଓଜନର କାଠରେ ତିଆରି ଏକ ଠେଲା ଗାଡି। ସେଥିରେ ତାଙ୍କ ବ୍ୟକ୍ତିଗତ ଜିନିଷ ଏବଂ ଇସ୍‌ଲାମିକ ସଙ୍ଗୀତ ବାଜୁଥିବା ସ୍ପିକର ସଜାଯାଇଥିଲା। ତାଙ୍କର ଲକ୍ଷ୍ୟ ଥିଲା ଶାନ୍ତି ଏବଂ ଏକତାର ବାର୍ତ୍ତା ବାଣ୍ଟିବା। ଏହି ଯାତ୍ରା କରିବାକୁ ତାଙ୍କର ନିଷ୍ପତ୍ତି ଏହି ପ୍ରାଣ-ଅନୁସନ୍ଧାନର ଫଳାଫଳ। ବାଟରେ ଲୋକମାନେ ତାଙ୍କୁ ଦେଇଥିବା ଭଲ ପାଇବାକୁ ନେଇ ସେ ଅତ୍ୟନ୍ତ ଖୁସି ହୋଇଯାଇଥିଲେ। ସେ ଟିକ୍‌ଟକ୍‌ରେ ତାଙ୍କର ଯାତ୍ରା ପ୍ରସାରଣ କରି ଅଢ଼େଇ ଲକ୍ଷ ଅନୁସରଣକାରୀ ଲାଭ କରିଥିଲେ। ସୂଚନାଯୋଗ୍ୟ, ଦୁଇ ବର୍ଷର ବ୍ୟବଧାନ ପରେ ସାଉଦି ଆରବ ଚଳିତ ବର୍ଷ ୧ ମିଲିୟନ ମୁସଲମାନଙ୍କୁ ହଜ୍ କରିବାକୁ ଅନୁମତି ଦେଇଛି। ୨୦୨୦ ଏବଂ ୨୦୨୧ରେ ହଜ୍ କେବଳ ସାଉଦି ଆରବ ବାସିନ୍ଦାଙ୍କ ପାଇଁ ସୀମିତ ଥିଲା। ଚଳିତ ବର୍ଷ ଜୁଲାଇ ୭ରେ ହଜ୍ ତୀର୍ଥଯାତ୍ରା ଆରମ୍ଭ ହୋଇଛି।

# ମାସକରେ ମୌସୁମୀ ନେଲାଣି ୧୪୭ ଜୀବନ



କରାଚି : ପାକିସ୍ତାନରେ ମୌସୁମୀ ବର୍ଷା ଯୋଗୁଁ ଗତ ମାସ ଠାରୁ ଏପର୍ଯ୍ୟନ୍ତ ୧୪୭ ଜଣ ପ୍ରାଣ ହରାଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କହିଛି। ଦେଶର କିଛି କିଛି ସ୍ଥାନରେ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ୮୮ଜଣ ମହିଳା ଏବଂ ଶିଶୁ ରହିଛନ୍ତି। ଅନ୍ୟପକ୍ଷେ ବର୍ଷା ଯୋଗୁଁ ଅନେକ ଘର, ବ୍ରିଜ୍ ଏବଂ ପାବାର ଷ୍ଟେସନ ଆଦି ନଷ୍ଟ ହୋଇଯାଇଥିବା ସହ ଗାଡ଼ି ମଟର ମଧ୍ୟ ଭାସି ଯାଇଛି। କରାଚିର ଦକ୍ଷିଣ ପୋର୍ଟରେ ସ୍ଥିତି ଗମ୍ଭୀର ରହିଥିବା କୁହାଯାଇଛି। ନିମ୍ନମାନର ସରକାରୀ ଯୋଜନା ଯୋଗୁଁ ପ୍ରତିବର୍ଷ ମୌସୁମୀରେ ପାକିସ୍ତାନର ଅନେକ ଅଞ୍ଚଳ ପ୍ରଭାବିତ ହୁଏ।

# ପ୍ରକୃତି ଓ ସଂସ୍କୃତିରେ ଭାରତ ଏକ କୃଷିଭିତ୍ତିକ ଦେଶ: ମୋଦୀ



ନୂଆଦିଲ୍ଲୀ : ଗୁଜରାଟର ସୁରତରେ ଆୟୋଜିତ ପ୍ରାକୃତିକ କୃଷି ସଂକ୍ରାନ୍ତ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫରେନ୍ସି ବ୍ୟବସ୍ଥାରେ ଉଦ୍‌ବୋଧନ ଦେଇଛନ୍ତି। ଏହି ସମ୍ମିଳନୀରେ ପ୍ରାକୃତିକ କୃଷିକୁ ଆପଣାଉଥିବା ହଜାର ହଜାର ଚାଷୀ ଏବଂ ଚାଷ ସହିତ ସମ୍ପୃକ୍ତ ବିଭିନ୍ନ ପକ୍ଷର ଲୋକ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏଥିରେ ଚାଷୀମାନେ ସେମାନଙ୍କ ସଫଳ କାହାଣୀମାନ ଉପସ୍ଥାପିତ କରିଛନ୍ତି। ଏହି ସମ୍ମିଳନୀରେ ଗୁଜରାଟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସରକାରୀ ଅଧିକାରୀ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି ଯେ ଆଜିର ଏହି ସମ୍ମିଳନୀ ଭାରତର 'ଅମୃତକାଳ'ର ସଂକଳ୍ପ ପୂରଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ପ୍ରତ୍ୟେକ ପଞ୍ଚାୟତର ୭୫ ଚାଷୀଙ୍କୁ ପ୍ରାକୃତିକ କୃଷି ସହିତ ସମ୍ପୃକ୍ତ କରି ସୁରତ ଜିଲ୍ଲା ଯେଉଁ ସଫଳତା ହାସଲ କରିଛି ତାହା ସମଗ୍ର ଦେଶ ପାଇଁ ଉଦାହରଣୀୟ। ପ୍ରାକୃତିକ କୃଷିକୁ ଲୋକପ୍ରିୟ କରିବାରେ ସେ ସରପଞ୍ଚଙ୍କ ଭୂମିକାକୁ ପ୍ରଶଂସା କରିବା ସହିତ ଏଥିରେ ସମ୍ପୃକ୍ତ ଚାଷୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରାକୃତିକ କୃଷିକୁ ପ୍ରତି ପଞ୍ଚାୟତରେ ଲୋକପ୍ରିୟ କରାଇବାରେ ପଞ୍ଚାୟତଗୁଡିକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେମାନଙ୍କ ସାହାଯ୍ୟ ସହଯୋଗ ବିନା ସମ୍ପୃକ୍ତ ଚାଷୀ ଆବଶ୍ୟକ ତାଲିମ, ସାହାଯ୍ୟ, ସମ୍ବଳ ଓ ପ୍ରୋତ୍ସାହନ ପାଇ ନ ଥାନ୍ତେ। ଏଭଳି ସହଯୋଗ ସମଗ୍ର ଦେଶରେ ପଞ୍ଚାୟତ ସ୍ତରରେ ହେବା ଆବଶ୍ୟକ। ସୁରତର ଏହି ପ୍ରାରମ୍ଭିକ ପ୍ରୟାସ ଦ୍ୱାରା ୫୫୦ ପଞ୍ଚାୟତର ୪୦ହଜାରରୁ ଅଧିକ ଚାଷୀ ପ୍ରାକୃତିକ କୃଷି ସହିତ ଜଡିତ ହୋଇ ପାରିଛନ୍ତି। ଆଗାମୀ ଦିନରେ ପ୍ରାକୃତିକ କୃଷି ଏକ ଜନ ଆନ୍‌ଦୋଳନରେ ପରିଣତ ହେବା ସହିତ ବିପୁଳ ସଫଳତା ହାସଲ କରିବ। ଆମ ସ୍ୱାସ୍ଥ୍ୟ, ଜୀବନ ଓ ସମାଜର ମୂଳ ଭିତ୍ତି ହେଲା କୃଷି ବ୍ୟବସ୍ଥା। ଭାରତ ଉଭୟ ପ୍ରକୃତି ଓ ସଂସ୍କୃତି ଦୃଷ୍ଟିରୁ ଏକ କୃଷିଭିତ୍ତିକ ଦେଶ। ତେଣୁ ଆମ ଚାଷୀଙ୍କର ଉନ୍ନତି ଘଟିଲେ ଆମ ଚାଷର ଉନ୍ନତି ଘଟିବ ଓ ଦେଶ ପ୍ରଗତି କରି ସମୃଦ୍ଧ ହେବ। ପ୍ରାକୃତିକ କୃଷି ପଦ୍ଧତି ସମୃଦ୍ଧିର ଏକ ମାଧ୍ୟମ ହେବା ସହିତ ମାଟି ମା'କୁ ସମ୍ମାନ ଦେଇ ତାହାର ସେବା କରିବାର ଏକ ଉପାୟ ବୋଲି ପ୍ରଧାନମନ୍ତ୍ରୀ କୃଷକ ସମୁଦାୟଙ୍କୁ କହିଛନ୍ତି।

ପ୍ରାକୃତିକ କୃଷିର ଉତ୍ପାଦଗୁଡିକୁ ସାର୍ଟିଫିକେଟ ପ୍ରଦାନ ବା ଏହାର ପ୍ରମାଣନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ କ୍ୱାଲିଟି ଆସ୍ୟୁରାନ୍ସ ବ୍ୟବସ୍ଥା କରାଯାଇଛି। ପ୍ରାକୃତିକ କୃଷିଜାତ ପଦାର୍ଥଗୁଡିକ ପ୍ରମାଣପତ୍ର ପାଇଲେ ସେସବୁର ଚାହିଦା ଦେଶବିଦେଶରେ ବଢିବ। ପ୍ରମାଣିତ ପ୍ରାକୃତିକ କୃଷିଜାତ ସାମଗ୍ରୀର ଚାହିଦା ବିଦେଶରେ ଭଲ ଏବଂ ଏହାର ମୂଲ୍ୟ ଅଧିକ ରହୁଛି। ଏହାଦ୍ୱାରା ସମ୍ପୃକ୍ତ ଚାଷୀ ଉପକୃତ ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଦୁବାଇ ପଳାଇବେ ଶ୍ରୀଲଙ୍କା ରାଷ୍ଟ୍ରପତି !





କଲମ୍ବୋ: ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ ଏପର୍ଯ୍ୟନ୍ତ ଦେଶରେ ଅଛନ୍ତି। ବିବିସିକୁ ଦେଇଥିବା ସାକ୍ଷାତକାରରେ ବାଚସ୍ପତି ଏକ ତ୍ରୁଟି କରିଦେଇଛନ୍ତି। ନିଜେ ବାଚସ୍ପତି ମହିନ୍ଦା ୟାପା ଆବେଓ୍ୱର୍ଦ୍ଧେନା ସୋମବାର ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ଚଳାଇଥିବା ସଂଗଠନଗୁଡିକର ନେତାମାନେ କହିଛନ୍ତି ଉଭୟ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ସେମାନଙ୍କ ପଦ ନଛାଡିବା ପର୍ଯ୍ୟନ୍ତ ସେମାନେ ରାଷ୍ଟ୍ରପତି ଭବନକୁ ଅଧୀନରେ ରଖିବେ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କର ଅବସ୍ଥିତି ସଂପର୍କରେ ଯଦିଓ କୌଣସି ସୂଚନା ଦିଆଯାଇ ନାହିଁ କିନ୍ତୁ ଅନେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସୋମବାର ସେ ଦେଶ ଛାଡି ଦୁବାଇ ପଳାଇ ଯାଇପାରନ୍ତି। ରାଷ୍ଟ୍ରପତିଙ୍କୁ ମୁଖ୍ୟ ଅନ୍ତର୍ଜାତୀୟ ବିମାନ ବନ୍ଦର ନିକଟ କାଟୁନାୟକେ ବାୟୁସେନା ଘାଟିକୁ ନିଆଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଏଥିଯୋଗୁ ରାଷ୍ଟ୍ରପତି ଦେଶ ଛାଡି ପଳାଇ ପାରନ୍ତି ବୋଲି କଳ୍ପନାଜଳ୍ପନା ଦେଖାଦେଇଛି। ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ଉତ୍ତରାଧିକାରୀ ଆସନ୍ତା ୨୦ ତାରିଖରେ ନିର୍ବାଚିତ ହେବେ। ପୂର୍ବ ଘୋଷଣା ଅନୁଯାୟୀ ରାଷ୍ଟ୍ରପତି ଆସନ୍ତା ୧୩ ତାରିଖରେ ଇସ୍ତଫା ଦେବେ। ୧୫ ତାରିଖରେ ସଂସଦର ଅଧିବେଶନ ହେବ। ୧୯ ତାରିଖ ସୁଦ୍ଧା ରାଷ୍ଟ୍ରପତି ପଦ ପାଇଁ ମନୋନୟନ ପତ୍ର ଗ୍ରହଣ କରାଯିବ ତାହା ପରେ ୨୦ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ହେବ। ନୂଆ ସରକାର ଗଠନ ପାଇଁ ଗୋଟାବାୟ ଓ ଅନ୍ୟ ସବୁ ମନ୍ତ୍ରୀ ଇସ୍ତଫା ଦେବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ବିଧାନ ବିଶେଷଜ୍ଞଙ୍କ କହିବାନୁଯାୟୀ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବାପରେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବାଚସ୍ପତି କାମଚଳା ରାଷ୍ଟ୍ରପତି ଭାବେ ନିଯୁକ୍ତ ହେବେ। ଏହାପରେ ୩୦ ଦିନ ଭିତରେ ସଂସଦ ନୂଆ ରାଷ୍ଟ୍ରପତି ନିର୍ବାଚନ କରିବ। ଗୋଟାବାୟା ରାଜପକ୍ଷଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୪ରେ ଶେଷ ହେଉଛି। ତେଣୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନବନିଯୁକ୍ତ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ବଳବତ୍ତର ରହିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ନୂଆ ସଂସଦ ଭବନରେ ଜାତୀୟ ପ୍ରତୀକ ଅନାବରଣ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବନିର୍ମିତ ସଂସଦ ଭବନର ଛାତ ଉପରେ ଜାତୀୟ ପ୍ରତୀକ ଅନାବରଣ କରିଛନ୍ତି। ଏହି ପ୍ରତୀକର ଓଜନ ୯,୫୦୦ କିଲୋଗ୍ରାମ ଏବଂ ଏହା ପିତ୍ତଳରେ ନିର୍ମିତ। ଏହାର ଉଚ୍ଚତା ୬.୫ ମିଟର। ଏହା ନୂତନ ସଂସଦ ଭବନର କେନ୍ଦ୍ରୀୟ ପ୍ରବେଶ ପ୍ରକୋଷ୍ଠ ଶୀର୍ଷରେ ୬,୫୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ଲୁହାର ଏକ ସହାୟକ ଷ୍ଟ୍ରକ୍‌ଚର ଉପରେ ସ୍ଥାପନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନୂତନ ସଂସଦ ଭବନ ତିଆରି ସହ ଜଡିତ ଶ୍ରମିକମାନଙ୍କ ସହ କଥାବାର୍ତ୍ତା କରିଥିଲେ।

# ୨୫ ବର୍ଷ ପରେ ଆବୁ ସାଲେମକୁ ଛାଡିବାକୁ ପଡିବ: ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ: ୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲାରେ ଦୋଷୀ ସାବ୍ୟସ୍ତ ଆବୁ ସାଲେମକୁ ଛାଡିବାକୁ ସରକାର ବାଧ୍ୟ ବୋଲି ସୁପ୍ରିମ୍‌କୋର୍ଟ ପ୍ରକାଶ କରିଛନ୍ତି। କାରଣ ପର୍ତ୍ତୁଗାଲ ସରକାର ଆବୁ ସାଲେମକୁ ଭାରତକୁ ପ୍ରତ୍ୟର୍ପଣ କଲାବେଳେ ସର୍ତ୍ତ ରଖିଥିଲା ଯେ ଭାରତ ତାକୁ ୨୫ ବର୍ଷରୁ ଅଧିକ ଦିନ ଜେଲରେ ରଖିବ ନାହିଁ। ତେଣୁ କେବେ ୨୫ ବର୍ଷ ପୂରୁଛି ସେ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ଉପସ୍ଥାପନ କରିବା ପାଇଁ ଜଷ୍ଟିସ୍ ଏସ୍‌କେ କୌଳ ଏବଂ ଜଷ୍ଟିସ୍ ଏମ୍‌ଏମ୍ ସୁନ୍ଦରେଶଙ୍କ ବେଞ୍ଚ କେନ୍ଦ୍ର ସରକାରଙ୍କୁ ଆଦେଶ ଦେଇଛନ୍ତି।

# ଜାପାନ ନିର୍ବାଚନରେ ସିଞ୍ଜୋ ଆବେଙ୍କ ଦଳର ବିପୁଳ ବିଜୟ

ଟୋକିଓ : ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋଆବେଙ୍କୁ ଏକ ନିଆରା ଉପାୟରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଜାପାନରେ ହୋଇଥିବା ନିର୍ବାଚନରେ ଲୋକମାନେ ଆବେଙ୍କ ଦଳକୁ ଭୋଟ ଦେଇ ବିପୁଳ ବିଜୟ ଆଣି ଦେଇଛନ୍ତି। ଜାପାନର ଉଚ୍ଚ ସଦନ ପାଇଁ ଗତ ରବିବାର ଦିନ ଭୋଟ ଗ୍ରହଣ ହୋଇଥିଲା । ଗତ ସପ୍ତାହରେ ହୋଇଥିବା ଆବେଙ୍କ ହତ୍ୟା ପରେ ତାଙ୍କ ଦଳ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି) ସପକ୍ଷରେ ସମବେଦନା ସୃଷ୍ଟି ହୋଇଥିଲା । ମୋଟ ୧୨୫ଟି ଆସନରୁ ଏଲଡିପି ୬୩ଟି ଆସନ ଜିଣିଛି। ଏହି ବିଜୟ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ସ୍ଥିତିକୁ ସୁଦୃଢ କରିବ ।

# ପିଟି ଉଷା, ସଂଗୀତଜ୍ଞ ଇଲୟାରାଜାଙ୍କ ସମେତ ୪ ରାଜ୍ୟସଭାକୁ ମନୋନୀତ

ନୂଆଦିଲ୍ଲୀ: ଦୌଡରାଣୀ ପିଟି ଉଷା, ଖ୍ୟାତନାମା ସଂଗୀତ ବିଶାରଦ ଇଲୟାରାଜା, ଜନସେବୀ ବୀରେନ୍ଦ୍ର ହେଗଡେ ଓ ପ୍ରଚ୍ଛଦଲେଖକ-ନିର୍ଦ୍ଦେଶକ ଭି ବିଜୟେନ୍ଦ୍ର ପ୍ରସାଦଙ୍କୁ ରାଜ୍ୟସଭାକୁ ମନୋନୀତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟର ମାଧ୍ୟମରେ ସେମାନଙ୍କୁ ବଧେଇ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଲେଖିଛନ୍ତି- 'ପିଟି ଉଷାଜୀ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। କ୍ରୀଡା କ୍ଷେତ୍ରରେ ସେ ନିଜେ ଯାହା ପାରଦର୍ଶିତା ଦେଖାଇଛନ୍ତି ତାହା ତ ସମସ୍ତେ ଜାଣନ୍ତି। ମାତ୍ର ତାଙ୍କର ତା'ଠୁ ବଳି ବଡ ଅବଦାନ ରହିଛି ନୂତନ କ୍ରୀଡାବିତ୍ ତିଆରି କରିବାରେ। ଅନେକ ବର୍ଷ ହେଲା ସେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏବେ ରାଜ୍ୟସଭାକୁ ମନୋନୀତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଉଛି। ପ୍ରଧାନମନ୍ତ୍ରୀ ପୁଣି ଭି ବିଜୟେନ୍ଦ୍ର ପ୍ରସାଦ ଗରୁଙ୍କ ବିଷୟରେ ଲେଖିଛନ୍ତି ଯେ ସେ ଅନେକ ଦଶନ୍ଧି ଧରି ସୃଜନଶୀଳ ଜଗତ ସହ ଜଡିତ ଅଛନ୍ତି। ଦେଶ ଓ ଦେଶ ବାହାରେ ତାଙ୍କର ସୁନାମ ଅଛି। ସେହିପରି ହେଗଡେ ହେଉଛନ୍ତି ଜଣେ ବଡ ବଦାନ୍ୟ ବ୍ୟକ୍ତି। ଜନକଲ୍ୟାଣ ପାଇଁ ସେ ଅନେକ କିଛି ଦାନ କରିଛନ୍ତି। ସେ ଆଗଧାଡିର ଜଣେ ସମାଜସେବୀ। ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ପାଇଁ ସେ ଅନେକ କାମ କରିଛନ୍ତି। ସଂସଦୀୟ କାର୍ଯ୍ୟକଳାପରେ ସେ ନିଶ୍ଚିତ ଭାବରେ ଭଲ ପ୍ରଦର୍ଶନ କରିବେ। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଇଲୟାରାଜାଙ୍କୁ ମଧ୍ୟ ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ୨୪୫ ଆସନ ବିଶିଷ୍ଟ ରାଜ୍ୟସଭାକୁ ୨୩୩ ଜଣ ନିର୍ବାଚିତ ହୁଅନ୍ତି ଏବଂ ଅନ୍ୟ ୧୨ ଜଣ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି। ସମ୍ବିଧାନର ନିୟମ ଅନୁସାରେ ରାଜ୍ୟସଭା ସଦସ୍ୟ ସଂଖ୍ୟା ୨୫୦ରୁ ଅଧିକ ହୋଇପାରିବ ନାହିଁ। ଯେଉଁ ୧୨ ଜଣଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରନ୍ତି ସେମାନଙ୍କୁ ବିଜ୍ଞାନ, ସମାଜସେବା, ସାହିତ୍ୟ, କଳା ପ୍ରଭୃତି କ୍ଷେତ୍ରରୁ ମନୋନୀତ କରାଯାଏ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପୂର୍ବରୁ ମନୋନୀତ କରାଯାଇସାରିଛି।

## ଶ୍ରୀଲଙ୍କା ଚର୍ଚ୍ଚ ଧର୍ମଗୁରୁଙ୍କ ମତ

# ଶାସନ କରିବା ଜନାଦେଶ ରାଷ୍ଟ୍ରପତିଙ୍କର ଆଉ ନାହିଁ



କଲମ୍ବୋ: ଶ୍ରୀଲଙ୍କାର ଚର୍ଚ୍ଚରେ ଅବସ୍ଥାପିତ ପଦାଧିକାରୀମାନେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ ଏବଂ ପ୍ରଧାନମନ୍ତ୍ରୀ ରାନିଲ ଓ୍ୱିକ୍ରମସିଂଘେଙ୍କୁ କଡା ବାର୍ତ୍ତା ଦେଇଛନ୍ତି। ଦେଶକୁ ଶାସନ କରିବାର ଜନାଦେଶ ରାଷ୍ଟ୍ରପତିଙ୍କ ପାଖରେ ନାହିଁ ବୋଲି ସେମାନେ କହିଛନ୍ତି। ଦେଶକୁ ଦେବାଳିଆ ଅବସ୍ଥାକୁ ନେଇଥିବାର ବ୍ୟକ୍ତିଗତ ଦୋଷ ରାଷ୍ଟ୍ରପତି ନିଜ ମୁଣ୍ଡକୁ ନେବା ଉଚିତ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଧାର୍ମିକ ନେତୃବୃନ୍ଦଙ୍କ ଠାରୁ ଆରମ୍ଭ କରି ନାଗରିକ ସମାଜ, ଲୋକମାନେ ସାଧାରଣରେ ଯେଉଁ ପ୍ରତିକ୍ରିୟା ଦେଖାଇଛନ୍ତି ସେଥିରୁ ସ୍ପଷ୍ଟ ହୋଇଛି ଯେ ରାଷ୍ଟ୍ରପତି ଆସ୍ଥା ହରାଇଛନ୍ତି। ତେଣୁ ଦେଶ ଶାସନ କରିବାର କୌଣସି ଅଧିକାର ତାଙ୍କର ନାହିଁ ବୋଲି କୁହାଯାଇଛି। ଶ୍ରୀଲଙ୍କାରେ ଏକ ନୂଆ ସର୍ବଦଳୀୟ ଅନ୍ତରୀଣ ସରକାର ଗଠନ ହେବ। ଏଥିପାଇଁ ପଥ ପ୍ରସ୍ତୁତ କରିବା ନିମନ୍ତେ ରାଷ୍ଟ୍ରପତି ଓ କ୍ୟାବିନେଟରେ ଥିବା ପ୍ରଧାନମନ୍ତ୍ରୀଙ୍କ ସମେତ ସବୁ ମନ୍ତ୍ରୀ ଇସ୍ତଫା ଦେବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରାଷ୍ଟ୍ରପତି ତାଙ୍କର ଇସ୍ତଫା ସଂପର୍କରେ ପ୍ରଧାନମନ୍ତ୍ରୀ ରାନିଲ ଓ୍ୱିକ୍ରମସିଂଘେଙ୍କୁ ଅବଗତ କରାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଇସ୍ତଫା ନଦେଇ ଦାୟିତ୍ୱ ସଂପାଦନ କରିବେ। ଦେଶରେ ରାଜନୈତିକ ଅସ୍ଥିରତା ଲାଗି ରହିଲେ ଆଇଏମଏଫ ଠାରୁ ପ୍ୟାକେଜ ଆଣିବା ନେଇ ଯେଉଁ କଥାବାର୍ତ୍ତା ଚାଲିଛି ତାହା ବାଧାପ୍ରାପ୍ତ ହେବ ବୋଲି ଗଭର୍ଣ୍ଣର ପି ନନ୍ଦନାଲ ଓ୍ୱିରାସିଂଘେ କହିଛନ୍ତି। ଦେଶରେ ରାଜନୈତିକ ସ୍ଥିରତା ନରହିଲେ ସେ ଇସ୍ତଫା ଦେବେ ବୋଲି ଗତ ମେ' ମାସରେ କହିଥିଲେ। କିନ୍ତୁ ଏବେ କହିଛନ୍ତି ସେ ତାଙ୍କ ଦାୟିତ୍ୱ ନିର୍ବାହ କରିବେ। ଏବେ କଲମ୍ବୋ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ଆନ୍ଦୋଳନକାରୀମାନେ ରାଷ୍ଟ୍ରପତିଙ୍କ ସଚିବାଳୟ ଏବଂ ବାସଭବନ ଭିତରକୁ ପଶି ଉପନିବେଶ ଅମଳର ପୁରୁଣା କୋଠା ବୁଲି ଦେଇଛନ୍ତି। ପୁଲିସ କାହାରିକୁ ଅଟକାଇ ନାହିଁ। ତେବେ ଗତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସେମାନଙ୍କ ବାସଭବନରେ ଦେଖିବାକୁ ମିଳିନାହାନ୍ତି। ରାଷ୍ଟ୍ରପତିଙ୍କ ଅବସ୍ଥିତି ସଂପର୍କରେ ସ୍ପଷ୍ଟ ଚିତ୍ର ନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀମାନଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ସକାଳେ ବୈଠକ କରିଥିବା ଓ୍ୱିକ୍ରମସିଂଘେଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଓ୍ୱିକ୍ରମସିଂଘେଙ୍କ ବ୍ୟକ୍ତିଗତ ଘରକୁ ଆନ୍ଦୋଳନକାରୀ ଶନିବାର ଆନ୍ଦୋଳନକାରୀମାନେ ଜାଳି ଦେଇଥିଲେ। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି।

# ଜଳବାୟୁ ପରିବର୍ତ୍ତନର ଉତ୍କଟ ପ୍ରଭାବ ରାଜ୍ୟବାସୀଙ୍କ ପାଇଁ ବିପଦ ସୃଷ୍ଟି କଲାଣି

ଭୁବନେଶ୍ୱର : ଓଡ଼ିଶାର ଜଳ, ସ୍ଥଳ ଓ ଆକାଶ ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ରାଜ୍ୟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ ମୁକାବିଲା ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ବିଭିନ୍ନ କଳକାରଖାନାରୁ ନିର୍ଗତ ଗ୍ରିନ୍ ହାଉସ୍ ଗ୍ୟାସ ଯୋଗୁଁ ରାଜ୍ୟର ଜଳ, ସ୍ଥଳ ଓ ଆକାଶରେ ଅଙ୍ଗାରକାମ୍ଳ ଓ ମିଥେନ୍ ଭଳି ବିଷାକ୍ତ ଗ୍ୟାସ ପରିମାଣ ବଢ଼ି ବଢ଼ି ଚାଲିଛି। କେବଳ ତାପଜ ବିଦ୍ୟୁତ ପ୍ଲାଣ୍ଟରୁ ବର୍ଷକୁ ୫ କୋଟି ୪୯ଲକ୍ଷ ଟନ୍ ଅଙ୍ଗାରକାମ୍ଳ ଓଡ଼ିଶାରେ ଗଚ୍ଛିତ ହେଉଛି। ଯେଉଁଥିପାଇଁ ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନର ଉତ୍କଟ ପ୍ରଭାବ ରାଜ୍ୟବାସୀଙ୍କ ପାଇଁ ବିପଦ ସୃଷ୍ଟି କଲାଣି। ଏହାର ମୁକାବିଲା କରିବା ଲାଗି ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ କେନ୍ଦ୍ର ସରକାର ଓ ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି।



ଓଡ଼ିଶାରେ ଅକ୍ଷୟ ଶକ୍ତିର ପ୍ରୋତ୍ସାହନ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ୨୦୧୫ରୁ ନିୟମ ଜାରି କରି ସାରିଛନ୍ତି। ୨୦୧୩ରୁ ଜେଡ୍‌କଲ (ଗ୍ରିନ୍ ଏନର୍ଜି ଡେଭଲେପମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍) ପ୍ରତିଷ୍ଠା ହେଲାଣି। ରାଜ୍ୟ ସରକାର ୨୦୧୬ରୁ ଅକ୍ଷୟ ଶକ୍ତି ନୀତି କରିସାରିଲେଣି। ହେଲେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ଦ୍ୱାରା ୨୦୧୯-୨୦ ବର୍ଷର ସାଧାରଣ ସମୀକ୍ଷା ରିପୋର୍ଟରେ ଚମକାଇବା ଭଳି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଦେଶରେ ୨୦୨୦ ସୁଦ୍ଧା ୪ଲକ୍ଷ ୪୬ ହଜାର ୩୪୮ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏଥିରୁ ଅକ୍ଷୟ ଶକ୍ତି କ୍ଷମତା ୯୧ହଜାର ୫୦୫ ମେଗାବାଟ୍। ଅର୍ଥାତ୍ ଜାତୀୟ ହାର ୨୧%। କିନ୍ତୁ ଉଦ୍‌ବେଗର ବିଷୟ ହେଲା ଯେ ଓଡ଼ିଶାର ସମସ୍ତ ସୂତ୍ରରୁ ଶକ୍ତି ଉତ୍ପାଦନ କ୍ଷମତା ୧୯ ହଜାର ୭୯୧ ମେଗାୱାଟ୍ ଅଟେ। ହେଲେ ଏଥିରେ ଅକ୍ଷୟ ଶକ୍ତିରୁ ଯୋଗଦାନ ୧%ରୁ ବି କମ୍। ରାଜ୍ୟରେ ମାତ୍ର ୫୭୦ ମେଗାୱାଟ୍ ବିଦ୍ୟୁତ୍ ଅକ୍ଷୟ ଶକ୍ତି କ୍ଷେତ୍ରରୁ ଉତ୍ପାଦନ ହେଉଛି। ଅର୍ଥାତ୍ ତାପଜ ବିଦ୍ୟୁତ୍ ଉପରେ ଆମେ ମୁଖ୍ୟତଃ ନିର୍ଭରଶୀଳ। ରାଜ୍ୟରେ ୧୭ହଜାର ୧୫୯ ମେଗାୱାଟ୍ (୮୬.୭%) ତାପଜ କ୍ଷେତ୍ରରୁ କେବଳ ଉତ୍ପାଦନ ହେଉଛି। ଆହୁରି ସାଂଘାତିକ କଥା ହେଲା ଯେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ନାହିଁ। ପ୍ରଶ୍ନ ଉଠୁଛି, ଗୋଟିଏ ପଟେ ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ସରକାର ୧ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ଲାଗି କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଲକ୍ଷ୍ୟ ହାସଲ ଲାଗି ଧାର୍ଯ୍ୟ ସମୟ ୨୦୨୩ ମସିହା ରଖାଯାଇଛି। ସ୍ୱାଭାବିକ ଭାବେ ସମସ୍ତେ ଆଶା କରିବା କଥା ଯେ ଏହାର ସିଂହଭାଗ ଅର୍ଥ ଖର୍ଚ୍ଚ ହୋଇସାରିଥିବ। ଅନ୍ୟପକ୍ଷରେ ପରିବେଶ ପାଇଁ ସତର୍କ ଥିବା ରାଜ୍ୟ ସରକାର ଜଳବାୟୁକୁ ବିଷାକ୍ତ କରୁଥିବା ଭଳି ମନେ ହେଉଛି। ଏମିତି କେମିତି ହେଉଛି ଗ୍ରିନ୍ ଏନର୍ଜି ଉତ୍ପାଦନ ପାଇଁ କାହିଁକି ପଛଘୁଞ୍ଚା ଦେଉଛି ଓଡ଼ିଶା। ତଥ୍ୟ କହୁଛି ଯେ ଓଡ଼ିଶା ଅକ୍ଷୟ ଶକ୍ତିକୁ ଉତ୍ସାହିତ କରିବା ଲାଗି ୨୦୧୩ ମସିହାରୁ ସରକାର ପଦକ୍ଷେପ ନେଲେଣି। ଗତ ୧୦ ବର୍ଷ ଧରି ଏ କ୍ଷେତ୍ରଟି କାହାର ଅବହେଳା ବା ଦାୟିତ୍ୱହୀନତା ଲାଗି ସଙ୍କୁଚିତ ହୋଇରହିଛି। ରାଜ୍ୟ ଲୋକସେବା ଭବନରେ ବସିଥିବା ଏ ବାବୁମାନେ କିଏ, ଯେଉଁମାନଙ୍କୁ ଏଥିଲାଗି ଦାୟୀ କରାଯିବା ଉଚିତ୍। ଏ ଦିଗଟିକୁ କେହି ତର୍ଜମା କରୁଥିବା ଦେଖାଯାଉନାହିଁ। ଶକ୍ତି ବିଶେଷଜ୍ଞଙ୍କର କହିବା କଥା ହେଉଛି, ରାଜ୍ୟ ସରକାର ଜଳବିଦ୍ୟୁତ ଉତ୍ପାଦନ କ୍ଷେତ୍ରକୁ ସଙ୍କୁଚିତ କରିଦେଲେ। ଏ କ୍ଷେତ୍ରରେ ଗତ ୨୦ବର୍ଷ ଭିତରେ ସେଭଳି କୌଣସି ବିଶେଷ ଯୋଗଦାନ ସରକାରଙ୍କର ନାହିଁ କହିଲେ ଚଳେ। ଏତେ ଜଳ ଉତ୍ସ ଥାଇ ରାଜ୍ୟ ୨୦୬୨ ମେଗାବାଟ୍ ଏ କ୍ଷେତ୍ରରୁ ବିଦ୍ୟୁତ ଉତ୍ପାଦନ କରୁଛି। ଏହାର ସିଂହଭାଗ ୨୦ବର୍ଷ ପୂର୍ବରୁ ଉତ୍ପାଦନ ହେଉଛି। ଏଣୁ ଅକ୍ଷୟଶକ୍ତି କ୍ଷେତ୍ର ହେଉଛି ବିକଳ୍ପ ସୂତ୍ର, ଯାହାକୁ ଆୟୁଧ କରି ସରକାର ଜଳବାୟୁ ଉପରେ ପ୍ରଭାବ ରୋକିପାରିବେ ଏବଂ ଲୋକେ ଶସ୍ତାରେ ବିଦ୍ୟୁତ ପାଇପାରିବେ। ଆହୁରି ସରଳ ଭାବେ କହିଲେ, ଅକ୍ଷୟଶକ୍ତି କ୍ଷେତ୍ରରେ ବିଫଳତା କେବଳ ପରିବେଶକୁ ପ୍ରଭାବିତ କରୁଛି ତା ନୁହେଁ, ବିଦ୍ୟୁତ୍ ଦର ଉପରେ ମଧ୍ୟ ଗଭୀର ପ୍ରଭାବ ରଖୁଛି।

ଏହି ମହଲ ଆହୁରି କହୁଛନ୍ତି ଯେ ଓଡ଼ିଶାରେ ଅକ୍ଷୟ ଶକ୍ତିକୁ ଉତ୍ସାହିତ ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ୨୦୧୫ରୁ ନିୟମ ଜାରି କରି ସାରିଛନ୍ତି। ରାଜ୍ୟ ସରକାର ୨୦୧୬ରୁ ଅକ୍ଷୟ ଶକ୍ତି ନୀତି କରିସାରିଲେଣି। ହେଲେ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ତଥ୍ୟ କହୁଛି, ଓଡ଼ିଶାରେ ମୋଟ ୧୯ହଜାର ୭୯୧ ମେଗାବାଟ୍ ମଧ୍ୟରୁ ମାତ୍ର ୫୭୦ ମେଗାବାଟ୍ ଅକ୍ଷୟ ଶକ୍ତି କ୍ଷେତ୍ରରୁ ଉତ୍ପାଦନ ହେଉଛି। କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ସେମାନଙ୍କ ମୋଟ ଶକ୍ତି ଉତ୍ପାଦନ କ୍ଷମତାର ୪୯% ରହିଛି। କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣର ପରିସଂଖ୍ୟାନକୁ ବିଶ୍ୱାସ କଲେ ଦେଖାଯାଉଛି ଯେ ତାମିଲନାଡୁ ୧୫ ହଜାର ୮୬୬ ମେଗାୱାଟ୍, କର୍ଣ୍ଣାଟକ ୧୫ ହଜାର ୫୭୪ ମେଗାୱାଟ୍, ଗୁଜରାଟ ୧୧ ହଜାର ୧୧୧ ମେଗାୱାଟ୍, ମହାରାଷ୍ଟ୍ର ୧୦ ହଜାର ୨୫୯ ମେଗାୱାଟ୍, ରାଜସ୍ଥାନ ୯ ହଜାର ୫୮୪ ମେଗାବାଟ୍, ଆନ୍ଧ୍ରପ୍ରଦେଶ ୮ ହଜାର ୧୫୩ ମେଗାୱାଟ୍, ମଧ୍ୟପ୍ରଦେଶ ୪ ହଜାର ୯୨୦ ମେଗାୱାଟ୍, ତେଲେଙ୍ଗାନା ୪ ହଜାର ୭୩ ମେଗାୱାଟ୍, ଉତ୍ତରପ୍ରଦେଶ ୩ ହଜାର ୨୬୨ ମେଗାୱାଟ୍ ଏବଂ ପଞ୍ଜାବ ୧ ହଜାର ୪୬୯ ମେଗାୱାଟ୍ ଅକ୍ଷୟ ଶକ୍ତି ସୂତ୍ରରୁ ଉତ୍ପାଦନ କରୁଛନ୍ତି। ସେମାନଙ୍କର ଏହି କ୍ଷେତ୍ରରେ ଈର୍ଷଣୀୟ ସଫଳତା ଓଡ଼ିଶା ପାଇଁ ଲଜ୍ଜାଜନକ ନୁହେଁ କି ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପଛୁଆ ଥିବା ବିହାର ସରକାର ଲକ୍ଷ୍ୟ ରଖିଛନ୍ତି ଯେ ୨୦୨୨ରେ ସେମାନେ ୩୪୩୩ ମେଗାୱାଟ ଗ୍ରିନ୍ ଏନର୍ଜି ଉତ୍ପାଦନ କରିବେ। ସୌର ଶକ୍ତିରୁ ୨୯୬୯ ମେଗାୱାଟ୍, ବାୟୋମାସରୁ ୨୪୪ ମେଗାୱାଟ ଏବଂ ଛୋଟ ଛୋଟ ହାଇଡେଲ୍ ପ୍ରକଳ୍ପରୁ ୨୨୦ ମେଗାୱାଟ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଓଡ଼ିଶା ସରକାରଙ୍କ ଉପର କିନ୍ତୁ ପଡ଼ୋଶୀ ରାଜ୍ୟର ଏଭଳି ସଫଳତାର କୌଣସି ପ୍ରଭାବ ପଡୁଥିବା ଭଳି ମନେ ହେଉନାହିଁ।

ନିକଟରେ ବିଧାନସଭାରେ ଓଡ଼ିଶା ସରକାର ତଥ୍ୟ ରଖିଛନ୍ତି ଯେ ରାଜ୍ୟ ୫୪୭.୧୫ ମେଗାୱାଟ୍ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରୁଛି। ସେ ମଧ୍ୟରୁ ସୌର ଶକ୍ତିରୁ ୪୨୭ ମେଗାୱାଟ୍ ଓ ୧୨୦.୧୫ ଅଣ ସୌର ଶକ୍ତି ଉତ୍ସରୁ ଉତ୍ପାଦନ ହେଉଛି। କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ ସଂସ୍ଥାର ରିପୋର୍ଟ କହୁଛି ଯେ ଓଡ଼ିଶା ଅକ୍ଷୟ ଶକ୍ତିରୁ ୫୭୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛି। ବିଶେଷଜ୍ଞମାନଙ୍କର କହିବା କଥା ୨୦୨୨ରେ ଅତି କମରେ ୧୫୦୦ ମେଗାୱାଟ୍ ବିଦ୍ୟୁତ୍ ଅକ୍ଷୟ ଶକ୍ତିରୁ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖି ସରକାର ଆଗକୁ ବଢ଼ିବା କଥା। ହେଲେ ଏମିତି କିଛି ପରିଦୃଷ୍ଟ ହେଉନାହିଁ କି ଏ ସଂକ୍ରାନ୍ତରେ ବଜେଟ୍ ବ୍ୟବସ୍ଥା ନାହିଁ। ପରିବେଶ ଓ ଜଳବାୟୁ ପରିବର୍ତ୍ତନର କେତେ ଅଧିକ ପ୍ରଭାବ ପଡ଼ିଲେ ସରକାର ହେଜିବେ ?

# ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରୁ ଉଡିବ ବିମାନ

ବ୍ରହ୍ମପୁର : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିକଟରେ ରହିଥିବା ସର୍ବପୁରାତନ ବ୍ରିଟିସ୍ ଅମଳର ଐତିହାସିକ ଏୟାରଷ୍ଟ୍ରିପ୍ ପୂର୍ଣ୍ଣାଙ୍ଗ ରୂପ ନେବ। ଶେଷରେ ଏହି ଏୟାରଷ୍ଟ୍ରିପ୍ କେନ୍ଦ୍ର ସରକାରଙ୍କ 'ଉଡାନ୍-୪' ଯୋଜନାରେ ସାମିଲ ହୋଇଛି। ଏଥିପାଇଁ କାମ ଆରମ୍ଭ ହୋଇସାରିଛି। ପୂର୍ତ୍ତ ବିଭାଗ-୨ ଅଧୀନରେ ଏୟାରଷ୍ଟ୍ରିପ୍ ସଂପ୍ରସାରଣ ପାଇଁ ସର୍ଭେ ଚାଲିଛି। ସର୍ଭେ ସରିବା ପରେ ଖୁବ୍‌ଶୀଘ୍ର ଡିପିଆର (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯିବ। ଡିପିଆର୍ ମଂଜୁର ହେବା ପରେ କାମ ପାଇଁ ପୂର୍ତ୍ତ ବିଭାଗ-୨ ଟେଣ୍ଡର୍ ଆହ୍ୱାନ କରିବ। ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ସଂପ୍ରସାରଣ କରି ୨-ବି କ୍ୟାଟେଗୋରି ବିମାନବନ୍ଦର କରାଯିବ। ଫଳରେ ଏଠାରେ ୧୮ସିଟ୍ ବିଶିଷ୍ଟ ବିମାନ ଓହ୍ଲାଇ ପାରିବ। ସବୁ କାର୍ଯ୍ୟ ଠିକ୍‌ଠାକ୍ ଚାଲିଲେ ରଂଗେଇଲୁଣ୍ଡା ବିମାନବନ୍ଦରରୁ ବିମାନ ଉଡିବା ନେଇ ସମ୍ଭାବନା ଦେଖାଦେଇଛି। ବ୍ରହ୍ମପୁରରେ ଏକ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ଦାବି ହୋଇଆସୁଛି। ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ କରି ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା କରିବା ପାଇଁ ୨୦୧୬ରୁ ଦାବି ହୋଇ ଆସୁଛି। ଏଥିପାଇଁ ବିଭିନ୍ନ ସଙ୍ଗଠନ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡିଶା ଡେଭ୍‌ଲପ୍‌ମେଣ୍ଟ ଫୋରମ୍ ତରଫରୁ ମଧ୍ୟ ବିଗତ ଦିନରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କିନ୍ତୁ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ବଦଳରେ ରଂଗଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ସଂପ୍ରସାରଣ କରି ବେସାମରିକ ବିମାନ ଚଳାଚଳ ନିମନ୍ତେ 'ଉଡାନ୍-୪'ରେ ଏହାକୁ ସାମିଲ କରାଯାଇଛି। ପ୍ରାୟ ୩୭ଏକର ଜମିରେ ତିଆରି ହୋଇଥିବା ଏୟାରଷ୍ଟ୍ରିପ୍‌ରେ ୮୩୨ ମିଟର ରନ୍‌ୱେ ରହିଛି। ଏହାକୁ କିଛିଟା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଓ କୋଠା ପାଇଁ ଆହୁରି ପ୍ରାୟ ୩୫/୩୭ଏକର ଜମି ଆବଶ୍ୟକ। ଏଥିପାଇଁ ଜମି ଚିହ୍ନଟ ହୋଇ ସାରିଛି। ଏୟାରଷ୍ଟ୍ରିପ୍ ନିକଟରେ ଥିବା ପ୍ରାୟ ୧୫ଏକ ଘରୋଇ ଜମି ଅଧିଗ୍ରହଣ କରାଯିବ। ଏହାସହିତ ୧୮ଏକର ସରକାରୀ ଜମି ମଧ୍ୟ ଏୟାରଷ୍ଟ୍ରିପ୍‌ରେ ସାମିଲ କରାଯିବାକୁ ଯୋଜନା ରହିଛି। ପ୍ରାୟ ୭୦ଏକର ଜମିରେ ପୂର୍ଣ୍ଣାଙ୍ଗ ଏୟାରଷ୍ଟ୍ରିପ୍ ହେବ ବୋଲି ପୂର୍ତ୍ତ ବିଭାଗ-୨ ଅଧୀକ୍ଷଣ ଯନ୍ତ୍ରୀ ଇଂ. ତପନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିମାନ ଚଳାଚଳ ପାଇଁ ଆବଶ୍ୟକ ରନ୍‌ୱେ, ଏୟାରଟ୍ରାଫିକ୍ କଣ୍ଟ୍ରୋଲ୍ ରୁମ୍ ସହିତ ଯାତ୍ରୀଙ୍କ ପାଇଁ ଆବଶ୍ୟକ କୋଠା ତିଆରି ହେବ। ଏଥିପାଇଁ ସର୍ଭେ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ କିଛିଦିନ ମଧ୍ୟରେ ଡିପିଆର୍ ପ୍ରସ୍ତୁତ ହେବ। ଡିପିଆର୍ ମଂଜୁର ହେବ ପରେ ଟେଣ୍ଡର୍ ଆହ୍ୱାନ କରାଯିବ ବୋଲି ଇଂ. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରଂଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦରରେ ପରିଣତ କରିବା ପାଇଁ ବହୁବର୍ଷ ହେଲା ଦାବି ହୋଇ ଆସୁଛି। ହେଲେ, ସ୍ଥାନ ଅଭାବ ଯୋଗୁଁ ଏଠାରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା କରିବା ସମ୍ଭବ ହୋଇପାରୁନାହିଁ। ସେପଟେ ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବିମାନବନ୍ଦର ଆବଶ୍ୟକତା ନେଇ ସହମତି ପ୍ରକାଶ କରିଥିଲେ। ରାଜ୍ୟ ସରକାର ଆବଶ୍ୟକ ଜମି ଦେବା ପରେ ବ୍ରହ୍ମପୁରରେ ବିମାନବନ୍ଦର ହେବ ବୋଲି କହିଥିଲେ। ଆବଶ୍ୟକ ଜମି ନଥିବାରୁ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ଏବେ ଗଞ୍ଜାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି।

# ବୁଡିଯାଉଛି ଆଦିମ ଜନଜାତି ମହ୍ଲାର ବଂଶ

ଯାଜପୁର: ବୁଡିଯାଉଛି ଆଦିମ ଜନଜାତି ମହ୍ଲାର ବଂଶ। ଯାଜପୁର ଜିଲ୍ଲାରେ କେବଳ ସୁକିନ୍ଦା ବ୍ଲକର ଉପାନ୍ତ ଇଲାକାରେ ଦେଖାଯାଉଥିବା ଏହି ଜନଜାତି ଏବେ ବିଲୁପ୍ତ ପ୍ରାୟ। ଜିଲ୍ଲାରେ ଅନ୍ୟ ଜନଜାତିର ସଂଖ୍ୟାରେ ଅହେତୁକ ବୃଦ୍ଧି ପାଉଥିବାବେଳେ ଏହାର ସଂଖ୍ୟା ହ୍ରାସ ଏବେ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ ସଂଖ୍ୟା ହ୍ରାସ ଏବଂ ଅନ୍ୟପଟେ ସରକାରୀ ଯୋଜନାରେ ସାମିଲ୍ ହୋଇନାହାନ୍ତି। ଫଳରେ, ଏକପ୍ରକାର ଦୁର୍ବିସହ ଜୀବନ ଜିଉଁଛନ୍ତି ଏହି ବଂଶର ଲୋକମାନେ।



ସୂଚନା ଅନୁସାରେ, ୪୦ ଦଶକରେ ଅବିଭକ୍ତ କାଙ୍କଡପାଳ ପଞ୍ଚାୟତ (ଅଧୁନା ରାଁସୋଳ ପଞ୍ଚାୟତ) ଅଧୀନ ସୁକିନ୍ଦା କ୍ରୋମ୍ ଉପତ୍ୟକାର କେନ୍ଦ୍ରସ୍ଥଳରେ ଥିବା ମହ୍ଲାର ବସ୍ତିରେ ପରିବାର ସଂଖ୍ୟା ଥିଲା ୨୭। ୧୯୭୫ ମସିହା ବେଳକୁ ପରିବାର ସଂଖ୍ୟା ୫୦କୁ ଅତିକ୍ରମ କରିଥିଲା। ସେମାନଙ୍କ ସଂଖ୍ୟା ୨ଶହ ପାଖାପାଖି ଛୁଇଁଥିଲା। ତେବେ; ଯେବେଠାରୁ ମହ୍ଲାରସାହି ବସ୍ତି ସଂଲଗ୍ନ ଇଲାକା କ୍ରୋମ୍ ଗଣ୍ଡାଘର ଭାବେ ଚିହ୍ନଟ ହେଲା ଏବଂ ପରବର୍ତ୍ତୀ ସମୟରେ ସର୍ବେକ୍ଷଣ କରାଗଲା, ତା' ପରଠାରୁ ମହ୍ଲାର ବଂଶ ପ୍ରତି ବିପଦ ଦେଖାଦେଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ୧୯୬୦ ମସିହାରେ ଟାଟାଷ୍ଟିଲ କମ୍ପାନିକୁ ସୁକିନ୍ଦା କ୍ରୋମାଇଟ୍ ଖଣିର ଲିଜ୍ ମିଳିଥିଲା। ସୁକିନ୍ଦାଗଡର ତତ୍କାଳୀନ ରାଜା ପିତାମ୍ବର ଭୂପତି ହରିଚନ୍ଦନ ମହାପାତ୍ରଙ୍କଠାରୁ ଟାଟାଷ୍ଟିଲ କର୍ତ୍ତୃପକ୍ଷ ଲିଜ୍ ହାତେଇଥିଲେ। ପ୍ରଶାସନିକ କଳ ସହାୟତାରେ ପୁରୁଣା ମହ୍ଲାର ବସ୍ତି ଓ ସେମାନଙ୍କ ଚାଷଜମି ଉଚ୍ଛେଦ କରାଯାଇଥିଲା। ଫଳରେ, ମହ୍ଲାରମାନେ ପିଲାଛୁଆ ଧରି ଟାଟାଷ୍ଟିଲ ମେନ୍‌ଗେଟ୍ ଅପରପାର୍ଶ୍ୱକୁ ପଳାଇଥିଲେ। ସେମାନଙ୍କ ପୂର୍ବ ସମୟ କଥା ମନେପକାଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଧାରୀ ସାମଲ କୁହନ୍ତି, ସେମାନେ ସୁକିନ୍ଦା ରାଜାଙ୍କ ଅନୁମତି ନେଇ ଏହା ଆଖପାଖ ଇଲାକାରେ ଚାଷବାସ କରି ଭଲରେ ଚଳୁଥିଲେ। ଏପରିକି ମହ୍ଲାର ସଂପ୍ରଦାୟର ମୁଖିଆ ଭାବେ ଶୁକୁଟା ପ୍ରଧାନ, କାଶିଆ ପ୍ରଧାନ, ହରି ମହ୍ଲାର, ସୁରିଆ ମହ୍ଲାର, ଅନନ୍ତ ମହ୍ଲାର, ସଦା ମହ୍ଲାର, ସୁନ ମହ୍ଲାର, ଆରତି ମହ୍ଲାର ପ୍ରମୁଖଙ୍କର ବେଶ୍ ପ୍ରତିପତ୍ତି ରହିଥିଲା ।

ଏହାପରଠାରୁ ମହ୍ଲାରମାନେ ଏକପ୍ରକାର ସଂଘର୍ଷପୂର୍ଣ୍ଣ ଜୀବନ ଅତିବାହିତ କରିଥିବାବେଳେ ନବେ ଦଶକ ବେଳକୁ ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ କେତେକ କାରଣ ଦାୟୀ ବୋଲି କୁହାଯାଉଛି। ପ୍ରଥମତଃ, ଅଧିକାଂଶ ମହ୍ଲାର ଯକ୍ଷ୍ମାରୋଗରେ ପୀଡିତ ହେଉଥିବାରୁ ଉପଯୁକ୍ତ ଚିକିତ୍ସା ଅଭାବରୁ ସେମାନେ ପ୍ରାଣ ହରାଉଛନ୍ତି। ଦ୍ୱିତୀୟତଃ, ସେମାନଙ୍କ ପାଖରୁ ଛଡାଇ ନିଆଯିବା ପରେ ଜଙ୍ଗଲରୁ ମହୁ, ଝୁଣା, ଦାନ୍ତକାଠି ସଂଗ୍ରହ ଏବଂ ଶୁଆ, ଶାରୀ, ମୟୂର, ବାରହା ଶାବକ ଆଦି ବିକ୍ରିକରି ବହୁକଷ୍ଟରେ ଚଳିଆସୁଥିଲେ। କ୍ରମଶଃ, ଜଙ୍ଗଲ ମୁହାଁ ହେବାରୁ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ଫଳରେ, ଉପଯୁକ୍ତ ଖାଦ୍ୟ ଓ ଆନୁସଙ୍ଗିକ ଖାଦ୍ୟରୁ ବଂଚିତ ହୋଇ ଆସୁଛନ୍ତି। ପୁରୁଷପୁରୁଷ ଧରି ଭୂମିହୀନ ହୋଇ ରହିଥିଲେ ମଧ୍ୟ ଜଙ୍ଗଲ ଜମି ଅଧିକାର ଆଇନ (୨୦୦୬) ଓ ବସୁନ୍ଧରା ଯୋଜନାରୁ ବଞ୍ଚିତ ରହିଛନ୍ତି। କୌଣସି ଗୋଟିଏ ପରିବାର ଏଯାବତ୍ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖଣି ପ୍ରଭାବିତ ବିଜୁ ପକ୍କାଘର ଯୋଜନା କିମ୍ବା ମୋ' କୁଡିଆରେ ସାମିଲ ହୋଇନାହାନ୍ତି। ପଲାମରା କୁଡିଆରେ ଜରିପାଲ କିମ୍ବା ତାଳପତ୍ର ତାଙ୍କି ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ସ୍ୱଳ୍ପ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି ସତ, ହେଲେ ମିଳୁଥିବା ସରକାରୀ ଚାଉଳ ଗଣ୍ଡାକ ସପ୍ତାହେ ବି ଯାଉନି। ଖାଦ୍ୟ ସମସ୍ୟା ପାଇଁ ସବଳ ମହ୍ଲାର ଦେଖିବାକୁ ମିଳନ୍ତି ନାହିଁ। ତୃତୀୟତଃ, ମହ୍ଲାର ସମ୍ପ୍ରଦାୟର ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ। ପିଢ଼ି ପରେ ପିଢ଼ି ନିରକ୍ଷର ରହିଛନ୍ତି। ସମସ୍ତ ମହ୍ଲାର ବାଲ୍ୟବିବାହ କରିଥାନ୍ତି। ମହିଳାମାନେ ଜନନୀ ସୁରକ୍ଷା ଓ ମମତା ଯୋଜନାର ଧାର୍ ଧାରିନାହାନ୍ତି। ୩ ଦଶନ୍ଧି ଧରି ବଂଶଜ ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଆସିଛନ୍ତି।

ଏସୁବୁକୁ ମହ୍ଲାର ସମ୍ପ୍ରଦାୟର ମୃତ୍ୟୁର କାରଣ ବୋଲି କୁହାଯାଉଥିବାବେଳେ ଏଯାବତ୍ ଜିଲ୍ଲା ଖଣିଜ ନ୍ୟାସ (ଡିଏମ୍‌ଏଫ୍) ପାଣ୍ଠିରୁ ଟଙ୍କାଟିଏ ବି ସେମାନଙ୍କ ପାଇଁ ଖର୍ଚ୍ଚ ହୋଇନଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସଂପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) ବୁଦ୍ଧଦେବ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ମହ୍ଲାରମାନଙ୍କ ଏବାଦୃଶ ଅବସ୍ଥା ନେଇ ସେ ଅବଗତ ନଥିବା କହିଥିଲେ। ସେମାନଙ୍କ ପରିସ୍ଥିତି ଓ ଚଳଣି ଅନୁଧ୍ୟାନ ପରେ ଯଥାଶୀଘ୍ର ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନ ସହାୟତାରେ ସେମାନଙ୍କ ଥଇଥାନ ଉଦ୍ୟମ କରାଯିବ ବୋଲି ଡିଡବ୍ଲ୍ୟୁଓ ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

# ଶପଥ ନେଲେ ମାନସ ମଙ୍ଗରାଜ ଓ ସୁଲତା ଦେଓ



ନୂଆଦିଲ୍ଲୀ: ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ମାନସ ମଙ୍ଗରାଜ ଓ ସୁଲତା ଦେଓ । ନବ ନିର୍ବାଚିତ ସାଂସଦ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ନିଜ ନିଜ ପରିବାର ସହିତ ୨ ସାଂସଦ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଥିଲେ । ସାଂସଦ ମାନସ ମଙ୍ଗରାଜ ନିଜ ପରିବାର ସହ ଶପଥ ଗ୍ରହଣ ଉତ୍ସବରେ ସାମିଲ ହୋଇଛନ୍ତି । ମାନସ ମଙ୍ଗରାଜ ଓ ସୁଲତା ଦେଓ ଆଜି ଶପଥ ନେଉଥିବାବେଳେ, ପରବର୍ତ୍ତି ସମୟରେ ରାଜ୍ୟସଭା ସାଂସଦ ଭାବେ ଶପଥ ନେବେ ସସ୍ମିତ ପାତ୍ର । ମାନସ ମଙ୍ଗରାଜ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ । ପରେ ବିଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ଭାବେ ମନୋନୀତ ହୋଇଥିଲେ । ବିରୋଧୀ କୌଣସି ପ୍ରାର୍ଥୀ ଦେଇନଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

# ସୂଚନା ଓ ଲୋକସଂପର୍କ ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା




ଭୁବନେଶ୍ୱର : ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗତ ଜୁନ୍ ୩୦ତାରିଖରେ ଅବସର ନେଇଥିବା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମାନସରଂଜନ ଖୁଣ୍ଟିଆ, ବରିଷ୍ଠ କ୍ୟାମେରାମ୍ୟାନ ବିନୟ ତ୍ରିପାଠୀ, ଫଟୋଗ୍ରାଫର ମଲ୍ଲିମଣୀ ସୋରେନ୍ ଓ ଅର୍ଜୁନ କୁମାର ଗୌଡଙ୍କ ପାଇଁ ବିଭାଗର କର୍ମଚାରୀ କଲ୍ୟାଣ କମିଟି ପକ୍ଷରୁ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡା ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିଭାଗୀୟ କାର୍ଯ୍ୟପ୍ରତି ଅବଦାନ ସ୍ମରଣୀୟ ରହିଥିଲା। ଅବସରକାଳୀନ ସମୟରେ ସେମାନେ ମାନସିକସ୍ତରରେ ସୁସ୍ଥ ଓ ଦୃଢ଼ ରହି ନିରୋଗ ରହିବାକୁ ଶ୍ରୀ ପରିଡା କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଉପ-ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସାଉଣ୍ଡ ରେକର୍ଡିଷ୍ଟ ଶୋଭା ପଟ୍ଟନାୟକ, କବିତା ନାୟକ, ଯୁଗ୍ମ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ଉପ-ନିର୍ଦ୍ଦେଶକ, ଉପ-ବିଭାଗୀୟ କର୍ମଚାରୀ, ସୂଚନା ଅଧିକାରୀ ଓ କର୍ମଚାରୀ କଲ୍ୟାଣ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଖାଦ୍ୟ ଓ ପୋଷଣ ସୁରକ୍ଷାରେ ଓଡିଶା ଶୀର୍ଷରେ



ନୂଆଦିଲ୍ଲୀ: ଖାଦ୍ୟ ସୁରକ୍ଷାରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଛି । ଦ୍ୱିତୀୟ ସ୍ଥାନରେ ରହିଛି ଉତ୍ତରପ୍ରଦେଶ। ଏନଏଫଏସଏର ଏହି ରାଙ୍କିଂରେ ଓଡ଼ିଶା ପୁଣି ପ୍ରଥମ ସ୍ଥାନ ଅଧିକାର କରିଛି । ଓଡିଶାର ଇଣ୍ଡେକ୍ସ ସ୍କୋର ୦.୮୩୬ ରହିଛି। ଏନେଇ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ଘୋଷଣା କରିଛନ୍ତି । ସାରା ଦେଶରେ ଓଡ଼ିଶା ପ୍ରଦର୍ଶନ ସବୁଠୁ ଭଲ। ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଏବଂ ସର୍ବସାଧାରଣ ବିତରଣ ମନ୍ତ୍ରୀ ପିୟୁଷ ଗୋଏଲ ଏନେଇ ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି, ଖାଦ୍ୟ ଏବଂ ପୋଷଣ ସୁରକ୍ଷା ଉପରେ ଆୟୋଜିତ ରାଷ୍ଟ୍ରୀୟ କନଫରେନ୍ସକୁ ସମ୍ବୋଧିତ କଲି ଏବଂ ପ୍ରଥମ ଥର ଏନଏଫଏସଏ ଆଧାରିତ ଷ୍ଟେଟ ରାଙ୍କିଂ ଜାରି କରିଛି, ଯେଉଁଥିରେ ଓଡିଶା ପ୍ରଥମ ସ୍ଥାନରେ ରହିଛି । ସେହିପରି ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ସମସ୍ତ ରାଜ୍ୟକୁ ଦାୟିତ୍ୱର ସହ ଜନହିତକାରୀ ଯୋଜନା ଉପରେ କାମ କରିବା ପାଇଁ ପ୍ରୋତ୍ସାହିତ କଲି । ଓଡିଶାର ଏହି ସଫଳତା ପାଇଁ ସବୁଆଡୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଦୁଇ ଦଶନ୍ଧି ତଳେ ଓଡିଶା ଗରିବ ରାଜ୍ୟ ତାଲିକାରେ ଶୀର୍ଷରେ ରହୁଥିଲା। ହେଲେ ଆଜିର ସଫଳତା ସମସ୍ତ ଓଡିଆ ବାସୀଙ୍କ ପାଇଁ ଗର୍ବର ବିଷୟ। ଏକ ନିଅଣ୍ଟିଆ ରାଜ୍ୟରୁ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଅଗ୍ରଗତି କରି ଶୀର୍ଷରେ ପହଞ୍ଚିବାର ଯାତ୍ରାକୁ ସମସ୍ତେ ପ୍ରଶଂସା କରିଛନ୍ତି ।

# ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ



ଭୁବନେଶ୍ୱର : ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଆସନ୍ତା ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଧାରଣ ବଜେଟ୍ ଆଲୋଚନାରେ ଅର୍ଥ ମନ୍ତ୍ରୀଙ୍କ ଉତ୍ତର ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ୧୩ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୩ ତାରିଖରେ ବିଭାଗୀୟ ଷ୍ଟାଣ୍ଡିଂ କମିଟିଗୁଡିକର ରିପୋର୍ଟ ଗୃହରେ ଉପସ୍ଥାପନ ହେବ। ୧୪ରୁ ୨୯ ତାରିଖ ଯାଏ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା କରାଯିବ। ୩୦ ତାରିଖରେ ୨୦୨୨-୨୩ ବଜେଟ୍ ଉପରେ ବ୍ୟୟମଞ୍ଜୁରି ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି।

## ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନରେ ୩୫ ପ୍ରତିଶତ ଅଭିବୃଦ୍ଧି

ସମ୍ବଲପୁର: ରାଷ୍ଟ୍ରାୟତ୍ତ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସରେ କୋଇଲା ଉତ୍ପାଦନରେ ୩୫.୪ ଅଭିବୃଦ୍ଧି ହାସଲ କରିଛି। କୋଲ୍ ଇଣ୍ଡିଆର ଅଗ୍ରଣୀ କମ୍ପାନୀ ଭାବେ ପରିଚିତ ଏମ୍‌ସିଏଲ୍ ଗତ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବାଧିକ ୪୫.୩୫ ମିଲିୟନ୍ କୋଇଲା ଉତ୍ପାଦନ କରିବାରେ ସକ୍ଷମ ହୋଇଛି। ଗତ ଜୁନ୍ ମାସରେ ତନ୍ମଧ୍ୟରୁ ରେକର୍ଡ ୪୫.୪୯ ମିଲିୟନ୍ କୋଇଲା ଉତ୍ପାଦନ କରାଯାଇଥିଲା। ଏହି ସଫଳତା ପାଇଁ ଏମ୍‌ସିଏଲ୍‌ର ସିଏମ୍‌ଡି ଓ.ପି. ସିଂହ ବିଭିନ୍ନ କୋଇଲା ଖଣିରେ ସବୁ ସ୍ତର ମଧ୍ୟରେ ଉତ୍ତମ ସମନ୍ୱୟ ଓ ଉତ୍କୃଷ୍ଟତା ଯୋଗୁଁ ଏହି ସଫଳତା ହାସଲ କରାଯାଇଛି ବୋଲି କହିଛନ୍ତି। ଜନପ୍ରତିନିଧି ରାଜ୍ୟ ପ୍ରଶାସନ, ଶ୍ରମିକ ସଂଗଠନର ପ୍ରତିନିଧି ଏବଂ ଖଣି ପରିଧିସ୍ଥ ଗ୍ରାମବାସୀଙ୍କୁ ମଧ୍ୟ ସେ କୃତଜ୍ଞତା ଜଣାଇଛନ୍ତି। ସେହିଭଳି ଉକ୍ତ ୩ ମାସରେ କମ୍ପାନୀର ଖଣିମାନଙ୍କରେ ୫୧.୮୦ ମିଲିୟନ୍ କ୍ୟୁବିକ୍ ମିଟର ଓଭରବର୍ଡନ୍ ଅପସାରଣ କରି ଏ କ୍ଷେତ୍ରରେ କମ୍ପାନୀ ୧୯.୬ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ ୪୮.୦୧ ମିଲିୟନ୍ ଟନ୍ କୋଇଲା ଯୋଗାଇ ଏମ୍‌ସିଏଲ୍ ନୂଆଁ କିର୍ତ୍ତୀମାନ ସ୍ଥାପନ କରିଛି। ଯାହାକି ଗତ ଆର୍ଥିକ ବର୍ଷ ଠାରୁ ୨୨.୧ ପ୍ରତିଶତ ଅଧିକ ଅଟେ।

## ୨୦୨୫ ସୁଦ୍ଧା ସରିବ ପାରାଦୀପ ବନ୍ଦର ୱେଷ୍ଟର୍ଣ୍ଣ ଡକ୍ ନିର୍ମାଣ

ପାରାଦୀପ: ପାରାଦୀପ ବନ୍ଦରର ବହୁ ପ୍ରତିକ୍ଷୀତ ୱେଷ୍ଟର୍ଣ୍ଣ ଡକ୍ ପ୍ରତିଷ୍ଠା କାମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ଘୋଷଣା କରିଛନ୍ତି ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ। ବନ୍ଦର ପ୍ରଶାସନିକ ଭବନରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରନାଦ ଦେଇଥିବା ସୂଚନା ମୁତାବକ ଜେଏସ୍‌ପିଏଲ କମ୍ପାନିକୁ ଏହି ଡକ୍ ନିର୍ମାଣର ଠିକା ମିଳିଛି। ୩୦୦୪.୬୩ କୋଟି ଟଙ୍କାରେ ହେବାକୁ ଥିବା ଏହି ପ୍ରକଳ୍ପ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ଏହି ପ୍ରକଳ୍ପ କାମ ସରିଲେ ପାରାଦୀପ ବନ୍ଦରକୁ ୧୮ ମିଟର ଗଭୀରତା ବିଶିଷ୍ଟ ବୃହତାକାୟ ଜାହାଜ ପଶିପାରିବ, ଯେଉଁଥିରେ କି ୨ ଲକ୍ଷ ଟନ୍‌ରୁ ଅଧିକ ପଣ୍ୟ କାରବାର ହୋଇପାରିବ । ଏହି ଡକ୍ ପ୍ରାୟ ୧.୨ କିଲୋମିଟର ଅଞ୍ଚଳରେ ହେବ ଓ ଯାହାର ଓସାର ୧୮ ମିଟର ଓ ଗଭୀରତା ୧୮ ମିଟରରୁ ଅଧିକ ରହିବ । ଏହା କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ବଢୁଥିବା ଷ୍ଟିଲ୍ ଶିଳ୍ପ ଲାଗି ଏକ ବଡ଼ ମାଇଲ୍‌ଷ୍ଟୋନ୍ ସାବ୍ୟସ୍ତ ହେବ । କାରଣ ଷ୍ଟିଲ୍ ଶିଳ୍ପ ଲାଗି ଆବଶ୍ୟକୀୟ କୋଇଲା ଆମଦାନୀ ହେବା ସହ ଷ୍ଟିଲ୍ ଉତ୍ପାଦ ରପ୍ତାନି ହୋଇପାରିବ । ଏଥିରେ ବୃହତ୍ ଜାହାଜଗୁଡ଼ିକ ଦ୍ୱାରା କାରବାର ହେଲେ ପରିବହନ ଦର ଅପେକ୍ଷାକୃତ କମ୍ ରହିବ ଯାହାକି ବନ୍ଦର ଜରିଆରେ କାରବାର କରୁଥିବା ଶିଳ୍ପସଂସ୍ଥା ଗୁଡ଼ିକର ଆଗକୁ ଫାଇଦା ହେବ । ୨୦୩୦ ସୁଦ୍ଧା ପାରାଦୀପ ବନ୍ଦରର ବାର୍ଷିକ ପଣ୍ୟ କାରବାର କ୍ଷମତାକୁ ୩୦୦ ମିଲିଅନ୍ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରଖାଯାଇଥିବା ଯୋଜନାରେ ଏହା ଅନ୍ତର୍ଭୁକ୍ତ ବୋଲି ଶ୍ରୀ ହାରନାଦ ସୂଚନା ଦେଇଛନ୍ତି।

## ସମ୍‌କୁ ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ସମ୍ମାନ



ଭୁବନେଶ୍ୱର : ୱାନ୍-ଷ୍ଟପ୍, ନେକ୍ସଟ ଜେନେରେସନ୍ ମଲ୍ଟିସ୍ପେଶିଆଲଟି କ୍ୱାର୍ଟରନାରି କେୟାର ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାରକୁ ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ୍ ଭାବେ ସମ୍ମାନିତ କରାଯାଇଛି। ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ ଜୁନିୟର ଡକ୍ଟର୍ସ ନେଟୱ୍ୱର୍କ ଓଡ଼ିଶା ପକ୍ଷରୁ ସମ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଇସିଏମ୍‌ଆର୍-ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଂଟର୍ ଠାରେ ଆୟୋଜିତ 'ୟୁଥ୍ ହେଲ୍‌ଥ ଆଇକନ୍ ୱିନର-୨୦୨୨' କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମ୍‌ର ଜେନେରାଲ୍ ମେଡିସିନ୍ ବିଭାଗର ସିନିୟର୍ କନ୍‌ସଲ୍‌ଟାଂଟ ପ୍ରଫେସର (ଡାକ୍ତର) ଶ୍ରୀକାନ୍ତ କୁମାର ଧରଙ୍କୁ ମଧ୍ୟ 'ଆଉଟଷ୍ଟାଣ୍ଡିଙ୍ଗ ମେଡିକାଲ୍ ପ୍ରଫେସ୍‌ନାଲ୍ ଇନ୍ ମେଡିସିନ୍' ସମ୍ମାନରେ ସମ୍ମାନିତ କରାଯାଇଛି ।

## ଇଫ୍‌କୋ ପକ୍ଷରୁ ବ୍ୟାଟେରୀଚାଳିତ ଗାଡ଼ି ଲୋକାର୍ପିତ

ପାରାଦୀପ : ପାରିପାର୍ଶ୍ୱିକ ଉନ୍ନୟନ ଓ ସମାଜସେବା କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଛି ଇଫକୋ ପାରାଦୀପ ୟୁନିଟ। ପୁରୀ ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ, ବୟସ୍କ ଭକ୍ତଙ୍କ ନିମନ୍ତେ ହାତ ବାଡ଼ି ଯୋଗାଇ ସାରିଥିବା ବୃହତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଚଳିତବର୍ଷ ରଥଯାତ୍ରା ଅବସରରେ ଆଉ ଏକ ପଦକ୍ଷେପ ନେଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଲକ୍ଷଲକ୍ଷ ଭକ୍ତମାନଙ୍କୁ ଦୈନିକ ୩ ଥର ମାଗଣା ପ୍ରସାଦ ବଣ୍ଟନର ବ୍ୟବସ୍ଥା କରିଛି। ପୁରୀର ଶରଧାବାଲିଠାରେ ଇଫ୍‌କୋ ପକ୍ଷରୁ ଏକ ମାଗଣା ଷ୍ଟଲ ଖୋଲଯାଇଛି। ଇଫକୋ ପକ୍ଷରୁ ଏହି ସେବା ବାହୁଡା ଯାତ୍ରା ପର୍ଯ୍ୟନ୍ତ ଚାଲିଥିଲା ବୋଲି ଇଫ୍‌କୋର ସହକାରୀ ପ୍ରବନ୍ଧକ(ପ୍ରଶାସନ) ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି। ଏଥି ସହିତ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ବ୍ୟାଟେରିଚାଳିତ ଯାନ ପ୍ରଦାନ କରାଯାଇଛି। ପୁରୀର ଏକ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର ଆକ୍ସନ ଦ୍ୱାରା ଏହି ଗାଡି ପରିଚାଳିତ ହୋଇଥିଲା । ପ୍ରତିଦିନ ଜଗା ଦର୍ଶନ ନିମନ୍ତେ ଆସୁଥିବା ବୟସ୍କ, ଦିବ୍ୟାଙ୍ଗ ଭକ୍ତମାନେ ଏଥିରେ ବସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମକୁ ଇଫକୋର ନିର୍ଦ୍ଦେଶକ ଜେ. ଜେ. ପଟେଲ୍ ଉଦ୍‌ଘାଟନ କରିଥିଲେ । ଇଫ୍‌କୋ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ମମତାବେନ୍ ପଟେଲ୍, ଇଫ୍‌କୋର ବରିଷ୍ଠ ପ୍ରବନ୍ଧକ(ଅର୍ଥ) ସୁରେଶ ଗୋଏଲ୍, ଶଶି ଗୋଏଲ୍, ବଳଭଦ୍ରଙ୍କ ବାଡଗ୍ରାହୀ ବିନାୟକ ଦାସମହାପାତ୍ର, ଦଇତାପତି ଅନନ୍ତ ଦାସମହାପାତ୍ର, ବରିଷ୍ଠ ପୁଲିସ୍ ଅଧିକାରୀ ଯୁଗଳ କିଶୋର ସ୍ୱାଇଁ, ସୁଶୀଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଇଫ୍‌କୋର ସହକାରୀ ପ୍ରବନ୍ଧକ (ପ୍ରଶାସନ) ପ୍ରସନ୍ନ କୁମାର ବେଉରା।

## ଟାଟା ହାତକୁ ଗଲା ନୀଳାଚଳ ଇସ୍ପାତ: ଓଏମ୍‌ସି, ଇପିକଲ୍ ପାଇଲେ ୧,୬୯୮ କୋଟି



ଭୁବନେଶ୍ୱର : ଟାଟା ଷ୍ଟିଲ୍‌ର ସହଯୋଗୀ ସଂସ୍ଥା ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍‌କୁ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି। କେନ୍ଦ୍ର ସରକାରଙ୍କ ଦିପମ୍ ବିଭାଗ ସଚିବ ତୁହିନ୍‌କାନ୍ତ ପାଣ୍ଡେ ଓ ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଦସ୍ତାବିଜ ହସ୍ତାନ୍ତର ହୋଇଛି। ଏନ୍‌ଆଇଏନ୍‌ଏଲ୍‌କୁ କିଣିବା ଲାଗି ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ ୨୧,୧୦୦ କୋଟି ଟଙ୍କାର ବିଜୟୀ ବିଡ୍ ଦାଖଲ କରିଥିଲା। ସେଥିରୁ ଓଡିଶାର ଦୁଇ ସଂସ୍ଥା ଓଡିଶା ଖଣି ନିଗମ (ଓଏମ୍‌ସି) ଓ ଇପିକଲ୍ ୧,୬୯୮ କୋଟି ଟଙ୍କା ପାଇଛନ୍ତି। ଓଏମ୍‌ସି ସର୍ବାଧିକ ୧,୨୪୬ କୋଟି ଟଙ୍କା ପାଇଥିବା ବେଳେ ଇପିକଲ୍‌କୁ ୪୫୨ କୋଟି ଟଙ୍କା ମିଳିଛି। ଏ ସମ୍ପର୍କର ସୂଚନା ଦେଇ ଦିପମ୍ ବିଭାଗର ସଚିବ ଶ୍ରୀ ପାଣ୍ଡେ କହିଛନ୍ତି ଯେ ଏନ୍‌ଆଇଏନ୍‌ଏଲ୍‌ର ପୁରୁଣା ବୋର୍ଡର ସଦସ୍ୟମାନେ ଇସ୍ତଫା ଦେଇଛନ୍ତି ଓ ନୂଆ ବୋର୍ଡ କଂପାନିର ଦାୟିତ୍ୱ ଗ୍ରହଣ କରିଛି। ସେୟାର ହସ୍ତାନ୍ତର ପ୍ରକ୍ରିୟା ଶେଷ ହୋଇଛି। ମୋଟ ଛଅଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମଧ୍ୟରେ ଗଠନ କରାଯାଇଥିବା ଯୌଥ ଉଦ୍ୟୋଗ (ଜେଭି) ଏନ୍‌ଆଇଏନ୍‌ଏଲ୍‌କୁ ସ୍ଥାପନ କରିଥିଲେ। ଏନ୍‌ଆଇଏନ୍‌ଏଲ୍‌ରେ କେନ୍ଦ୍ର ସରକାରଙ୍କ ଚାରିଟି ଉଦ୍ୟୋଗ ଏମ୍‌ଏମ୍‌ଟିସିର ୪୭.୭୮%, ଏନ୍‌ଏମ୍‌ଡିସିର ୧୦.୧୦%, ମେକନ୍‌ର ୦.୬୮ ଓ ଭେଲ୍‌ର ୦.୬୮% ଏବଂ ଓଡିଶା ସରକାରଙ୍କ ଦୁଇ ଉଦ୍ୟୋଗ ଓଏମ୍‌ସିର ୨୦.୪୭% ଓ ଇପିକଲ୍‌ର ୧୨% ଅଂଶଧନ ଥିଲା। ମୋଟ ଉପରେ ଏହି ୬ଟି ସଂସ୍ଥାର ଏନ୍‌ଆଇଏନ୍‌ଏଲ୍‌ରେ ୯୩.୭୧% ଅଂଶଧନ ଥିଲା। ସମସ୍ତ କଂପାନି ନିଜର ଅଂଶଧନ ବିକ୍ରି କରିଛନ୍ତି। ଏନ୍‌ଆଇଏନ୍‌ଏଲ୍ ବିକ୍ରିକୁ ଏକ ବଡ ସଫଳତା ଭାବେ ବର୍ଣ୍ଣନା କରି ଶ୍ରୀ ପାଣ୍ଡେ କହିଛନ୍ତି ଯେ ବିକ୍ରି ପୂର୍ବରୁ ୨୦୨୧ ମାର୍ଚ୍ଚ ସୁଦ୍ଧା କଂପାନିର ନିଟ୍ ମୂଲ୍ୟ ବିଯୁକ୍ତ ୩୬୦୦ କୋଟି ଟଙ୍କା ଥିଲା। ସେହି ଦୃଷ୍ଟିରୁ ୧୨,୧୦୦ କୋଟି ଟଙ୍କାରେ ଏହା ବିକ୍ରି ହେବା ନିଶ୍ଚିତ ରୂପେ ଏକ ବଡ ସଫଳତା। ଏହି ଟଙ୍କାକୁ ରଥଯାତ୍ରା ଭଳି ଏକ ପବିତ୍ର ଦିନରେ ଏକ ଏସ୍‌କ୍ରୋ ଆକାଉଣ୍ଟରେ ଜମା କରାଯାଇଥିଲା। ଏନ୍‌ଆଇଏନ୍‌ଏଲ୍ ପାଇଁ ମିଳିଥିବା ୨୧,୧୦୦ କୋଟି ଟଙ୍କାରୁ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ପ୍ରଦାନ ବାବଦରେ ୩୮୭ କୋଟି ଟଙ୍କା, ଅପରେସନାଲ୍ କ୍ରେଡିଟରମାନଙ୍କୁ ୯୭୫ କୋଟି ଟଙ୍କା, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡିକୁ ୧,୮୬୦ କୋଟି ଟଙ୍କା, ବଣ୍ଡଧାରୀମାନଙ୍କୁ ୩୨୫ କୋଟି ଟଙ୍କା ଓ ଋଣ ଦେଇଥିବା ପ୍ରମୋଟରଙ୍କୁ ୪୪୧ କୋଟି ଟଙ୍କା ଦିଆଯାଇଛି। ୯୯୧ କୋଟି ଟଙ୍କାର କୌଣସି ନିର୍ଦ୍ଦିଷ୍ଟ ଫଇସଲା ହୋଇପାରିନଥିବାରୁ ତାହାକୁ ଅଲଗା ରଖାଯାଇଛି। ଏହା ପରେ ଯେଉଁ ୮,୫୨୮ କୋଟି ଟଙ୍କା ବଳକା ରହିଥିଲା ତାହାକୁ ଛଅଟି ସରକାରୀ ଉଦ୍ୟୋଗ ମଧ୍ୟରେ ବାଣ୍ଟି ଦିଆଯାଇଛି। ବାର୍ଷିକ ଏକ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏନ୍‌ଆଇଏନ୍‌ଏଲ୍‌କୁ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଯୋଜନା ରଖିଛି। କଂପାନିର ଉତ୍ପାଦନ କ୍ଷମତାକୁ ପ୍ରଥମେ ୪.୫ ନିୟୁତ ଟନ୍ ଓ ୧୦ ବର୍ଷ ଭିତରେ ୧୦ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଟାଟା ଯୋଜନା ରଖିଛି ବୋଲି ଶିଳ୍ପବିଭାଗ ପ୍ରମୁଖ ସଚିବ ଶ୍ରୀ ଶର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି ଏକ ନିୟୁତ ଟନ୍ କ୍ଷମତା ଯୋଡିବା ଲାଗି ୩୦୦୦ କୋଟି ଟଙ୍କା ଖର୍ଚ୍ଚ ହୁଏ। ସେହି ଅନୁସାରେ ଉତ୍ପାଦନ କ୍ଷମତାକୁ ୧୦ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ୩୦ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏହା ଦ୍ୱାରା ରାଜ୍ୟରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

## ପ୍ରତି ଏସ୍‌ଏଚ୍‌ଜିକୁ ମିଳିବ ୪ ଲକ୍ଷ ଋଣ

ଭୁବନେଶ୍ୱର : ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚ୍‌ଜି)ମାନଙ୍କୁ ଆର୍ଥିକ ସଶକ୍ତିକରଣ କରିବେ ରାଜ୍ୟ ସରକାର । ଏଥିପାଇଁ ପ୍ରତି ଏସ୍‌ଏଚଜିକୁ ୨୦୨୨-୨୩ ଆର୍ଥିକ ବର୍ଷରେ ୪ ଲକ୍ଷ ଟଙ୍କା ଲେଖାଏଁ ଋଣ ଦେବାପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଗତ ଆର୍ଥିକ ବର୍ଷରେ ଏହା ହାରାହାରି ୨.୨୦ ଲକ୍ଷ ଟଙ୍କା ଥିଲା। ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ଆଧାରରେ ଯୋଜନା ପ୍ରସ୍ତୁତ ପାଇଁ ବ୍ୟାଙ୍କ୍‌ଗୁଡିକୁ କହିଛନ୍ତି । ନିକଟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଶ୍ରୀ ଦେବ ଏସ୍‌ଏଚଜିଗୁଡିକୁ ଜୀବିକା ପ୍ରକଳ୍ପ ଏବଂ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅଧିକ ଋଣ ଯୋଗାଇବାକୁ କହିଥିଲେ । ମିଶନ ଶକ୍ତି ଏସ୍‌ଏଚଜିଗୁଡିକୁ ବ୍ୟାଙ୍କ ସହିତ ଜଡିତ ଯୋଜନାଗୁଡିକ ଦ୍ୱାରା ୬ଲକ୍ଷ ଏସ୍‌ଏଚଜିର ୭୦ ଲକ୍ଷ ମହିଳାଙ୍କୁ ଅର୍ଥକ ସଶକ୍ତିକରଣ କରାଯାଉଛି। ବାର୍ଷିକ ୬୮୦୦ କୋଟି ଟଙ୍କାର ଅର୍ଥ ଯୋଗାଣ ସହିତ ମିଶନ ଶକ୍ତି ମହିଳା ଗୋଷ୍ଠୀ ନିଜସ୍ୱ ଉଦ୍ୟୋଗ ଚଳାଉଛନ୍ତି ଯାହାକି ସ୍ଥାନୀୟ ଅର୍ଥନୀତି ବିକାଶରେ ସହାୟକ ହୋଇଛି । ଗତ ଆର୍ଥିକ ବର୍ଷରେ ୩,୧୦,୮୧୯ ଏସ୍‌ଏଚଜିକୁ ୬୮୩୬.୪୮ କୋଟି ଟଙ୍କାର ଯୋଗାଣ ହୋଇଥିଲା । ତେବେ ୨,୮୦,୧୫୦ ଏସଏଚଜିକୁ ୬୦୦୨.୫୨ କୋଟି ଟଙ୍କାର ଋଣ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୧୧୪ ପ୍ରତିଶତ ଅଧିକ ଋଣ ଯୋଗାଣ ହୋଇଥିଲା। ଏହି ଅର୍ଥରେ ଏସ୍‌ଏଚଜିଗୁଡିକ ବିଭିନ୍ନ ଉଦ୍ୟୋଗ ଚଳାଉଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୩,୫୦,୦୦୦ ଗୋଷ୍ଠୀକୁ ୮୭୫୦ କୋଟି ଟଙ୍କାର ଋଣ ଯୋଗାଣ ଲକ୍ଷ୍ୟ ରହିଛି । ୨୦୨୧-୨୨ ବର୍ଷରେ ଋଣର ସୁଧ ବାବଦକୁ ରାଜ୍ୟ ସରକାର ବ୍ୟାଙ୍କଗୁଡିକୁ ୧୬୨ କୋଟି ଟଙ୍କା ଦେଇଥିବାବେଳେ ଏହା ଦ୍ୱାରା ୨.୮୭ଲକ୍ଷ ଏସ୍‌ଏଚଜି ଉପକୃତ ହୋଇଛନ୍ତି। ୨୦୨୨-୨୩ ବର୍ଷରେ ଏ ବାବଦରେ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ପଇଠର ଲକ୍ଷ୍ୟ ରଖିଛନ୍ତି । ଡିଜିଟାଲ କାରବାର ପାଇଁ ଏମ୍‌ଆଇଏସ୍ ଓ ଟିସିଏସ ସହିତ ମିଶନ ଶକ୍ତି ମିଳିତ ଭାବେ ମିଶନ ଶକ୍ତି ଲୋନ୍ ପ୍ଲାଟଫର୍ମ ପ୍ରସ୍ତୁତ କରିଛନ୍ତି। ଗତବର୍ଷ ଏହି ପୋର୍ଟାଲ ଜରିଆରେ ୧.୭୯ ଏସଏଚଜିଙ୍କ ଋଣର ସୁଧ ବାବଦକୁ ୫୮.୮୧ କୋଟି ଟଙ୍କା ସିଧାସଳଖ ଭାବେ ଟ୍ରାନ୍ସଫର ହୋଇଥିଲା।

## ନବଜାତ ଶିଶୁ କନ୍ୟାକୁ ନୂଆ ଜୀବନ ଦେଲେ ସମ୍ ଡାକ୍ତର



ଭୁବନେଶ୍ୱର : ସମ୍ ଅଲ୍ଟିମେଟ ମେଡିକେୟାରର ଶିଶୁରୋଗ ବିଶେଷଜ୍ଞ ମାତ୍ର ୭୫୦ ଗ୍ରାମ୍ ଓଜନର ନବଜାତ ଶିଶୁକନ୍ୟାର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି। ମାତ୍ର ୨୬ ସପ୍ତାହ ଗର୍ଭଧାରଣ ପରେ ଜଣେ ମହିଳାଙ୍କର ସିଜରିଆନ୍ ସେକ୍ସନ୍ ଦ୍ୱାରା ଏକ ଶିଶୁ କନ୍ୟା ସମ୍‌ମ୍‌ରେ ଜନ୍ମଲାଭ କରିଥିବା ବେଳେ ଜନ୍ମ ପରେ ପରେ ହିଁ ଶିଶୁଟିର ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ ତାକୁ ଏନ୍‌ଆଇଭି ସପୋର୍ଟରେ ରଖାଯାଇଥିଲା ବୋଲି ସମ୍‌ମ୍‌ର ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ଦେ ସୂଚନା ଦେଇଛନ୍ତି। ମାତ୍ର ୨୬ ସପ୍ତାହ ଗର୍ଭଧାରଣରେ ଜନ୍ମ ନେଇଥିବା ୫୦ ପ୍ରତିଶତରୁ କମ୍ ଶିଶୁଙ୍କ ଜୀବନ ବଂଚାଇବା ସମ୍ଭବ ହୋଇଥିବା ବେଳେ ହସ୍ପିଟାଲ୍‌ର ଡାକ୍ତରୀ ଟିମ୍‌ର ନିରନ୍ତର ପ୍ରଚେଷ୍ଟା ଫଳରେ ଶିଶୁଟି ସୁସ୍ଥ ହୋଇପାରିଛି ବୋଲି ସେ କହିଛନ୍ତି। ଗଞ୍ଜାମ ଜିଲ୍ଲା ଆସ୍କା ଅଂଚଳର ଏହି ଶିଶୁ କନ୍ୟାଟିର ମା' ପ୍ରସବ ନିମନ୍ତେ ସମ୍‌ମ୍‌ରେ ଭର୍ତି ହେବା ସମୟରେ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ ଭଳି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା ଏବଂ ପୂର୍ବରୁ ମଧ ତାଙ୍କର ୩ ଥର ଗର୍ଭପାତ ହୋଇଥିଲା। ତେଣୁ ଉଭୟ ମା' ଏବଂ ଶିଶୁଙ୍କ କ୍ଷେତ୍ରରେ ଏହା ଏକ ଜଟିଳ ପରିସ୍ଥିତି ଥିଲା ବୋଲି ଡେଲିଭରି କରାଇଥିବା ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତିରୋଗ ବିଭାଗର କନ୍‌ସଲ୍‌ଟାଂଟ ଗାଏନୋକୋଲୋଜିଷ୍ଟ ଡାକ୍ତର ଚିନ୍ମୟୀ କର କହିଛନ୍ତି। ତେବେ ଶିଶୁଟି ଜନ୍ମ ହେବା ପରେ ତା'ର ନିରନ୍ତର ଯତ୍ନ ନିଆଯାଇଥିଲା। ଦୀର୍ଘ ୩୨ ଦିନ ପର୍ଯ୍ୟନ୍ତ ତାକୁ ଏନ୍‌ଆଇଭି ସପୋର୍ଟରେ ରଖାଯାଇଥିଲା। ଇନ୍‌ଟ୍ରାଭେନସ୍ ଫ୍ଲୁଇଡ୍ ଦ୍ୱାରା ତା'ର ଶରୀରକୁ ଖାଦ୍ୟ ଏବଂ ଔଷଧ ଯୋଗାଇ ଦିଆଯାଇଥିଲା। ଜନ୍ମ ହେବାର ୧୭ ଦିନ ପରେ ଇନ୍‌ଟ୍ରାଭେନସ୍ ଫ୍ଲୁଇଡ୍ ମାଧ୍ୟମରେ ଖାଦ୍ୟ ଏବଂ ଔଷଧ ବନ୍ଦ କରାଯାଇଥିବା ବେଳେ ନାକ ବାଟେ ଟ୍ୟୁବ୍ ମାଧ୍ୟମରେ ଖାଦ୍ୟ ଦେବା ଆରମ୍ଭ କରାଯାଇଥିଲା ବୋଲି ଡାକ୍ତର ଦେ କହିଛନ୍ତି। ଶିଶୁଟି ଧିରେ ଧିରେ ସୁସ୍ଥ ହେବା ପରେ ତାକୁ ତାର ମା' ନିକଟକୁ ନିଆଯାଇଥିଲା ଯାହାଦ୍ୱାରା କି ମା'ର ସ୍ପର୍ଶ ପାଇ ଶିଶୁଟି ଅଧିକ ସୁସ୍ଥ ହୋଇପାରିଥିଲା ବୋଲି ଡାକ୍ତର ଦେ କହିଛନ୍ତି। ଏହି ପଦ୍ଧତିକୁ କଙ୍ଗାରୁ ମଦର କେୟାର କରାଯାଏ। ଦୀର୍ଘ ୨ ମାସ ପରେ ଶିଶୁଟି ନିଓ-ନାଟାଲ୍ ଇନ୍‌ଟେନ୍‌ସିଭ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ତା'ର ବାପା-ମା ହସ୍ପିଟାଲ୍‌ର କର୍ତ୍ତୃପକ୍ଷ ଏବଂ ଡାକ୍ତରୀ ଟିମ୍‌କୁ କୃତଜ୍ଞତା ଜଣାଇଛନ୍ତି। ପ୍ରାରମ୍ଭରୁ ଡାକ୍ତର ଦେ ଏବଂ ନିଓନାଟୋଲୋଜି ବିଭାଗର ଭିଜିଟିଙ୍ଗ କନ୍‌ସଲ୍‌ଟାଂଟ ଡାକ୍ତର ଦେବାଶିଷ ନନ୍ଦ ଶିଶୁଟିର ସମସ୍ତ ଚିକିତ୍ସା ଓ ଯତ୍ନ ନେଇଥିବା ବେଳେ ହସ୍ପିଟାଲ୍‌ର ଷ୍ଟାଫ୍, ନର୍ସ ଓ କନ୍‌ସଲ୍‌ଟାଂଟମାନେ ସମସ୍ତ ସାହାଯ୍ୟ ଓ ସହଯୋଗ କରିଥିଲେ।

## ବଲାଙ୍ଗିର 'ଅରୁନ୍ଧତୀ ହେଲର୍ସ'ର ୨୩ତମ ବାର୍ଷିକୋତ୍ସବ



ବଲାଙ୍ଗିର : ସୁନାଗହଣା ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଲାଙ୍ଗିରଠାରେ ତା'ର ନୂତନ ଓ ଅତ୍ୟାଧୁନିକ ଫ୍ଲାଗସିପ୍ ଗହଣା ସୋ'ରୁମ୍‌ର ୨୩ତମ ବାର୍ଷିକୋତ୍ସବ ପାଳନ କରାଯାଇଛି। ଅରୁନ୍ଧତୀ ହେଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ ଅରୁନ୍ଧତୀର ଏହି ସଫଳ ଯାତ୍ରା ଦୀର୍ଘ ୨୩ବର୍ଷ ପୂର୍ବରୁ ବଲାଙ୍ଗିରର ପବିତ୍ର ମାଟିରୁ ଆରମ୍ଭ ହୋଇ ବର୍ତ୍ତମାନ ଓଡିଶାର ଏକ ଅଗ୍ରଣୀ ଜୁଏଲରୀ ବ୍ରାଣ୍ଡ୍ ଭାବରେ ୭ଟି ସହରରେ ନିଜର ଉପସ୍ଥିତି ରଖି ରାଜ୍ୟର ସର୍ବୋତ୍ତମ ବ୍ରାଣ୍ଡ୍ ଭାବରେ ପରିଗଣିତ ହୋଇପାରିଛି। ଏହି ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଦ୍ୱାରା ଅରୁନ୍ଧତୀକୁ ରାଜ୍ୟର ୧ନଂ ବ୍ରାଣ୍ଡ ଆଖ୍ୟା ମିଳିଥିବାରୁ ଶ୍ରୀ ମେହେର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ୨୩ତମ ବାର୍ଷିକୋତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ବଲାଙ୍ଗିରର ୬୦୦୦ ବର୍ଗଫୁଟ ପରିମିତ ଫ୍ଲାଗସିପ୍ ସୋରୁମଠାରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଫ୍ଲାଟ୍ ୨୩% ସୁନାଗହଣା ଓ ରୁପା ଗଢାମଜୁରୀ ଉପରେ ଏବଂ ଫ୍ଲାଟ୍ ୨୩% ହୀରା ମୂଲ୍ୟ ଉପରେ ରିହାତି ରଖାଯାଇଛି, ଯାହା କେବଳ ବଲାଙ୍ଗୀର ଶାଖାରେ ଉପଲବ୍ଧ। ସର୍ବୋତ୍ତମ ଡିଜାଇନ୍ ଓ ସମ୍ପୂର୍ଣ୍ଣ ହଲମାର୍କ ଶୁଦ୍ଧତାଯୁକ୍ତ ସୁନା ଓ ହୀରା ଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୂପା ଗହଣା ଓ କଳାକୃତିର ସମ୍ଭାର ସହ ଏକ ନିଆରା ଗ୍ରାହକ ସେବା '୫ ଷ୍ଟାର ପ୍ରମିଜ୍'ର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି।

## ବିଦ୍ୟୁତ୍ ସୁରକ୍ଷା ପାଇଁ ରୁଚି ପୁରସ୍କୃତ

କଟକ : ଶିଳ୍ପାନୁଷ୍ଠାନରେ ଉତ୍ତମ ବିଦ୍ୟୁତ ସୁରକ୍ଷା ପାଳନ ପାଇଁ ରାଜ୍ୟର ପ୍ରମୁଖ ରୁଚି ଶିଳ୍ପଦ୍ୟୋଗକୁ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ତୃତୀୟ ଜାତୀୟ ବିଦ୍ୟୁତ ସପ୍ତାହ ପାଳନ ଅବସରରେ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଲୋକସେବା ଭବନଠାରେ ଆୟୋଜିତ ସମାରୋହରେ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କୁମାର ଦେବ ରୁଚି ଶିଳ୍ପଦ୍ୟୋଗକୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ। ଆୟୋଜିତ ଉତ୍ସବରେ ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଓ ଇଞ୍ଜିନିୟର ଇନ୍ ଚିଫ୍ (ବିଦ୍ୟୁତ) ସୁରେଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ରୁଚି ପକ୍ଷରୁ ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ସେଫ୍ଟି ଅଫିସର ବିଶ୍ୱଜିତ ଜେନା ଓ ଶଶିକାନ୍ତ ସାହୁ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

## ଟଙ୍କା ପୁଣି ଦୁର୍ବଳ, ୮୦ ଟଙ୍କା ମୁହାଁ ଡଲାର

ନୂଆଦିଲ୍ଲୀ : ଆମେରିକୀୟ ଡଲାର ତୁଳନାରେ ଟଙ୍କା ପୁଣି ଦୁର୍ବଳ ହୋଇ ୭୯ ଟଙ୍କା ୪୮ ପଇସା ସ୍ତରକୁ ଖସିଯାଇଛି। ବିଶ୍ୱ ଷ୍ଟକ୍ ବଜାରରେ କାରବାର ଉତ୍ସାହଜନକ ଥିବା ବେଳେ ଭାରତ ଷ୍ଟକ ବଜାରରେ ଅବସ୍ଥା ମାନ୍ଦା ରହୁଛି। ତେଣୁ ନିବେଶକମାନେ ଅଧିକ ଲାଭ ପାଇବା ଆଶାରେ ଭାରତରୁ ଡଲାର ଉଠାଇ ବିଶ୍ୱ ବଜାରରେ ନିବେଶ କରୁଛନ୍ତି। ଫଳରେ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ତେବେ ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁଁ ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର ସମ୍ଭବ ହେବ ବୋଲି କୁହାଯାଉଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୮୭ ପଏଣ୍ଟ୍ ହ୍ରାସ ପାଇ ୫୪,୩୯୫ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ ଏକ୍ସଚେଞ୍ଜର ନିଫ୍‌ଟି ୪ ପଏଣ୍ଟ୍ ହ୍ରାସ ପାଇଛି। ଷ୍ଟକ ବଜାର କାରବାରର ଏହି ଦୁର୍ବଳ ସ୍ଥିତି ଟଙ୍କାକୁ ତଳମୁହାଁ କରିଥିଲା। କିନ୍ତୁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ୍ ୧୦୫.୪୯ ଡଲାରକୁ ହ୍ରାସ ପାଇବା ଯୋଗୁଁ ଟଙ୍କାକୁ କିଛିଟା ବଳ ମିଳିଥିଲା। ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ ବଜାରରୁ ୧୦୯.୩୧ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଚଳିତ ମାସରେ ସେମାନେ ୪୦୦୦ କୋଟି ଟଙ୍କା ପ୍ରତ୍ୟାହାର କରିସାରିଲେଣି। ତାହା ମଧ୍ୟ ଡଲାର ତୁଳନାରେ ଟଙ୍କାକୁ ଦୁର୍ବଳ କରୁଛି। ଯେବେଠାରୁ ଆମେରିକାର ଫେଡେରାଲ୍ ରିଜର୍ଭ ସୁଧ ହାର ବୃଦ୍ଧି କରିଛି ସେବେଠାରୁ ଡଲାର ଅନ୍ୟ ବିନିମୟ ମୁଦ୍ରା ତୁଳନାରେ ସବଳ ରହିଛି।









# ୨୦୨୩ ହକି ପୁରୁଷ ବିଶ୍ୱକପ୍‌ର ପୂର୍ବପ୍ରସ୍ତୁତି ଲାଗି ୟୁରୋପ ଗଲେ ତୁଷାରକାନ୍ତି



ଭୁବନେଶ୍ୱର : ୨୦୨୩ରେ ଓଡିଶା ପୁଣିଥରେ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛି। ଏହା ସମଗ୍ର ଓଡିଆବାସୀଙ୍କ ଲାଗି ଗର୍ବର ବିଷୟ। ରାଜ୍ୟରେ ଅନୁଷ୍ଠିତ ଯେକୌଣସି ଇଭେଣ୍ଟ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପ୍ରତ୍ୟେକ ବର୍ଗର ଲୋକେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିନେଇ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସବୁବେଳେ ସଜାଗ ରହିଥାଏ। ଏହି ଦୃଷ୍ଟିରୁ ଆଗାମୀ ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌କୁ ସଫଳ କରିବା ବିଭାଗ ପ୍ରଥମ ଲକ୍ଷ୍ୟ। ଏଥିପାଇଁ ପୂର୍ବ ପ୍ରସ୍ତୁତି ସ୍ୱରୂପ କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ସହ ୟୁରୋପ ଗସ୍ତରେ ଯାଇଛନ୍ତି। ଏଥିରେ ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, କ୍ରୀଡା ବିଭାଗର ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର କୁମାର ଜେନା, ରଞ୍ଜିତ ପରିଡା, ଯୁଗ୍ମ ଶାସନ ସଚିବ ତଥା ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କୈଳାଶ ଚନ୍ଦ୍ର ଦାସ, ବିଭାଗର ବରିଷ୍ଠ ଅଧିକାରୀଗଣ ତଥା ବିଭିନ୍ନ ଡିସିପ୍ଲିନ୍‌ରେ କାର୍ଯ୍ୟରତ ବିଶେଷଜ୍ଞମାନେ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଅଛନ୍ତି। ବର୍ତ୍ତମାନ ୟୁରୋପର ନେଦରଲ୍ୟାଣ୍ଡ ଏବଂ ସ୍ପେନ୍‌ରେ ମହିଳା ବିଶ୍ୱକପ୍ ଆୟୋଜିତ ହେଉଛି। ଆୟୋଜକ ଏଫ୍‌ଆଇଏଚର ନିମନ୍ତ୍ରଣରେ କ୍ରୀଡା ଓ ଯୁବସେବା ବିଭାଗର ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଗସ୍ତ କରିଛନ୍ତି। ସେଠାରେ ପହଞ୍ଚିବା ପରେ ଭାରତ ମ୍ୟାଚ ଦେଖିବାର କାର୍ଯ୍ୟକ୍ରମ ଅଛି। ଏହି ପ୍ରତିନିଧି ମଣ୍ଡଳୀ ସେଠାରେ ପୂରା ୧୦ ଦିନ ରହି ବିଭିନ୍ନ ମ୍ୟାଚ ପରିଦର୍ଶନ କରିବା ସହ ମେଗା ଇଭେଣ୍ଟର ଆୟୋଜନ, ଆତିଥ୍ୟ ଶୈଳୀ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ସୁପରିଚାଳନା, ଖେଳର ପ୍ରଚାରପ୍ରସାର, ଖେଳାଳିମାନଙ୍କ ରହଣି, ଯିବାଆସିବା ଏବଂ ସୁରକ୍ଷା ବ୍ୟବସ୍ଥା ଆଦି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବେ। ଏହି ପ୍ରତିନିଧି ମଣ୍ଡଳୀ ସେଠାକାର ଖେଳ ପରିଚାଳନାର ବିଭିନ୍ନ ଭଲ ଦିଗକୁ ଅନୁଧ୍ୟାନ କରି ଏହାକୁ କିପରି ୨୦୨୩ରେ ହେବାକୁ ଥିବା ପୁରୁଷ ବିଶ୍ୱକପ୍‌ରେ ପ୍ରତିଫଳିତ କରାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ। ବିଧାନସଭା ଯୋଗୁଁ ଏହି ଗସ୍ତ କାର୍ଯ୍ୟକ୍ରମକୁ କାଣ୍ଟଛାଣ୍ଟ କରି କ୍ରୀଡା ଓ ଯୁବସେବା ମନ୍ତ୍ରୀ ୧୩ ତାରିଖରେ ଓଡିଶା ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିବାବେଳେ ଅନ୍ୟ ସଦସ୍ୟମାନେ ପୂରା ୧୦ ଦିନ ସେଠାରେ ରହି ସେଠାକାର ବିଶ୍ୱକପ ହକି ପରିଚାଳନା ଅନୁଧ୍ୟାନ କରିବେ। ଅନ୍ତର୍ଜାତୀୟସ୍ତରରେ ଓଡିଶା ସବୁବେଳେ କ୍ରୀଡା ଭ୍ରାତୃତ୍ୱଭାବକୁ ଗୁରୁତ୍ୱ ଦେଇ ଆସିଥିବା ବେଳେ ଆଗକୁ ଏହି ଧାରା ବଜାୟ ରହିବ। ସର୍ବଶେଷରେ ରାଉରକେଲା ଓ ଭୁବନେଶ୍ୱରରେ ହେବାକୁଥିବା ୨୦୨୩ ହକି ବିଶ୍ୱକପ୍‌କୁ କିପରି ଅଧିକ ସରସସୁନ୍ଦର କରି ହେବ ଏବଂ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଓଡିଶା ଦଳ ବିଦେଶ ଗସ୍ତରେ ଯାଉଛନ୍ତି ତାହା କିପରି ସଫଳ ହେବ ସେଥିନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ଏହି ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଅଭିଷେକ, ମାଧୁରୀ ପାଇଲେ ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ ପୁରସ୍କାର



ଭୁବନେଶ୍ୱର : ଅଭିଷେକ ରାଉତ ଓ ମାଧୁରୀ ମେହେଟ୍ଟାଙ୍କୁ ଚଳିତ ବର୍ଷର ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ଗତ ଋତୁରେ ସଫଳ ରହିଥିବା ଅଭିଷେକ ଏବଂ ମାଧୁରୀଙ୍କୁ ଯଥାକ୍ରମେ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର ପୁରସ୍କାର ମିଳିଛି। ଏହି ସମ୍ମାନଜନକ ପୁରସ୍କାର ପାଇବାରେ ଅଭିଷେକ ୨୯ତମ ପୁରୁଷ ଏବଂ ମାଧୁରୀ ଅଷ୍ଟମ ମହିଳା କ୍ରିକେଟର ହୋଇଛନ୍ତି। ରଣଜୀ ଟ୍ରଫି ସହ ଅନ୍ୟ ଦୁଇ ଫର୍ମାଟର ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଅଲ୍‌ରାଉଣ୍ଡ ସଫଳତା ଆଧାରରେ ଅଭିଷେକଙ୍କୁ ଚୟନ ସମିତି ବାଛିଥିଲେ। ତିନିଟି ଯାକ ଫର୍ମାଟରେ ଗତ ସିଜିନରେ ଅଭିଷେକ ମୋଟ ୪୮୯ ରନ୍ କରିବା ସହ ୧୮ ୱିକେଟ୍ ଦଖଲ କରିଥିଲେ। ସଦ୍ୟ ଶେଷ ମହିଳା ଋତୁରେ ମାଧୁରୀଙ୍କ ପ୍ରଦର୍ଶନ ଭଲ ଥିଲା। ସେ ଏକଦିବସୀୟ ଏବଂ ଟ୍ୱେଣ୍ଟି-୨୦ରେ ମୋଟ ୪୫୪ ରନ୍ କରି ଓଡିଶା ମହିଳା ଦଳର ଅଗ୍ରଣୀ ସ୍କୋରର ବନିଥିଲେ। ଉଭୟଙ୍କୁ ପୁରସ୍କାର ବାବଦରେ ୩୧ ହଜାର ଟଙ୍କାର ଚେକ୍, ପ୍ରଶସ୍ତି ପତ୍ର ଏବଂ ଟ୍ରଫି ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯାଇଛି ବୋଲି ସହିଦ ସ୍ପୋର୍ଟିଂ କ୍ଲବର ସଂପାଦକ ପଙ୍କଜ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଭିଷେକ ପ୍ରଥମ ଥର ପାଇଁ ଏହି ସମ୍ମାନଜକ ପୁରସ୍କାର ପାଇଥିଲା ବେଳେ ମାଧୁରୀ ଦ୍ୱିତୀୟଥର ପାଇଲେ। ତେବେ ଅଭିଷେକ ବିଦେଶ ଗସ୍ତରେ ଥିବାରୁ ତାଙ୍କ ପିତାମାତା ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡା ସାମ୍ବାଦିକ ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡି, ଉମାକାନ୍ତ ମିଶ୍ର, ସଂବିତ୍ ମହାପାତ୍ର, ମାରୁତି ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂହ, ସହିଦ ସ୍ପୋର୍ଟିଂର କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ଏବଂ ସଂପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଚୟନ ସମିତି ଏହି ଦୁଇ ଖେଳାଳିଙ୍କୁ ମନୋନୀତ କରିଥିଲେ।

# ଖେଳାଳି ଓ ଖେଳ ସାମ୍ବାଦିକ ପରସ୍ପର ପରିପୂରକ: ପ୍ରଣତି ମିଶ୍ର




ଭୁବନେଶ୍ୱର : ଜଣେ ଖେଳାଳି ପାଇଁ କ୍ରୀଡା ସାମ୍ବାଦିକ ଯେତିକି ଗୁରୁତ୍ୱପୂର୍ଣ୍ଣ, କ୍ରୀଡା ସାମ୍ବାଦିକଙ୍କ ପାଇଁ ମଧ୍ୟ ଖେଳାଳିଙ୍କ ଗୁରୁତ୍ୱ ସେହିପରି । ଉଭୟଙ୍କ ଜନମାନସରେ ପ୍ରଚାର ପାଇଁ ପରସ୍ପରର ଆବଶ୍ୟକତା ରହିଛି । ଖେଳ ଦୁନିଆ ଏବଂ କ୍ରୀଡା ସାମ୍ବାଦିକତା ପରସ୍ପର ଠାରୁ ଭିନ୍ନ ନୁହଁନ୍ତି ବରଂ ଖେଳାଳି ଓ ଖେଳ ସାମ୍ବାଦିକ ପରସ୍ପରର ପରିପୂରକ ବୋଲି ଓଡିଶା କ୍ରୀଡା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜୟିନୀ ତଥା ଓଡିଶା କ୍ରୀଡାର ଲିଜେଣ୍ଡ ଆଥ୍‌ଲେଟ୍ ପ୍ରଣତି ମିଶ୍ର ଏହି ମତ ଦେଇଛନ୍ତି । ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ସମ୍ମିଳନୀ କକ୍ଷରେ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ସମାରୋହରେ ପ୍ରଣତିଙ୍କ ସହ ଓଡିଶାର କ୍ରିକେଟ୍ ଗୌରବ ତଥା ବର୍ତ୍ତମାନର ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଏବଂ ସଦ୍ୟ ଏଭରେଷ୍ଟ ଆରୋହଣ କରିଥିବା ସିଦ୍ଧାର୍ଥ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି ଏବଂ ସମ୍ପାଦକ ଦେବୀପ୍ରସନ୍ନ ମହାନ୍ତି ମଧ୍ୟ ସାମିଲ ଥିଲେ । ଓଡିଶାର ପ୍ରଥମ ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତି ତାଙ୍କ ଭାଷଣରେ କହିଥିଲେ, ଖେଳରେ ସଫଳତା ହାସଲ କରିବାର କିଛି ସର୍ଟକର୍ଟ ନାହିଁ । ପାଗଳ ପ୍ରାୟ ହୋଇ ଖେଳରେ ନଲାଗିଲେ ବଡ ସଫଳତା ହାସଲ କରିହେବ ନାହିଁ । ମୁଖ୍ୟ ସମାରୋହ ପୂର୍ବରୁ ଖେଳାଳିମାନଙ୍କ ଜୀବନରେ ଆଘାତ ଜନିତ ସମସ୍ୟାର ଉପଚାର କିପରି ତୁରନ୍ତ କରାଯିବା ଦରକାର, ସେ ବାବଦରେ ଏକ ବିଶେଷ କର୍ମଶାଳା ଆୟୋଜିତ ହୋଇଥିଲା । ଦେଶର ଜଣେ ପ୍ରମୁଖ ଫିଜିଓ ତଥା ହକି ଓ ଫୁଟବଲ ଦଳ ସହ ଅନେକ ଦିନ ଜଡିତ ଥିବା ଡା. ମୁକ୍ତି ପ୍ରସାଦ ଦାଶ ଏହି କର୍ମଶାଳା ପରିଚାଳନା କରିଥିଲା ବେଳେ ଏଥିରେ ଅନେକ ଯୁବା ଖେଳାଳିଙ୍କ ସହ ରାଜଧାନୀର ବହୁ ପ୍ରମୁଖ ସ୍କୁଲର କ୍ରୀଡା ଶିକ୍ଷକମାନେ ଯୋଗ ଦେଇଥିଲେ । ଏହି କର୍ମଶାଳା ଏକ ନିଆରା ଥିଲା ବୋଲି କହି ସମସ୍ତେ ପ୍ରଶଂସା କରିଥିଲେ । ଉତ୍କଳ କରାଟେ ସ୍କୁଲର ଅଧକ୍ଷ ତଥା ବିଶିଷ୍ଟ କ୍ରୀଡା ଗୁରୁ ହରିପ୍ରସାଦ ପଟ୍ଟନାୟକଙ୍କୁ ଏହି ଅବସରରେ ସମ୍ମାନିତ ମଧ୍ୟ କରାଯାଇଥିଲା । ବହୁ ଖେଳାଳି ଓ ମିଡିଆ କର୍ମୀଙ୍କ ସହ ଓସ୍‌ଜା ପରିବାରର ସୁରେଶ ସ୍ୱାଇଁ, ସଞ୍ଜୀବ ବିଶ୍ୱାଳ, ଦେବାଶିଷ ସୁନ୍ଦରାୟ, ତପନ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ, ସମୀକ୍ଷା ପଟନାୟକ, ତନ୍ମୟ ଦାସ, ଦେବୀପ୍ରସନ୍ନ ପାଣିଗ୍ରାହୀ, କୁମାର ବିମଲ, ବେଣୁଧର ଦାସ, କୁମାର ଶ୍ରୀ, ସୌଭାଗ୍ୟ ରଥ, ସୁକେଶ ରଞ୍ଜନ ବେହେରା, ଦିପ୍ତୀରଞ୍ଜନ ସାମଲ, ମହେନ୍ଦ୍ର ସାହୁ, ରଞ୍ଜନ ରାୟ, ବିଜୟ ରଣା, ମନମୋହନ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶକ୍ତିପ୍ରକାଶ ନନ୍ଦ, ପ୍ରଫୁଲ୍ଲ ସାହୁ, ନିରଞ୍ଜନ ରେଡ୍ଡୀ, ସର୍ବେଶ୍ୱର ମହାନ୍ତି, ଏବଂ ଜଗଦୀଶ ଦାସ ପ୍ରମୁଖ ଏହି ବିଶେଷ ଉତ୍ସବରେ ସାମିଲ ହୋଇଥିଲେ ।

# ଦିନିକିଆ ଶୃଙ୍ଖଳା ଖେଳିବାକୁ ଜିମ୍ବାୱେ ଯିବ ଭାରତ

ନୂଆଦିଲ୍ଲୀ : ଆସନ୍ତା ମାସରେ ୩ ମ୍ୟାଚ ବିଶିଷ୍ଟ ଏକ ଦିନିକିଆ ଶୃଙ୍ଖଳା ଖେଳିବାକୁ ଭାରତୀୟ କ୍ରିକେଟ୍ ଦଳ ଜିମ୍ବାୱେ ଗସ୍ତ କରିବ। ଏଥିପାଇଁ ଆନୁଷ୍ଠାନିକ ଭାବେ ତାରିଖ ଧାର୍ଯ୍ୟ ହୋଇନଥିଲେ ମଧ୍ୟ ମ୍ୟାଚଗୁଡିକ ଅଗଷ୍ଟ ୧୮, ୨୦ ଓ ୨୨ ତାରିଖରେ ହାରାରେ ସ୍ପୋର୍ଟସ କ୍ଲବ୍‌ରେ ଖେଳାଯିବାର ଅପାତତଃ ସୂଚୀ ସ୍ଥିର ହୋଇଛି। ଏହା ଆଇସିସି ଦିନିକିଆ ସୁପର ଲିଗ୍‌ର ଅଂଶବିଶେଷ ରହିବ। ଅନ୍ୟପକ୍ଷରେ ଆସନ୍ତାବର୍ଷର ଦିନିକିଆ ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ ପାଇଁ ଜିମ୍ବାୱେ ନିକଟରେ ଏହି ଶୃଙ୍ଖଳା ସୁଯୋଗ ରଖିବ। ସୂଚୀ ଚୂଡାନ୍ତ ହେଲେ ୬ ବର୍ଷ ପରେ ଭାରତର ଏହା ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ହେବ। ଶେଷ ଥର ପାଇଁ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୧୬ ଜୁନ୍-ଜୁଲାଇରେ ୩ ଲେଖାଏଁ ଦିନିକିଆ ଏବଂ ଟ୍ୱେଣ୍ଟି-୨୦ ମ୍ୟାଚ ଖେଳିବାକୁ ଜିମ୍ବାୱେ ଯାଇଥିଲା। ହେଲେ ଅଗଷ୍ଟ ୨୭ ତାରିଖରୁ ଶ୍ରୀଲଙ୍କାରେ ଏସିଆ କପ୍ ଆୟୋଜିତ ହେବାକୁ ଯାଉଥିବାରୁ ଏଥର ଜିମ୍ବାୱେରେ ଟ୍ୱେଣ୍ଟି-୨୦ ମ୍ୟାଚ ଖେଳାଯିବାର ସୂଚୀ ରହିନି।

# ମୁକ୍ତିଲାଭ ଅପେକ୍ଷାରେ ‘କହିବିନି ତତେ ଆଇ ଲଭ ୟୁ’



ମୁକ୍ତିଲାଭ ଅପେକ୍ଷାରେ ଆଉ ଏକ ନୂଆ ଓଡିଆ ଚଳଚ୍ଚିତ୍ର ଯାହାର ନାଁ ରହିଛି ‘କହିବିନି ତତେ ଆଇ ଲଭ ୟୁ’। ଏକ ତାରକା ହୋଟେଲ ପରିସରରେ ଏହି ଚଳଚ୍ଚିତ୍ରର ଅଡିଓ ରିଲିଜ୍ ହୋଇଛି। ତିତିଲୀ ପ୍ରଡକ୍ସନ୍ ଓ ଏଲ-ଟି ପ୍ରଡକ୍ସନ୍ ବ୍ୟାନର୍ ସହଯୋଗରେ ନିର୍ମିତ ଏହି ନୂଆ ଓଡିଆ ସିନେମାଟି ଖୁବ୍ ଶୀଘ୍ର ମୁକ୍ତିଲାଭ କରିବ ବୋଲି ଜଣାପଡିଛି। ଏଥିସହିତ ଏହି ବ୍ୟାନର୍‌ରେ ଆଉ ଏକ ନୂଆ ଚଳଚ୍ଚିତ୍ରର ନାଁ ମଧ୍ୟ ଘୋଷଣା କରାଯାଇଛି। ଏହି ନୂଆ ଚଳଚ୍ଚିତ୍ରର ନାମ ରହିଛି ‘ମୋ କାହାଣୀରେ ତୋଅରି ନାଁ’। ଆଲ୍‌ବମ୍ ଓ ମ୍ୟୁଜିକ୍ ଭିଡିଓ ଦୁନିଆର ଚର୍ଚ୍ଚିତ କୋରିଓଗ୍ରାଫର ଯୋଡି ଲୁବୁନ୍-ଟୁବୁନ୍ ଏଥର ବଡ ପରଦାରେ କମାଲ କରିବାକୁ ଯାଉଛନ୍ତି। ‘କହିବିନି ତତେ ଆଇ ଲଭ ୟୁ’ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍-ଟୁବୁନ୍। ପ୍ରୀତିଶ ମହାନ୍ତି ଏହାର କାହାଣୀ ଲେଖିବା ସହ ପ୍ରଯୋଜନା ମଧ୍ୟ କରିଛନ୍ତି। ଏଥିରେ ବାପୁ ଗୋସ୍ୱାମୀ ସଂଳାପ ରଚନା କରିଛନ୍ତି। ବାପୁ ଗୋସ୍ୱାମୀ ଓ ନିର୍ମଳ ନାୟକ ଗୀତ ରଚନା କରିଥିବା ବେଳେ ହ୍ୟୁମାନ ସାଗର, ଅର୍ପିତା ଚୌଧୁରୀ ଓ ଦିପ୍ତୀରେଖା ପାଢ଼ୀ ପ୍ରମୁଖ କଣ୍ଠଦାନ କରିଛନ୍ତି। ଗୀତଗୁଡିକ କଟକର ମିଳନ ଷ୍ଟୁଡିଓରେ ରେକର୍ଡ କରାଯାଇଛି। ସିନେମାରେ କୋରିଓଗ୍ରାଫି ଲୁବୁନ୍-ଟୁବୁନ୍ କରିଥିବା ବେଳେ ଓଡିଆ ଏଣ୍ଟର୍‌ଟେନ୍‌ମେଣ୍ଟ୍ ଏହାର ଡିଜିଟାଲ ପାର୍ଟନର ରହିଛି। ଲୁବୁନ୍‌ଙ୍କୁ ଏଥିରେ ନାୟକ ଭୂମିକାରେ ଦେଖିବାକୁ ମିଳିବ। ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ମୁମ୍ବାଇର ସୋନା। ଅନ୍ୟମାନଙ୍କ ମଧ୍ୟରେ ମନସ୍ୱିନୀ, ଅର୍ପିତା କର, ରିସନା, ସରୋଜ ଦାସ, ପ୍ରଭାତୀ ସାହୁ, ଅଶୋକ ଦାସ, ପୁଷ୍ପା ପଣ୍ଡା, ଟନିଆ, ମିଲି ମହାନ୍ତି, ଡିସ୍କ ରେଡି, ସନ୍ଦୀପ, ଚିକୁ, କାଳିଆ, ନନସେନ୍ସ ମଣି, ରବି, ଅମର, ଗୁଡୁ, ଅଜୟ ଓ ବିଜୟ ପ୍ରମୁଖ ଅଭିନୟ କରିଛନ୍ତି। ଏଲ୍‌ଟି ଷ୍ଟୁଡିଓ ଇକ୍ୟୁପ୍‌ମେଣ୍ଟ୍ସ ଯୋଗାଇ ଦେଇଥିବା ବେଳେ ସେହିଠାରେ ହିଁ ପୋଷ୍ଟ ପ୍ରଡକ୍ସନ୍ କରାଯାଇଛି।

# ବାଣୀଙ୍କ ଘୋଡ଼ାଚଢ଼ା ଶିକ୍ଷା



‘ଚଣ୍ଡୀଗଡ଼ କରେ ଆସିକି’ରେ ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହେବା ପରେ ବାଣୀ କପୁର ଆଗକୁ ମୁକ୍ତିଲାଭ କରିବାକୁ ଥିବା ‘ଶମଶେରା’ ଚଳଚ୍ଚିତ୍ରରେ ପୂର୍ବ ସଫଳତା ଟପିବାକୁ ସବୁପ୍ରକାର ଉଦ୍ୟମ କରିଥିବା ଭଳି ମନେ ହେଉଛି। ଏ ଚଳଚ୍ଚିତ୍ରରେ ବାଣୀ ଜଣେ ନର୍ତ୍ତକୀ ଭୂମିକାରେ ଅବତୀର୍ଣ୍ଣ ହେବେ। ଏହି ଚରିତ୍ରରେ ଅଭିନୟ ପାଇଁ ତାଙ୍କୁ କଥକ ନୃତ୍ୟ ଶିଖିବାକୁ ପଡ଼ିଥିଲା ବୋଲି ଆମେ ପୂର୍ବରୁ ଜାଣିଥିଲୁ। କିନ୍ତୁ ଏଥି ପାଇଁ ତାଙ୍କୁ ଅଶ୍ୱାରୋହଣ ମଧ୍ୟ ଶିଖିବାକୁ ପଡ଼ିଥିଲା ବୋଲି ସେ ନିକଟରେ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶକ କରନ ମଲହୋତ୍ରାଙ୍କ କହିବା ଅନୁସାରେ ଚଳଚ୍ଚିତ୍ରରେ ଏହି ଅଭିନେତ୍ରୀଙ୍କର ଘୋଡ଼ା ସହିତ ବିଭିନ୍ନ ଦୃଶ୍ୟ ରହିଛି। କୌଣସି ପଶୁ ସହ ସୁଟିଂ କରିବାକୁ ହେଲେ ତା ସହିତ ପ୍ରଥମେ ସମ୍ପର୍କ ସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁଟିଂ ପୂର୍ବରୁ ବାଣୀଙ୍କୁ ଘୋଡ଼ା ନିୟନ୍ତ୍ରଣ କରିବା ଓ ଘୋଡ଼ା ଚଢ଼ିବାର ପ୍ରଶିକ୍ଷଣ ଦିଆଯାଇଥିଲା। ବାଣୀଙ୍କ କହିବା କଥା ଏକ ଘୋଡ଼ା ଉପରେ ଚଢ଼ିବା ପୂର୍ବରୁ ତା ସହିତ ଆବେଗିକ ସମ୍ପର୍କ ସ୍ଥାପନ କରିବାକୁ ହୁଏ। ନହେଲେ ସେ ଚଢ଼ାଳିକୁ ତଳେ ପକାଇ ଦେଇପାରେ। ପ୍ରଶିକ୍ଷକଙ୍କ ଉପଦେଶକ୍ରମେ ସେ ପ୍ରଥମେ ଘୋଡ଼ାଟିକୁ ନିୟମିତ ବିସ୍କୁଟ ଖୁଆଉଥିଲେ। ମାସ ମାସ ଧରି ଏକାଠି ଅଭ୍ୟାସ କରିବା ପରେ ଘୋଡ଼ାଟି ବାଣୀଙ୍କର ବନ୍ଧୁ ପାଲଟିଯାଇଥିଲା। ତା ପରେ ଯାଇ ସୁଟିଂ କରାଯାଇଥିଲା। ‘ସଞ୍ଜୁ’ ଚଳଚ୍ଚିତ୍ର ମୁକ୍ତିଲାଭର ଚାରିବର୍ଷ ପରେ ରଣବୀର କପୁର ‘ଶମଶେରା’ ଜରିଆରେ ବଡ଼ ପରଦାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ୧୫୦ କୋଟି ଟଙ୍କାର ବଜେଟ୍‌ରେ ଏହାର ନିର୍ମାଣ ହୋଇଛି। ଅଷ୍ଟାଦଶ ଶତାବ୍ଦୀର ଏକ କାଳଖଣ୍ଡରେ ‘ଶମଶେରା’ର କାହାଣୀ ପର୍ଯ୍ୟବସିତ। ରଣବୀର ଏଥିରେ ଉଭୟ ପିତା (ଶମଶେରା) ଓ ପୁତ୍ର (ବଲ୍ଲି) ଭୂମିକାରେ ଦେଖାଦେବେ। ଏହି ଚଳଚ୍ଚିତ୍ରର କେନ୍ଦ୍ରରେ ଅଛି ଖଳନାୟକ ସାଜିଥିବା ସଞ୍ଜୟ ଦତ୍ତ ଓ ରଣବୀରଙ୍କ ମଧ୍ୟରେ ସଂଘର୍ଷମୟ ଗାଥା। ବାଣୀ ଏହାର ମୁଖ୍ୟ ନାରୀ ଚରିତ୍ର ‘ସୋନା’ ଭୂମିକାରେ ଦେଖାଦେବେ। ଆସନ୍ତା ୨୨ ତାରିଖରେ ‘ଶମଶେରା’ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ଇଣ୍ଡଷ୍ଟ୍ରି ଛାଡି ଏବେ କ୍ଷେତରେ ଅଭିନେତ୍ରୀ ରତନ ରାଜପୁତ



‘ଅଗଲେ ଜନ୍‌ମୋ ମୋହେ ବେଟିଆ ହି କିଜୋ’ ଫେମ୍ ରତନ ରାଜପୁତ୍ ଅନେକ ଦିନ ହେବ ଛୋଟ ପରଦାରେ ଦେଖିବାକୁ ମିଳୁନାହାନ୍ତି। ଅଭିନୟରୁ ଦୂରେଇ ଯାଇ ଅଭିନେତ୍ରୀ ଜଣକ ଏବେ ଏକ୍‌ଦମ୍ ଦେଶୀ ଜୀବନ ଜିଉଛନ୍ତି। ସେ ଘରେ ରହି କ୍ଷେତବାଡି ସମ୍ଭାଳୁଛନ୍ତି ବୋଲି ଜାଣିବାକୁ ମିଳିଛି। ରତନ ରାଜପୁତ୍ ଟିଭିର ଅନେକ ବଡ ବଡ ଧାରାବାହିକରେ ନଜର ଆସିଛନ୍ତି। ମାତ୍ର ତାଙ୍କୁ ନିଜର ସ୍ୱୟଂବରରୁ ହିଁ ବାସ୍ତବ ଲୋକପ୍ରିୟତା ମିଳିଲା। ତେବେ ପ୍ରଶ୍ନ ଉଠୁଛି ଟିଭିରେ ସ୍ୱୟଂବର କରି ନିଜ ଜୀବନସାଥୀ ଖୋଜୁଥିବା ଏହି ଅଭିନେତ୍ରୀ ଜଣକ ଏକୁଟିଆ କାହିଁକି କାହିଁକି ଏଯାଏ କାହାକୁ ବିବାହ କରିନାହାନ୍ତି ଲୋକମାନଙ୍କ ମନରେ ଉଠୁଥିବା ଏହି ପ୍ରଶ୍ନର ଉତ୍ତର ରତନ ରାଜପୁତ ତାଙ୍କୁ ୟୁଟ୍ୟୁବ୍ ବ୍ଲଗ୍ ଜରିଆରେ ଦେଇଛନ୍ତି। ସେ କହିଛନ୍ତି କି ଏପରି ନୁହେଁ ଯେ ସେ ବିବାହ କରିବାକୁ ଚାହାନ୍ତିନି, ସେପରି ହୋଇଥିଲେ ସେ ସ୍ୱୟଂବର ହି କରିନଥାନ୍ତେ। ମାତ୍ର ତାଙ୍କ ମନ ପସନ୍ଦର ସାଥୀ ଏଯାଏ ତାଙ୍କୁ ମିଳିନଥିବାରୁ ସେ ବିବାହ କରିନାହାନ୍ତି। ସେ କହନ୍ତି କି ସେ ନିଜ ଜୀବନକୁ ଖୋଲି କରି ଜୀଇବାକୁ ଚାହାନ୍ତି। ପୂରା ଦୁନିଆକୁ ଉପଭୋଗ କରିବାକୁ ଚାହାନ୍ତି। ବିବାହ ପରେ କେବଳ କିଛି ଲୋକଙ୍କ ବନ୍ଧନରେ ବାନ୍ଧି ହୋଇ ରହିବାକୁ ଚାହାନ୍ତିନି। ଯେପରି ସେ ଏବେ ନିଜ ଜୀବନ ଜିଉଛନ୍ତି ବିବାହ ପରେ ସେ ସ୍ୱାଧୀନତା ତାଙ୍କୁ ମିଳିବ କି ନାହିଁ ବୋଲି ସେ ଦ୍ୱିଧାରେ ଅଛନ୍ତି।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com
ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty